ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୦/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, July 10/2025 Page 14 ₹ 7.00 RAYAGADA
୫୧ଶ ଭାଗ ୨୨୫ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 225 ମୂଲ୍ୟ₹୭/-



**ସେମିଫାଇନାଲରେ ସ୍ୱିଟେକ୍**

ପୋଲାଣ୍ଡର ଇଗା ସ୍ୱିଟେକ୍ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୦୨

**‘ବାଗୀ ୪’ର ଶୁଟିଂ ଶେଷ**

ଅଭିନେତା ଟାଇଗର ଶ୍ରଫ୍‌ଙ୍କ ‘ବାଗୀ ୪’ ଫିଲ୍ମର ଶୁଟିଂ ଶେଷ ହୋଇଛି। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।



# ଭଦୋଦରାରେ ବ୍ରିଜ୍ ଭୁଶୁଡ଼ିଲା: ୧୩ ମୃତ

**ଗଳିପଡ଼ିଲା ୬ ଗାଡ଼ି**

## ‘ଗୁଜରାଟ ମଡେଲ’କୁ କଂଗ୍ରେସର କଟାକ୍ଷ

**ଭଦୋଦରା,୯।୭ (ପି.ଟି./ ଏଜେନ୍ସି)**

ଗୁଜରାଟର ଭଦୋଦରା ଜିଲା ଦେଇ ପ୍ରବାହିତ ମହିସାଗର ନଦୀ ଉପରେ ନିର୍ମିତ ୪ ଦଶନ୍ଧି ପୁରୁଣା ବ୍ରିଜ୍ ବୁଧବାର ସକାଳେ ଭୁଶୁଡ଼ିପଡ଼ିଛି। ବ୍ରିଜ୍‌ର ଏକ ଅଂଶ ଭାଙ୍ଗିଯିବାରୁ ଏହା ଉପର ଦେଇ ଯାଉଥିବା ଅନେକ ଗାଡ଼ି ନଈକୁ ଖସିପଡ଼ିଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୯ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ସେହିପରି ଆହତମାନଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ ☞ପୃଷ୍ଠା-୪



ଗୁଜରାଟର ଭଦୋଦରା ଜିଲା ପାଦରା ସହର ନିକଟସ୍ଥ ୪୦ ବର୍ଷ ପୁରୁଣା ଗମ୍ଭୀରା ବ୍ରିଜ୍ ବୁଧବାର ସକାଳେ ଭୁଶୁଡ଼ିପଡ଼ିଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ୫ମ, ୮ମ ଶ୍ରେଣୀ ପାଇଁ ଫେରିଲା ଫେଲ୍ ବ୍ୟବସ୍ଥା

**ପ୍ରାଥମିକ ଶିକ୍ଷାରେ ପୁଣି ଥରେ ପାସ୍, ଫେଲ୍ ବ୍ୟବସ୍ଥା ଆପଣାଇଛନ୍ତି ରାଜ୍ୟ ସରକାର। ତଦନୁଯାୟୀ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷା ନିୟମରେ ପରିବର୍ତ୍ତନ ଅଣାଯାଇଛି। ଜଣେ ପିଲା ପରୀକ୍ଷାରେ ଫେଲ୍ ହେଲେ, ତାଙ୍କୁ ୨ମାସ ଭିତରେ ଆଉ ଥରେ ଅତିରିକ୍ତ ପରୀକ୍ଷା ଦେବାର ସୁଯୋଗ ମିଳିବ। ପୁଣି ଯଦି ସେ ପରୀକ୍ଷାରେ ଫେଲ୍ ହୁଅନ୍ତି, ତେବେ ସେହି ଶ୍ରେଣୀରେ ଆଉଥରେ ପାଠ ପଢ଼ିବେ। ତେବେ ପ୍ରାଥମିକ ଶିକ୍ଷା ଶେଷ ନ ହେବା ଯାଏ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ। ଏନେଇ ସରକାର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ-୨୦୧୦ରେ ସଂଶୋଧନ ଆଣିଛନ୍ତି। ଏହି ସଂଶୋଧନକୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ସଂଶୋଧନ) ଅଧିନିୟମ-୨୦୨୫ ଭାବେ ଗ୍ରହଣ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ପ୍ରକାଶିତ ବିଜ୍ଞପ୍ତିରେ ଏହା ଦର୍ଶାଯାଇଛି। ଗେଜେଟ୍ ନୋଟିଫିକେଶନ ପରଠାରୁ ନୂଆ ବ୍ୟବସ୍ଥା ଲାଗୁ ହେବ।**

**ଭୁବନେଶ୍ୱର,୯।୭ (ସୁଚିସ୍ମିତା ସାହୁ)**

ନୂତନ ସଂଶୋଧନ ଅନୁଯାୟୀ ପ୍ରତ୍ୟେକ ଶିକ୍ଷାବର୍ଷ ଶେଷରେ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଏକ ଶୃଙ୍ଖଳିତ ପରୀକ୍ଷା ବ୍ୟବସ୍ଥା ପ୍ରଚଳନ କରାଯିବ। ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଅଧିକ ସକ୍ଷମ କରିବାକୁ ପ୍ରୟାସ କରାଯିବ। ପରବର୍ତ୍ତୀ ଶ୍ରେଣୀକୁ ଯିବା ପୂର୍ବରୁ ଛାତ୍ରୀଛାତ୍ର ଯେପରି ତାଙ୍କର ମୌଳିକ ଶିକ୍ଷାସ୍ତର ହାସଲ କରିପାରିବେ, ସେନେଇ ପ୍ରୟାସ କରାଯାଇଛି। ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ଏବେ ବାର୍ଷିକ ପରୀକ୍ଷା ଦେବାକୁ ପଡ଼ିବ। ନିୟମ ବଦଳି ଥିବାରୁ ବିନା ପରିଶ୍ରମରେ ଶ୍ରେଣୀ ପରୀକ୍ଷା ପାସ୍ କରିହେବ ନାହିଁ। ପରୀକ୍ଷାରେ ଫେଲ୍ ହେଲେ ୨ମାସ ମଧ୍ୟରେ ପୁଣି ଥରେ ପରୀକ୍ଷା ଦେଇ ପାସ୍ ହେବାକୁ ପଡ଼ିବ। ହେଲେ ପ୍ରାଥମିକ ଶିକ୍ଷା ସମାପ୍ତ ନ ହେବା ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ତୃଣମୂଳ ସ୍ତରରୁ ହିଁ ପିଲାଙ୍କ ଶିକ୍ଷାର ବିକାଶ କରିବାକୁ ରାଜ୍ୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପ୍ରତିଷ୍ଠିତରୁ ପଛୁଆ



## ଆଧାର ପ୍ରଥମ ପରିଚୟ ନୁହେଁ: ୟୁଆଇଡିଏଆଇ ମୁଖ୍ୟ

ନୂଆଦିଲ୍ଲୀ,୯।୭

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପାଇଁ ଗ୍ରହଣୀୟ ପରିଚୟ ଦସ୍ତାବିଜ୍ ତାଲିକାରୁ ଆଧାରକୁ ବାଦ୍ ଦେବା ପାଇଁ ଦାବି ଜୋର୍ ଧରିଥିବାବେଳେ ଆଧାର କଦାପି ପ୍ରଥମ ପରିଚୟ ନୁହେଁ ବୋଲି ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଏଡିଏଆଇ)ର ସିଇଓ ଭୁବନେଶ କୁମାର ବୁଧବାର କହିଛନ୍ତି। ଜାଲ୍ ଆଧାର କାର୍ଡ ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକୁ ବନ୍ଦ କରିବା ପାଇଁ ୟୁଆଇଡିଏଆଇ ଉଦ୍ୟମ ଜାରି ରଖିଛି। ନୂଆ ଆଧାର କାର୍ଡଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ କ୍ୟୁଆର୍ କୋଡ୍ ରହିବା ସହ ଆଧାର କାର୍ଡ କ୍ୟୁଆର୍ ସ୍କାନର ଆପ୍‌ର ବିକାଶ କରାଯିବ ବୋଲି ଭୁବନେଶ କହିଛନ୍ତି। ଫଳରେ ଜାଲ୍ ଆଧାର କାର୍ଡ ଧରାପଡ଼ିଯିବ। ବିହାର ଭୋଟର ତାଲିକାରୁ ଅଣନାଗରିକଙ୍କୁ ବାଦ୍ ଦେବା ଲକ୍ଷ୍ୟରେ ନିର୍ବାଚନ କମିଶନ ଏସ୍ଆଇଆର୍ ଆରମ୍ଭ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଦେଶରେ ଏହା କାର୍ଯ୍ୟକାରୀ ହେବ।



ଟ୍ରେଡ୍ ୟୁନିୟନ୍ ଦ୍ୱାରା ବୁଧବାର ଭାରତ ବନ୍ଦ ବେଳେ ମୁମ୍ବାଇରେ ବ୍ୟାଙ୍କ କର୍ମଚାରୀମାନେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣକୁ ବିରୋଧ କରି ସ୍ଲୋଗାନ ଦେଉଛନ୍ତି।

# ଭାରତ ବନ୍ଦ ଯୋଗୁ ପରିବହନ ସେବା ବାଧାପ୍ରାପ୍ତ

ନୂଆଦିଲ୍ଲୀ,୯।୭

**■ବିହାର, ପଶ୍ଚିମବଙ୍ଗରେ ରେଲରୋକୋ**
**■କେରଳରେ ସମ୍ପୂର୍ଣ୍ଣ ବନ୍ଦ**

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ମାରଣ ଓ ରାଷ୍ଟ୍ର ବିରୋଧୀ ତଥା କର୍ପୋରେଟ୍ ସପକ୍ଷବାଦୀ ନୀତିକୁ ବିରୋଧ କରି ଟ୍ରେଡ୍ ୟୁନିୟନ ଏବଂ ଏହାର ସହଯୋଗୀ ସଂଗଠନଗୁଡ଼ିକ ପକ୍ଷରୁ ବୁଧବାର ଭାରତ ବନ୍ଦ କରାଯାଇଥିଲା। ଫଳରେ ଦେଶର ଅଧିକାଂଶ ଭାଗରେ ସାଧାରଣ ପରିବହନ ସେବା ଗୁରୁତର ବାଧାପ୍ରାପ୍ତ ହୋଇଛି। ଏଥିସହିତ ସରକାରୀ କାର୍ଯ୍ୟାଳୟ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବ୍ୟାଙ୍କିଙ୍ଗ୍ ଓ ବୀମା, ଡାକ ସେବା, କୋଇଲା ଖଣି ଓ ଶିଳ୍ପ ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇଛି। ବିହାର ଏବଂ ପଶ୍ଚିମବଙ୍ଗରେ ଲୋକେ ରେଳରୋକୋ କରିଥିଲେ। ବିହାର ଜେହନାବାଦ ରେଳଷ୍ଟେଶନରେ ଆର୍‌ଜେଡିର ଛାତ୍ର ସଂଗଠନ ସଦସ୍ୟମାନେ ରେଳରୋକରେ ସାମିଲ ହୋଇଥିବାବେଳେ ପଶ୍ଚିମବଙ୍ଗରେ ବାମଦଳ ସମର୍ଥିତ ଟ୍ରେଡ୍ ୟୁନିୟନଗୁଡ଼ିକର ଧର୍ମଘଟ ଯୋଗୁ ଯାଦବପୁର ସମେତ ବିଭିନ୍ନ ଷ୍ଟେଶନରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଓଡ଼ିଶାର ଭୁବନେଶ୍ୱରରେ ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ୍ସ (ସିଆଇଟିୟୁ)ର ଖୋର୍ଦ୍ଧା ଜିଲା ଶାଖା ସଦସ୍ୟମାନେ ବନ୍ଦକୁ ସମର୍ଥନ କରି ଜାତୀୟ ରାଜପଥ ଅବରୋଧ କରିଥିଲେ। ବାମଦଳ କର୍ମୀମାନେ କେରଳରେ ସମ୍ପୂର୍ଣ୍ଣ ବନ୍ଦ ପାଳନ କରିଥିଲେ। ଥିରୁଭାନନ୍ଥପୁରମ୍, କୋଚି, କୋଝିକୋଡ୍ ଆଦି ବୃହତ୍ ସହରଗୁଡ଼ିକର ରାସ୍ତାରେ ଟ୍ରେଡ୍ ୟୁନିୟନ ସଦସ୍ୟମାନେ ବିକ୍ଷୋଭକୁ ଜୋର୍‌ଦାର କରିଥିଲେ। ଫଳରେ ଯାତ୍ରୀ ଓ ମାଲ୍ ପରିବହନ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବା ସହ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା।

ଅନ୍ୟପକ୍ଷରେ ତାମିଲନାଡୁର ଚେନ୍ନାଇ ସମେତ ବିଭିନ୍ନ ସହରରେ ବନ୍ଦ ପ୍ରଭାବ ଅନୁଭୂତ ହୋଇ ନ ଥିଲା। ସେଠାରେ ଯାତ୍ରୀ ପରିବହନ ଯଥାରୀତି ଚାଲିଥିଲା। ଟ୍ରେଡ୍ ୟୁନିୟନଗୁଡ଼ିକର ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସରକାର କାର୍ଯ୍ୟକାରୀ କରିଥିବା ବନ୍ଦର ଶ୍ରମ ନୀତି ସମ୍ପୂର୍ଣ୍ଣ ରଦ୍ଦ କରିବା ସହ ଟ୍ରେଡ୍ ୟୁନିୟନଗୁଡ଼ିକ ୧୭ଟି ଦାବି ନେଇ ଆନ୍ଦୋଳନ ଚଳାଇଥିବା ସିଆଇଟିୟୁ ସାଧାରଣ ସମ୍ପାଦକ ତପନ କୁମାର ସେନ୍ କହିଛନ୍ତି।

## ଜାଗୁଆର ପ୍ରଶିକ୍ଷଣ ବିମାନ ଦୁର୍ଘଟଣା: ୨ ବାୟୁସେନା ପାଇଲଟ୍ ମୃତ



ନୂଆଦିଲ୍ଲୀ,୯।୭

ଭାରତୀୟ ବାୟୁସେନାର ଏକ ଜାଗୁଆର ପ୍ରଶିକ୍ଷଣ ବିମାନ ବୁଧବାର ମଧ୍ୟାହ୍ନରେ ରାଜସ୍ଥାନର ଚୁରୁ ଜିଲା ଅନ୍ତର୍ଗତ ଭାନୁଦା ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ଉଭୟ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ଗତ ୫ ମାସ ମଧ୍ୟରେ ଏହା ତୃତୀୟ ଜାଗୁଆର ବିମାନ ଦୁର୍ଘଟଣା। ଦୁର୍ଘଟଣା ଯୋଗୁ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ସହ କଳାଧୂଆଁ ଉଠୁଥିବା ଦେଖାଯାଇଥିଲାବେଳେ ଆଖପାଖ ଗାଁର ଲୋକେ ଆତଙ୍କିତ ହୋଇଯାଇଥିଲେ। ତେବେ ଦୁର୍ଘଟଣାସ୍ଥଳରେ ଜନସାଧାରଣଙ୍କ କୌଣସି ସମ୍ପତ୍ତି କ୍ଷୟକ୍ଷତି ହୋଇ ନ ଥିବା ବାୟୁସେନା ପକ୍ଷରୁ କୁହାଯାଇଛି। ମୃତ ପାଇଲଟ୍‌ଙ୍କ ପରିବାରକୁ ବାୟୁସେନା ସମବେଦନା ଜଣାଇଛି। ଏଥିସହିତ ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି।

# ୟୁକ୍ରେନ୍‌କୁ ରୁଷିଆ ଛାଡ଼ିଲା ୭୨୮ ଡ୍ରୋନ୍

କିଭ୍,୯।୭

ୟୁକ୍ରେନ୍‌କୁ ଅଧିକ ପ୍ରତିରକ୍ଷାତ୍ମକ ଅସ୍ତ୍ରଶସ୍ତ୍ର ଯୋଗାଇଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ପ୍ରତିଶ୍ରୁତି ଦେବା ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ କଡ଼ା ସମାଲୋଚନା କରିବାର କିଛି ଘଣ୍ଟା ପରେ ମସ୍କୋ କିଭ୍ ଉପରେ ଗୋଟିଏ ରାତିରେ ରେକର୍ଡ ସଂଖ୍ୟକ ୭୨୮ଟି ଡ୍ରୋନ୍‌ରେ ଆକ୍ରମଣ କରିଛି। ଏଥିସହ ରୁଷିଆ ୧୩ଟି କ୍ରୁଜ୍ ଓ ବାଲିଷ୍ଟିକ୍ ମିଶାଇଲ୍ ଛାଡ଼ିଥିବା ବୁଧବାର ୟୁକ୍ରେନ୍ ବାୟୁସେନା କହିଛି। ୟୁକ୍ରେନ୍‌ର ଏୟାର ଡିଫେନ୍ସ ସେଥିରୁ ୨୯୬ ଡ୍ରୋନ୍ ଏବଂ ୭ ମିଶାଇଲ୍‌କୁ ଖସାଇଦେଇଥିବାବେଳେ ୪୧୫ଟି ଡ୍ରୋନ୍ ରାଡାରରେ ଦୃଶ୍ୟ ହୋଇ ନ ଥିଲା କିମ୍ବା ଜାମ୍ ହୋଇଥିଲା ବୋଲି ଏହାର ବାୟୁସେନା ପକ୍ଷରୁ କୁହାଯାଇଛି।

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ଗତ କିଛି ସପ୍ତାହ ହେଲା ମସ୍କୋ ପକ୍ଷରୁ ଆକାଶମାର୍ଗ ଏବଂ ସ୍ଥଳଭାଗରେ ଆକ୍ରମଣକୁ ଜୋର୍‌ଦାର କରାଯାଇଛି। ୟୁକ୍ରେନ୍ ଉତ୍ତରପଶ୍ଚିମ ଭାଗରେ ଥିବା ଲୁଟସ୍କ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଅନ୍ୟ ୧୦ଟି ଅଞ୍ଚଳ ମଧ୍ୟ ଡ୍ରୋନ୍ ଓ ମିଶାଇଲ ଆକ୍ରମଣର ସମ୍ମୁଖୀନ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି କହିଛନ୍ତି। ଲୁଟସ୍କରେ ୟୁକ୍ରେନ୍ ସେନାର ଏୟାରଫିଲ୍ଡଗୁଡ଼ିକ ରହିଥିବାବେଳେ ଏହି ସହର ଉପର ଦେଇ ନିୟମିତ ବହୁସଂଖ୍ୟାରେ କାର୍ଗୋ



ବିମାନ ଏବଂ ଯୁଦ୍ଧବିମାନ ଉଡ଼ିଥାଏ। ଯୁଦ୍ଧର ଗୁରୁତ୍ୱପୂର୍ଣ୍ଣ ଲଜିଷ୍ଟିକ୍ ପୃଷ୍ଠଭୂମି ଭାବେ ଜଣାଶୁଣା ୟୁକ୍ରେନ୍‌ର ପଶ୍ଚିମ ଭାଗରେ ଅନେକ ଏୟାରଫିଲ୍ଡ ଏବଂ ବିଦେଶୀ ସେନା ସହାୟତା ଡିପୋ ରହିଛି। ସେଠାରୁ ଦେଶର ଅନ୍ୟ ସ୍ଥାନକୁ ଅସ୍ତ୍ରଶସ୍ତ୍ର ପଠାଯାଇଥାଏ। ଏହି ଯୋଗାଣ କରିଡରରେ ବାଧା ସୃଷ୍ଟି ପାଇଁ ରୁଷିଆ ସେଠାରେ ଅଧିକ ଆକ୍ରମଣ ଜାରି ରଖିଛି।

ରୁଷିଆ ବାୟୁସେନା ୟୁକ୍ରେନ୍‌ର ଏୟାରବେସ୍ ଏବଂ ଅନ୍ୟ ଟାର୍ଗେଟଗୁଡ଼ିକୁ ଡ୍ରୋନ୍ ଓ ମିଶାଇଲ୍‌ରେ ଆକ୍ରମଣ କରିଥିବା ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଗତ ୪ ତାରିଖରେ ମସ୍କୋ ୟୁକ୍ରେନ୍ ଉପରେ ବଡ଼ ଧରଣର ଏୟାରଷ୍ଟ୍ରାଇକ୍ କରିଥିଲା। ୧,୦୦୦ କିଲୋମିଟର ବ୍ୟାପୀ ସୀମାନ୍ତର ବିଭିନ୍ନ ସ୍ଥାନରେ ରୁଷିଆ ପର୍ଯ୍ୟାପ୍ତ ସୈନ୍ୟ ରଖି ଆକ୍ରମଣକୁ ଜୋର୍‌ଦାର କରିଥିବାବେଳେ ୟୁକ୍ରେନ୍ ସେନା ଚାପରେ ରହିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ଜାନୁଆରୀରେ କ୍ଷମତାକୁ ଆସିବା ପରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ଉଦ୍ୟମ କରି ଆସୁଛନ୍ତି। ତେବେ ଶାନ୍ତି ସ୍ଥାପନ ଦିଗରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ମଙ୍ଗଳବାର ଟ୍ରମ୍ପ ଅସନ୍ତୋଷ ବ୍ୟକ୍ତ କରିଥିଲେ। ୟୁକ୍ରେନ୍ ପ୍ରତିରକ୍ଷା ପାଇଁ ଆମେରିକା ପ୍ରଶାସନର ପ୍ରତିଶ୍ରୁତିବଦ୍ଧତାରେ ଅନିଶ୍ଚିତତା ଦେଖାଦେଇଥିବାବେଳେ ୱାଶିଂଟନ କିଭ୍‌କୁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ଯୋଗାଣ ବନ୍ଦ କରିଥିଲା। ତେବେ ପୁଟିନ୍‌ଙ୍କ କାର୍ଯ୍ୟରେ କ୍ଷୁବ୍ଧ ହୋଇ ଟ୍ରମ୍ପ ୟୁକ୍ରେନ୍‌କୁ ଅଧିକ ଅସ୍ତ୍ର ଯୋଗାଇଦେବେ ବୋଲି ମଙ୍ଗଳବାର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ କ୍ରେମ୍ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ କହିଛନ୍ତି, ୱାଶିଂଟନ ସହ ଆଲୋଚନା ଜାରି ରଖିବାକୁ ମସ୍କୋ ଆଶାବାଦୀ ରହିଛି। ନଷ୍ଟ ହୋଇଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ପୁଣିଥରେ ସଜାଡ଼ିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି। ସେପଟେ ଜେଲେନସ୍କି କହିଛନ୍ତି, ୟୁକ୍ରେନ୍‌ର ପଶ୍ଚିମ ଭାଗରେ ରୁଷିଆ ପ୍ରଚଣ୍ଡ ଆକ୍ରମଣ କରି ଆମେରିକା ନେତୃତ୍ୱରେ ଚାଲିଥିବା ଶାନ୍ତି ସ୍ଥାପନ ଉଦ୍ୟମ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ରୁଷିଆ ତୈଳ ଉପରେ କଠୋର କଟକଣା ଲଗାଇବା ସେ ୟୁକ୍ରେନ୍‌ର ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ନିବେଦନ କରିଛନ୍ତି। ସେହିପରି ଯେଉଁ ଦେଶଗୁଡ଼ିକ ରୁଷିଆରୁ ତେଲ କିଣି ଏହାକୁ ଯୁଦ୍ଧ ଲଢ଼ିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି, ସେମାନଙ୍କ ବିରୋଧରେ ମଧ୍ୟ କଟକଣା ଲଗାଇବାକୁ ଜେଲେନ୍‌ସ୍କି କହିଛନ୍ତି।

ରୁଷିଆ ଆକ୍ରମଣର ଜବାବ ଦେବା ପାଇଁ ପୋଲାଣ୍ଡ ଏହାର ଯୁଦ୍ଧବିମାନଗୁଡ଼ିକୁ ପ୍ରସ୍ତୁତ ରଖିବା ସହ ସଶସ୍ତ୍ର ବଳକୁ ସର୍ବାଧିକ ଆଲର୍ଟରେ ରଖିଛି। ଚଳିତ ଦଶନ୍ଧି ଶେଷ ସୁଦ୍ଧା ରୁଷିଆ ୟୁରୋପୀୟ ସଂଘର ସୁରକ୍ଷା ପ୍ରତି ବିପଦ ଭାବେ ଉଭା ହେବାକୁ ଯାଉଥିବା ଡାନିସ୍ ପ୍ରଧାନମନ୍ତ୍ରୀ ମେଟ୍ଟେ ଫ୍ରେଡେରିକ୍‌ସେନ୍ କହିଛନ୍ତି। ୟୁରୋପ ଏବଂ ୟୁକ୍ରେନ୍‌ର ପ୍ରତିରକ୍ଷା ଶିଳ୍ପଗୁଡ଼ିକ ୫ ବର୍ଷ ମଧ୍ୟରେ ଉତ୍ପାଦନ ସାମର୍ଥ୍ୟ ବଢ଼ାଇବାକୁ ସେ ଆହ୍ୱାନ ଦେଇଛନ୍ତି।

# ମହାକାଶରେ ଚାଷୀ ହେଲେ ଶୁଭାଂଶୁ

ନୂଆଦିଲ୍ଲୀ, ୯।୭ (ପି.ଟି.)

**ମେଥି, ମୁଗ ବିହନ ଅଙ୍କୁରିତ କଲେ**

'ଆକ୍ସିଓମ ୪' ମିଶନରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ଗସ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଇଏସ୍ଏସ୍‌ରେ ସେ ସାଥୀ କ୍ରିଉ ସଦସ୍ୟଙ୍କ ସହ ମିଶି ଅନେକ ବୈଜ୍ଞାନିକ ପରୀକ୍ଷଣ କରିଛନ୍ତି। ଏକ ପରୀକ୍ଷଣରେ ଶୁଭାଂଶୁ ମେଥି ଏବଂ ମୁଗ ବିହନକୁ ଏକ ପେଟ୍ରି ଡିସ୍‌ରେ ଅଙ୍କୁରିତ କରି ଏହାକୁ ଆଇଏସ୍ଏସ୍‌ର ଏକ ଷ୍ଟୋରେଜ ଫ୍ରିଜରରେ ଭର୍ତ୍ତି କରୁଥିବାର ଫଟୋ ଶେୟାର କରିଛନ୍ତି। ମହାକାଶରେ ଅତିଲଘୁ ଗୁରୁତ୍ୱାକର୍ଷଣ ଦ୍ୱାରା କିପରି ଉଦ୍ଭିଦର ପ୍ରାରମ୍ଭିକ ବିକାଶ ପ୍ରକ୍ରିୟା ପ୍ରଭାବିତ ହୋଇଥାଏ, ସେ ସମ୍ପର୍କିତ ଅଧ୍ୟୟନ ପାଇଁ ଶୁଭାଂଶୁ ଏପରି କରିଛନ୍ତି। ପ୍ରକାଶ ଯେ, ଆକ୍ସିଓମ ୪ ମିଶନ ଅଧୀନରେ ଶୁଭାଂଶୁ ଆଇଏସ୍ଏସରେ ୧୨ ଦିନ ବିତାଇ ସାରିଛନ୍ତି।


ଆଇଏସ୍ଏସ୍‌ରେ ଶୁଭାଂଶୁ ଶୁକ୍ଲା ବୈଜ୍ଞାନିକ ପରୀକ୍ଷଣ କରୁଛନ୍ତି।

## କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଚାପୁଡ଼ା ମାରିଲେ ଶିବସେନା ବିଧାୟକ

ମୁମ୍ବାଇ, ୯।୭ (ପି.ଟି.)

ମୁମ୍ବାଇରେ ଆକାଶବାଣୀ ପରିସର ବିଧାୟକ ନିବାସ କ୍ୟାଣ୍ଟିନରେ ମଙ୍ଗଳବାର ରାତିରେ ଶିବସେନା ବିଧାୟକ ସଞ୍ଜୟ ଗାୟକୱାଡ୍ ଜଣେ କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଚାପୁଡ଼ା ମାରିଛନ୍ତି। ବାସି ଏବଂ ଦୁର୍ଗନ୍ଧଯୁକ୍ତ ଖାଦ୍ୟ ପରଷାଯାଇଥିବା ଅଭିଯୋଗ କରି ସେ କ୍ୟାଣ୍ଟିନ କର୍ମଚାରୀଙ୍କୁ ଚାପୁଡ଼ା ମାରିଥିଲେ। ଘଟଣାକୁ ନେଇ ଗାୟକୱାଡ୍ କହିଛନ୍ତି, କିଛିଦିନ ହେବ ସେଠାରେ ବାରମ୍ବାର ବାସି ଏବଂ ଅନୁପଯୁକ୍ତ ଖାଦ୍ୟ ପରାଷାଯାଉଥିଲା। ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଚାପୁଡ଼ା ମାରି ସେ ଅନୁତପ୍ତ ନୁହଁନ୍ତି ବୋଲି ଗାୟକୱାଡ୍ କହିଛନ୍ତି। ତେବେ ଏହି ଘଟଣାକୁ ନେଇ ମହାରାଷ୍ଟ୍ରର ରାଜନୀତି ତୀବ୍ର ହୋଇଛି। ବିରୋଧୀ କଂଗ୍ରେସ, ଶିବସେନା (ୟୁବିଟି) ଏବଂ ଏନ୍‌ସିପି (ଏସ୍‌ପି) ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

# ବିହାର ନିର୍ବାଚନରେ ମହାରାଷ୍ଟ୍ର ଭଳି ଜାଲିଆତି ହେବାକୁ ଦେବୁନି: ରାହୁଲ

ପାଟନା,୯।୭(ପି.ଟି.)

୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପାକୁ ଜିତାଇବା ପାଇଁ ଜାଲିଆତି କରାଯାଇଥିଲା। ଚଳିତବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କେନ୍ଦ୍ରର ଏନ୍‌ଡିଏ ସରକାର ଉକ୍ତ ଜାଲିଆତିକୁ ଦୋହରାଇବା ପାଇଁ ଚାହୁଁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ଅଭିଯୋଗ କରିଛନ୍ତି। ତେବେ ବିହାରରେ ଏହା ହେବାକୁ ଦିଆଯିବ ନାହିଁ ବୋଲି ପାଟନାସ୍ଥିତ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଉଥିବା ଇଣ୍ଡିଆ ବ୍ଲକ୍ କର୍ମୀଙ୍କ ବିକ୍ଷୋଭ ରାଲିରେ ଉଦ୍‌ବୋଧନ ଦେଇ ଲୋକ ସଭାର ବିରୋଧୀ ଦଳ ନେତା କହିଛନ୍ତି।


ପାଟନାରେ ବିହାର ବନ୍ଦବେଳେ କଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ସହ ଇଣ୍ଡିଆ ବ୍ଲକ୍ ସଦସ୍ୟମାନେ।

ବିହାରରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଆରମ୍ଭ ହୋଇଥିବାବେଳେ ଏହାକୁ ବିରୋଧ କରି ଇଣ୍ଡିଆ ବ୍ଲକ୍ ପକ୍ଷରୁ ବୁଧବାର ବିକ୍ଷୋଭ କରାଯାଇଥିଲା। ଏସ୍ଆଇଆର୍ ହେଉଛି ଭୋଟର ତାଲିକାରେ ହେରଫେର କରିବା ପାଇଁ ମହାରାଷ୍ଟ୍ର ମଡେଲର ପରିବର୍ଦ୍ଧିତ ରୂପ। ଏହା କେବଳ ଲୋକଙ୍କ ଅଧିକାର ଛଡ଼ାଇ ନେବ ନାହିଁ ବରଂ ସେମାନଙ୍କ ସମ୍ପୂର୍ଣ୍ଣ ଭବିଷ୍ୟତକୁ ମଧ୍ୟ ଛଡ଼ାଇନେବ ବୋଲି ରାହୁଲ କହିଛନ୍ତି। ସମ୍ବିଧାନର ସୁରକ୍ଷା କରିବା ବଦଳରେ ନିର୍ବାଚନ କମିଶନ ଭାଜପା ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ଭୋଟର ତାଲିକା ସଂଶୋଧନ ହେଉଛି ନିର୍ବାଚନକୁ ଚୋରାଇବାର ଉଦ୍ୟମ। ଲୋକଙ୍କ ଭୋଟ ଅଧିକାରକୁ ଛଡ଼ାଇ ନେବାକୁ ଦିଆଯିବ ନାହିଁ ବୋଲି ରାହୁଲ କହିଛନ୍ତି। ଏହି ବିକ୍ଷୋଭ ରାଲିରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ସିପିଆଇ(ଏମ୍)ର ଏମ୍.ଏ. ବେବି ଏବଂ ସିପିଆଇ(ଏମ୍ଏଲ୍)ର ଦୀପଙ୍କର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

**ଫୁର୍‌ସତ୍**

# ୧୦ ହଜାର ଫୁଟ ଉଚ୍ଚରୁ ୮୦ ବର୍ଷୀୟାଙ୍କ ସ୍କାଏ ଡାଇଭିଂ

ମହେନ୍ଦ୍ରଗଡ଼

**ଭାରତର ସବୁଠୁ ବୟସ୍କା ସ୍କାଏ ଡାଇଭର ଭାବେ ରେକର୍ଡ କଲେ ରାଜସ୍ଥାନର ଶ୍ରଦ୍ଧା ଚୌହାନ**

ହରିୟାଣାର ମହେନ୍ଦ୍ରଗଡ଼ ଜିଲା ନାରନୌଲଠାରେ ଜଣେ ୮୦ ବର୍ଷୀୟା ମହିଳା ଶ୍ରଦ୍ଧା ଚୌହାନ ୧୦ ହଜାର ଫୁଟ ଉଚ୍ଚତାରୁ ସ୍କାଏ ଡାଇଭିଂ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଏହାସହ ଭାରତର ସବୁଠାରୁ ବୟସ୍କା ସ୍କାଏ ଡାଇଭର ଭାବେ ସେ ରେକର୍ଡ ସୃଷ୍ଟି କରିଛନ୍ତି। ଆକାଶରେ ୧୦ ହଜାର ଫୁଟ ଉଚ୍ଚତାରେ ଏକ ଏୟାରକ୍ରାଫ୍ଟରୁ ଡେଇଁ ସେ ଏହି ସ୍କାଏ ଡାଇଭିଂ କରିଥିଲେ। ଏହି ସମୟରେ ତାଙ୍କର ବେଗ ଘଣ୍ଟା ପ୍ରତି ୨୩୦ କି.ମି. ରହିଥିଲା।

ରାଜସ୍ଥାନର କୋଟପୁତଲି-ବହରୋଡ୍ ଜିଲା ଢାଣି ଗ୍ରାମ ନିବାସୀ ଶ୍ରଦ୍ଧା ପୂର୍ବରୁ ଯୋଧପୁରର ଏକ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ପ୍ରଫେସର



ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ପୁଅ ସୌରଭ ସିଂହ ଶେଖାୱତ ଭାରତୀୟ ସେନାରେ ଜଣେ ବ୍ରିଗେଡିୟର ଥିଲେ। ସୌରଭ କହିଛନ୍ତି, ଏକଦା ତାଙ୍କ ମା' ଖୋଲା ଆକାଶରେ ଉଡ଼ିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେବେଠାରୁ ସେ ମା'ଙ୍କ ଏହି ଇଚ୍ଛା ପୂରଣ କରିବା ପାଇଁ ଚିନ୍ତା କରିଥିଲେ। ଗତ ଜୁଲାଇ ୧ରେ ମା'ଙ୍କ ୮୦ତମ ଜନ୍ମଦିନରେ ସେ ତାଙ୍କର ଏହି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିଥିଲେ। ସୌରଭ ସେନା ଛାଡ଼ିବା ପରେ ହରିୟାଣାର ନାର୍‌ନୌଲଠାରେ ଥିବା ସ୍କାଏ ହାଇ ଡାଇଭିଂ ସେଣ୍ଟରରେ ଜଣେ ପରାମର୍ଶଦାତା ଏବଂ ମୁଖ୍ୟ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି। ଏହି ସ୍କାଏ ଡାଇଭିଂ ପାଇଁ ସେ ତାଙ୍କ ମା'ଙ୍କୁ ବହୁ ପୂର୍ବରୁ ତାଲିମ ଦେବା ଆରମ୍ଭ କରିଥିଲେ। ସ୍କାଏ ଡାଇଭିଂ ପାଇଁ ସମସ୍ତ ଆବଶ୍ୟକ ବ୍ୟବସ୍ଥାକୁ ପୂରଣ କରିବା ପରେ, ସେ ତାଙ୍କ ମା' ଶ୍ରଦ୍ଧାଙ୍କ ସହ ମିଶି ୧୦ ହଜାର ଫୁଟ ଉଚ୍ଚରେ ଏକ ଏୟାରକ୍ରାଫ୍ଟରୁ ଡେଇଁଥିଲେ।

# 'ବାଗୀ ୪'ର ଶୁଟିଂ ଶେଷ

ମୁମ୍ବାଇ

ଏ. ହର୍ଷାଙ୍କ ନିର୍ଦ୍ଦେଶିତ ଏବଂ ସାଜିଦ୍ ନାଦିଆଦ୍‌ୱାଲାଙ୍କ ନିର୍ମିତ ଆକ୍ସନ ଥ୍ରୀଲର ଫିଲ୍ମ 'ବାଗୀ ୪'ର ଶୁଟିଂ ଗତବର୍ଷ ନଭେମ୍ବର ୧୮ରେ ଆରମ୍ଭ ହୋଇଥିଲା। ସମ୍ପ୍ରତି ଶୁଟିଂ ଶେଷ ହୋଇଥିବା ନେଇ ଅଭିନେତା ଟାଇଗର ଶ୍ରଫ୍ ବୁଧବାର ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଟାଇଗର ତାଙ୍କ ପୋଷ୍ଟରେ ଫିଲ୍ମ ଶୁଟିଂସେଟ୍‌ର କେତେକ ଫଟୋ ଶେୟାର କରିଛନ୍ତି। କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, 'ବାଗୀ ୪'ର ଶୁଟିଂ ଶେଷ ହୋଇଛି। ଏହାର ଅନୁଭୂତି ଅତ୍ୟନ୍ତ ଚମତ୍କାର ଥିଲା, ଯାହା ସବୁବେଳେ ମନେରହିବ। ତାଙ୍କ ଉପରେ ବାରମ୍ବାର ବିଶ୍ୱାସ କରିଥିବାରୁ ସେ 'ବାଗୀ' ଫ୍ରାଞ୍ଚାଇଜ୍ ଏବଂ ଫିଲ୍ମ ନିର୍ମାତା ସାଜିଦ୍ ନାଦିଆଦ୍‌ୱାଲାଙ୍କୁ ଧନ୍ୟବାଦ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୫ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। 'ବାଗୀ ୪' ଫିଲ୍ମରେ ଟାଇଗରଙ୍କ ବିପକ୍ଷରେ ଅଭିନେତ୍ରୀ ସୋନମ ବାଜୱା ନଜରକୁ ଆସିବେ। ଫିଲ୍ମରେ ପ୍ରଥମ ଥର ପାଇଁ ସୋନମଙ୍କ ସହ ଟାଇଗରଙ୍କ ରୋମାଣ୍ଟିକ୍ ଭୂମିକା ଦେଖିବାକୁ ମିଳିବ, ଯାହାକୁ ନେଇ ଉଭୟଙ୍କ ପ୍ରଶଂସକ ଫିଲ୍ମ ରିଲିଜ୍‌କୁ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ଫିଲ୍ମରେ ଅଭିନେତା ସଞ୍ଜୟ ଦତ୍ତଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ। 'ବାଗୀ ୪'ରେ ଟାଇଗରଙ୍କ ଅନେକ ଆକ୍ସନ ଦୃଶ୍ୟ ରହିଥିବା ନେଇ ପ୍ରକାଶ ପାଇଛି।


ଟାଇଗର ଶ୍ରଫ୍




# ପେଟ୍ରୋଲ, ଡିଜେଲ ସଙ୍କଟ ଆଶଙ୍କା

## ଡ୍ରାଇଭର ମହାସଂଘର ବନ୍ଦ ଡାକରାର ପ୍ରଭାବ

ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)

ଡ୍ରାଇଭର ମହାସଂଘର ବନ୍ଦ ଡାକରା ଯୋଗୁ ତୈଳ ସେବା ପ୍ରଭାବିତ ହୋଇଛି। ଭାରତ ବନ୍ଦ ପାଇଁ ପେଟ୍ରୋଲ ପମ୍ପ ବନ୍ଦ ରହିବା ନେଇ କୌଣସି ଘୋଷଣା ହୋଇ ନ ଥିଲା। ମାତ୍ର ଓଡ଼ିଶାରେ ଡ୍ରାଇଭର ମହାସଂଘ ଓ ବିଭିନ୍ନ ଟ୍ରେଡ ସଂଗଠନର ଆନ୍ଦୋଳନ ଯୋଗୁ ପେଟ୍ରୋଲ ପମ୍ପଗୁଡ଼ିକ ବନ୍ଦ ରହିଛି। ବାଲେଶ୍ୱର, ଖୋର୍ଦ୍ଧାର ଜଟଣୀ, ପାରାଦୀପରେ କମ୍ୟୁନିଷ୍ଟ ପାର୍ଟିର କର୍ମୀମାନେ ପିକେଟିଂ କରି ଗାଡ଼ି ଅଟକାଇବା ଦ୍ୱାରା ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ସଙ୍କଟ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। 'ଆମ ପାଖରେ ଯେତିକି ତେଲ ମହଜୁଦ ଥିଲା, ତାହା ଗୁରୁବାର ପର୍ଯ୍ୟନ୍ତ ଯିବ' ବୋଲି ଉତ୍କଳ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏଶନର ସଭାପତି ସଞ୍ଜୟ ଲାଠ କହିଛନ୍ତି। ଯଦି ଡ୍ରାଇଭର ସଂଘର ଆନ୍ଦୋଳନ ଜାରି ରହେ, ତେବେ ତୈଳ ସଙ୍କଟ ଦେଖାଦେବ ବୋଲି ସଞ୍ଜୟ ସୂଚନା ଦେଇଛନ୍ତି। ଯଦି ସଞ୍ଜୟଙ୍କ ଆକଳନ ଠିକ ହୁଏ, ତେବେ ଗାଡ଼ି ଚାଳକଙ୍କୁ ପେଟ୍ରୋଲ ଓ ଡିଜେଲ ପାଇଁ ହଇରାଣ ହେବାକୁ ପଡ଼ିବ। ତେଲ ସଙ୍କଟ ହେଲେ ସାଧାରଣ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବଡ଼ ପରିବହନ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇପାରେ।






# ଓଡ଼ିଶା ସରକାରଙ୍କୁ ମହୁଆଙ୍କ ଚେତାବନୀ

■ ଝାରସୁଗୁଡ଼ାରେ ଅଟକ ୪୪୪ ବଙ୍ଗାଳୀ ଶ୍ରମିକଙ୍କ ମଧ୍ୟରେ କୃଷ୍ଣନଗରର ୨୩

■ ସେମାନଙ୍କୁ ତୁରନ୍ତ ନ ଛାଡ଼ିଲେ ନିଆଯିବ ଆଇନଗତ କାର୍ଯ୍ୟାନୁଷ୍ଠାନ

କୋଲକାତା,୯।୭


ମହୁଆ ମୋଇତ୍ର

ଝାରସୁଗୁଡ଼ା ଜିଲାର ବିଭିନ୍ନ ଥାନା ଅଧୀନ ଅଞ୍ଚଳର ନିର୍ମାଣ ଓ ଖଣି ଖନନ କାର୍ଯ୍ୟରେ ନିୟୋଜିତ ଥିବା ୪୪୪ ଜଣଙ୍କୁ ବାଂଲାଦେଶୀ ନାଗରିକ ହୋଇଥିବା ସନ୍ଦେହ କରି ଅଟକ ରଖାଯାଇଛି। ଜୁଲାଇ ୭ରୁ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ ଚାଲିଥିବା ନେଇ ମଙ୍ଗଳବାର ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଦେଶରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟକରି ବାହାର କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ଏହି ଅପରେଶନ୍ ଚଳାଇଥିବା ଜଣାପଡ଼ିଛି। ଖବର ପ୍ରସାରିତ ହେବାର ଦିନକ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ଏନେଇ ଓଡ଼ିଶା ସରକାରଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି।

ନିକଟରେ ପୁରୀର ପୂର୍ବତନ ବିଜେଡି ଏମ୍‌ପି ପିନାକୀ ମିଶ୍ରଙ୍କୁ ବିବାହ କରି ଚର୍ଚ୍ଚାକୁ ଆସିଥିବା ପଶ୍ଚିମବଙ୍ଗର କୃଷ୍ଣନଗର ସାଂସଦ ମହୁଆ ମୋଇତ୍ର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ଭିଡିଓ ଜାରି କରି କହିଛନ୍ତି, ଓଡ଼ିଶା ସରକାର ଅଟକ ରଖିଥିବା ବ୍ୟକ୍ତିମାନେ ପଶ୍ଚିମବଙ୍ଗର। ଏହି ବଙ୍ଗାଳୀ ଶ୍ରମିକଙ୍କ ମଧ୍ୟରୁ ୨୩ ଜଣ ତାଙ୍କ ସଂସଦୀୟ ନିର୍ବାଚନମଣ୍ଡଳୀ କୃଷ୍ଣନଗର ଅଧୀନ ନଦିଆ ଜିଲା ପାଣିଘାଟ ଗ୍ରାମପଞ୍ଚାୟତ ମିର୍ଜାପୁର ଗ୍ରାମର ବାସିନ୍ଦା। ସେମାନଙ୍କୁ ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ପୋଲିସ ଜେରା କେନ୍ଦ୍ରରେ ଅନ୍ୟ ୪୨୧ ବଙ୍ଗାଳୀ ଶ୍ରମିକଙ୍କ ସହ ବେଆଇନ ଭାବେ ଅଟକ ରଖିଛି। ଉକ୍ତ ଭିଡିଓରେ ଏକ ବଡ଼ ହଲ୍ ଦେଖିବାକୁ ମିଳୁଛି, ଯେଉଁଠି ଜଣେ ବ୍ୟକ୍ତି କହୁଛନ୍ତି, ସେମାନେ ସମସ୍ତେ ଭାରତୀୟ। ସେମାନଙ୍କୁ ସନ୍ଦିଗ୍ଧ ବାଂଲାଦେଶୀ ଭାବେ ଅଟକ ରଖାଯାଇଛି। ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହସ୍ତକ୍ଷେପ କରି ସେମାନଙ୍କ ମୁକ୍ତି ପାଇଁ ସାହାଯ୍ୟ କରନ୍ତୁ ବୋଲି ଯୁବକ ଜଣକ ଅନୁରୋଧ କରିଛନ୍ତି।

### ଭାରତ ଧର୍ମଶାଳା ନୁହେଁ: ଟଙ୍କଧର


ଟଙ୍କଧର ତ୍ରିପାଠୀ

ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ଓଡ଼ିଶା ସରକାରଙ୍କୁ ଚେତାବନୀ ଦେବା ପରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ଭାରତ ଏକ ଧର୍ମଶାଳା ନୁହେଁ। ଏପରି ଅନେକ ଲୋକ ବେଆଇନ ଭାବେ ପଶିଆସି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ଯଦ୍ୱାରା ଦେଶର ନିରୀହ ଜନସାଧାରଣଙ୍କୁ ବିପଦର ସମ୍ମୁଖୀନ ହେବାକୁ ପଡୁଛି। ଜାତୀୟ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଦେଶ ଅନୁସାରେ ଝାରସୁଗୁଡ଼ା ପୋଲିସ ଏହି ଅବୈଧ ଭାବରେ ରହିଥିବା ବାଂଲାଦେଶୀ ରୋହିଙ୍ଗ୍ୟାମାନଙ୍କୁ ଚିହ୍ନଟ କରି ସମ୍ମାନର ସହିତ ରଖିଛି। ଯେଉଁମାନଙ୍କର ପରିଚୟପତ୍ର ଭାରତୀୟ ନାଗରିକ ଭାବରେ ରହିଛି, ସେମାନଙ୍କୁ ଛଡ଼ାଯାଉଛି। ଯେଉଁମାନେ ବେଆଇନ ଭାବେ ରହୁଛନ୍ତି, ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଷ୍ଟ୍ରର ନିରାପତ୍ତା ପାଇଁ ଏହା ଏକ ସର୍ବଶ୍ରେଷ୍ଠ ପ୍ରଚେଷ୍ଟା। ବିଜେଡି ଯାହା କହିପାରୁନି, ତାହା ନୂଆବୋହୂ ମହୁଆ ମୋଇତ୍ରଙ୍କ ମାଧ୍ୟମରେ କୁହାଯାଉଛି। ଯଦି ସତ୍‌ସାହସ ଅଛି ତେବେ ବିଜେଡି ଏହା ଉପରେ ମତ ରଖୁ।

ଏଥିରେ ମହୁଆ ଆହୁରି କହିଛନ୍ତି, ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ସଂଜ୍ଞାନକୁ ନେଇ ଅଟକଥିବା ୨୩ ଶ୍ରମିକଙ୍କୁ ତୁରନ୍ତ ମୁକ୍ତ କରନ୍ତୁ। ଅନ୍ୟଥା ବେଆଇନ ଭାବେ ଅଟକ ରଖାଯିବା ବିରୋଧରେ ଦେଶର ୨୩ଟି କୋର୍ଟରେ ୨୩ ହେବିଅସ୍ କର୍ପସ ପିଟିଶନ ଦାଖଲ କରାଯିବ। ଏନେଇ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ମନୋଜ ପନ୍ଥ ମଧ୍ୟ ଓଡ଼ିଶା ପ୍ରତିପକ୍ଷ ମନୋଜ ଆହୁଜାଙ୍କୁ ପତ୍ର ଲେଖି ଅଟକ ବ୍ୟକ୍ତିମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନ କାଳରେ ଆମେ ଏଭଳି ସ୍ଥିତି କେବେ ଦେଖିବାକୁ ପାଇ ନ ଥିଲୁ। କିନ୍ତୁ ଗତ ବର୍ଷକ ମଧ୍ୟରେ ଭାଜପା କ୍ଷମତାକୁ ଆସିବା ପରେ ଏହା ଏକ ନିତିଦିନିଆ ଘଟଣା ହୋଇଗଲାଣି ବୋଲି ମହୁଆ ସମାଲୋଚନା କରିଛନ୍ତି। କେବଳ ଏତିକି ନୁହେଁ, ଓଡ଼ିଶା ସରକାର ବଙ୍ଗାଳୀ ପର୍ଯ୍ୟଟକଙ୍କ ଯୋଗୁ ପର୍ଯ୍ୟଟନ କ୍ଷେତ୍ରରୁ ୫୦% ରାଜସ୍ୱ ଲାଭ କରୁଛନ୍ତି। ବଙ୍ଗାଳୀମାନେ ଓଡ଼ିଶା ଯିବା ବନ୍ଦ କରିଦେଲେ କ'ଣ ହେବ ଚିନ୍ତା କରନ୍ତୁ ବୋଲି ମହୁଆ ପରୋକ୍ଷରେ ଚେତାବନୀ ଦେଇଛନ୍ତି।






# ବିଦ୍ୟାଭାରତୀ, ସଂଗ୍ରାମଙ୍କ ଆବେଦନ ହାଇକୋର୍ଟରେ ଖାରଜ

## ଏସିଏଫ୍ ସୌମ୍ୟରଞ୍ଜନ ହତ୍ୟା ମାମଲା

କଟକ,୯।୭(କାର୍ତ୍ତିକ ସାହୁ)


ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସହ ସ୍ତ୍ରୀ ବିଦ୍ୟାଭାରତୀ

ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ବନ ସଂରକ୍ଷକ(ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ର ହତ୍ୟା ମାମଲାରେ ତାଙ୍କ ସ୍ତ୍ରୀ ବିଦ୍ୟାଭାରତ ପଣ୍ଡା ଓ ପୂର୍ବତନ ପାରଳାଖେମୁଣ୍ଡି ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ସଂଗ୍ରାମ ବେହେରାଙ୍କ ଆବେଦନ ହାଇକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଏଥିସହ ସ୍ତ୍ରୀ ବିଦ୍ୟାଭାରତୀ, ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ହତ୍ୟା ଅଭିଯୋଗ ମାମଲାର ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ଏହାକୁ ବିରୋଧ କରି ଉଭୟେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୧ ଜୁଲାଇ ୧୨ରେ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ତାଙ୍କ ସ୍ତ୍ରୀଙ୍କ ସହ ଥିବାବେଳେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ସୌମ୍ୟରଞ୍ଜନଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ତାଙ୍କ ଶରୀରର ୯୦% ପୋଡ଼ିଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜୁଲାଇ ୧୬ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ଅଭିଯୋଗ କରିଥିଲେ ଯେ, ତାଙ୍କ ବୋହୂ ବିଦ୍ୟାଭାରତୀ, ଡିଏଫ୍‌ଓ ସଂଗ୍ରାମ ଓ ଅଫିସର ରୋଷେୟା ମିଶି ସୌମ୍ୟଙ୍କୁ ହତ୍ୟା କରିଛନ୍ତି। ସୌମ୍ୟ ଓ ତାଙ୍କ ସ୍ତ୍ରୀ ମଧ୍ୟରେ ଭଲ ସମ୍ପର୍କ ନ ଥିଲା। ଏହାର ସୁଯୋଗ ନେଇ ସ୍ତ୍ରୀ ବିଦ୍ୟାଭାରତୀ ଓ ସହଯୋଗୀ ମିଶି ସୌମ୍ୟଙ୍କୁ ହତ୍ୟା କରିଛନ୍ତି। ଏହାକୁ ଆଧାର କରି ପାରଳାଖେମୁଣ୍ଡି ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ଘଟଣାର ତଦନ୍ତଭାର ସରକାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା।

# ଖାଲିଥିବା ୬ ମନ୍ତ୍ରୀ ପଦ ପୂରଣ ହେବ: ମନମୋହନ

ଭୁବନେଶ୍ୱର,୯।୭(ସୁନିତ୍ ମିଶ୍ର)


ମନମୋହନ ସାମଲ

ରାଜ୍ୟରେ ଭାଜପା ସରକାର ଗଠନର ଗୋଟିଏ ବର୍ଷ ପୂରଣ ହୋଇସାରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସରକାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ମନ୍ତ୍ରିମଣ୍ଡଳରେ ୧୬ ଜଣ ମନ୍ତ୍ରୀ ରହିଛନ୍ତି। ଏହା ବାଦ୍ ୬ଟି ମନ୍ତ୍ରୀ ପଦ ବର୍ତ୍ତମାନ ସୁଦ୍ଧା ଖାଲି ରହିଛି। ଖୁବ୍‌ଶୀଘ୍ର ପଦବୀ ପୂରଣ ହେବ ବୋଲି ଭାଜପାର ନୂଆ ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି।

ମନମୋହନ ୪ର୍ଥ ଥର ଲାଗି ଦଳର ସଭାପତି ନିଯୁକ୍ତ ହେବାପରେ ବୁଧବାର ଲିଙ୍ଗରାଜ ମନ୍ଦିରକୁ ଦର୍ଶନ ଅବସରରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାକୁ ସଶକ୍ତ ଏବଂ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ପଞ୍ଚାୟତ ନିର୍ବାଚନକୁ ଦେଢ଼ବର୍ଷରୁ କମ୍ ସମୟ ରହିଛି। ସାଧାରଣ ଲୋକେ ଯେପରି ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ କଲେ ସେହିପରି ତୃଣମୂଳସ୍ତରରେ ପରିବର୍ତ୍ତନ ଚାହୁଁଛନ୍ତି। ଭାଜପା ଏଥର ପଞ୍ଚାୟତସ୍ତରରେ ଭଲ ପ୍ରଦର୍ଶନ କରିବ। ସଭାପତି ଯେତେବେଳେ ନୂଆ ହୋଇଛନ୍ତି ଦଳ ନୂଆ କମିଟି ମଧ୍ୟ ଗଠନ କରିବ। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ମଧ୍ୟ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ଦଳର ନୂଆ ସଭାପତି ଚୟନ ନେଇ ସମସ୍ତଙ୍କ ଅପେକ୍ଷା ରହିଥିଲା। ସର୍ବସମ୍ମତିକ୍ରମେ ମନମୋହନ ସାମଲଙ୍କ ଉପରେ କେନ୍ଦ୍ରୀୟ ନେତୃତ୍ୱ ଆଉ ଥରେ ଭରସା କରିଥିବା ଦେଖିବାକୁ ମିଳିଛି। ସେ ଏକମାତ୍ର ସଭାପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲକରି ୪ର୍ଥ ଥର ଲାଗି ଦଳର ସଭାପତି ପଦ ସମ୍ଭାଳିଛନ୍ତି। ସରକାର ଗଠନ ହେବା ପରେ ନିଗମ ଏବଂ ବୋର୍ଡଗୁଡ଼ିକ ଖାଲି ଥିବା ସଙ୍ଗେ ସଙ୍ଗେ ଆହୁରି ୬ଟି ମନ୍ତ୍ରୀ ପଦ ଖାଲି ରହିଛି। ଦଳର ସଭାପତି ନିର୍ବାଚନ ସରି ନ ଥିବାରୁ ଏହିସବୁ ପଦବୀ ଖାଲିଥିବା ଭାଜପା ନେତାମାନେ ଅନେକ ସମୟରେ ମତ ରଖିଥିଲେ। ବର୍ତ୍ତମାନ ସଭାପତି ନିର୍ବାଚନ ସରିବା ପରେ ଏହି ପଦବୀଗୁଡ଼ିକ ପୂରଣ ହୋଇଯିବ ବୋଲି ଚର୍ଚ୍ଚା ମଧ୍ୟ ଜୋର୍ ଧରିଲାଣି। ଦଳର ବହୁ ନେତା ବିଭିନ୍ନ ପଦବୀ ପାଇବା ଲାଗି ଜୋର୍‌ଦାର ଉଦ୍ୟମ ଆରମ୍ଭ ମଧ୍ୟ କରିଦେଇଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୫ମ ଜାତୀୟ ମତ୍ସ୍ୟଚାଷୀ ଦିବସ, ସ୍ଥାନ: ଆଇସିଏଆର୍-ସିଆଇଏଫ୍ଏ, ସମୟ: ପୂର୍ବାହ୍ନ ୧୦ଟା।

## କଟକ
- ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି ପକ୍ଷରୁ ଶ୍ରୀମଦ୍ ଭାଗବତ ସପ୍ତାହ, ପାରାୟଣ ପ୍ରବଚନ, ସ୍ଥାନ: ସତ୍ୟନାରାୟଣ ପଡ଼ିଆ, ଓଟିଏମ୍ କଲୋନୀ ଚୌଦ୍ୱାର, ସମୟ: ସକାଳ ୭ଟା।

## ବାଲେଶ୍ୱର
- ରକ୍ତଦାନ ଶିବିର, ସ୍ଥାନ:ଏଫ୍ଏମ୍ୟୁ ନୂତନ କ୍ୟାମ୍ପସ୍, ନୂଆପାଢ଼ୀ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଓକିଲ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ:ଏସ୍‌ପି ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା।
- ଏଫ୍ଏମ୍ୟୁରେ ସାହତ୍ୟ ଆସର, ସ୍ଥାନ:ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଏଫ୍ଏମ୍ୟୁ ନୂତନ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ଭୋଟର ତାଲିକା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ତିହିଡ଼ି, ଚାନ୍ଦବାଲି, ବାସୁଦେବପୁର, ଭଣ୍ଡାରିପୋଖରୀ, ବନ୍ତ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଗୁରୁ ପୂର୍ଣ୍ଣିମା ପାଳନ, ସ୍ଥାନ: ଉଦଳା ସାଇଦରବାର, ସମୟ: ସକାଳ ୯ଟା ୩୦।
- ଏକ୍ସପୋ ଆଣ୍ଡ୍ ଫନ୍ ଫେୟାର, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁଜନ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ସନ୍ଧାନୀ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବ୍ରହ୍ମପୁର
- ପ୍ରଭାତ ଫେରି, ଗୁରୁଗୀତା ପାଠ, ସ୍ଥାନ: ଗାୟତ୍ରି ଶକ୍ତିପୀଠ ବ୍ରହ୍ମପୁର, ସମୟ: ପ୍ରାତଃ ୫ଟା।

- କଣ୍ଢେଇ ଯାତ୍ରା, ସ୍ଥାନ: ଖାସ୍ତା ସାହି, ସମୟ: ସନ୍ଧ୍ୟା ୬ଟା।

## ଗଜପତି
- ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ, ସ୍ଥାନ: ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦.୩୦।

## ଜଗତ୍‌ସିଂହପୁର
- ବାଣିଜ୍ୟ ମେଳା ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ପାରାଦୀପ,ସମୟ:ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ରକ୍ତଦାନ ଶିବିର, ସ୍ଥାନ: ସାଇ ମନ୍ଦିର ପରିସର, ଗୋଲ୍ଡେନ ଭିଲ୍ଲା, କଜଳା, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।

## ଯାଜପୁର
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବ୍ୟାସଦେବଙ୍କ ଜୟନ୍ତୀ ଉତ୍ସବ,ସ୍ଥାନ:ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗାର୍ଡି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଆଦର୍ଶ ଶିକ୍ଷକ ଅବଦୁତ୍ ପରିଡ଼ାଙ୍କ ୮୦ତମ ଜନ୍ମ ଜୟନ୍ତୀ, ସ୍ଥାନ: ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଶ୍ରୀ ଶ୍ରୀଶିରିଡି ସାଇ ବାବାଙ୍କ ଗୁରୁ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁର ସାଇ ମନ୍ଦିର, ସମୟ: ସକାଳ ୭ଟା। ଚଉଭାଡି ଯାତ୍ରା ଓ ନଗର ପରିକ୍ରମା ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ସିରିଡି ସାଇବାବାଙ୍କ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଗୁରୁ ପୂର୍ଣ୍ଣିମା କାର୍ଯ୍ୟକ୍ରମ, ସ୍ଥାନ: ରେଲୱେ କଲୋନୀ, ରାୟଗଡା, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଲ୍ୟାଣସିଂପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଗୁରୁ ପୂର୍ଣ୍ଣିମା ଉତ୍ସବ, ଦାତବ୍ୟ ହୋମିଓ ଚିକିତ୍ସାଳୟ ଉଦ୍‌ଘାଟନ, ସ୍ଥାନ: ଅଦ୍ୱୈତ ଆଶ୍ରମ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ଗୁରୁ ପୂର୍ଣ୍ଣିମା କାର୍ଯ୍ୟକ୍ରମ, ସ୍ଥାନ: ପାପଡାହାଣ୍ଡି ଶିରିଡ଼ି ସାଇ ମନ୍ଦିର, ସମୟ: ସକାଳ ୮ଟା।

## ମାଲକାନଗିରି
- ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ, ସ୍ଥାନ:ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା ।

## ସମ୍ବଲପୁର
- ରଥାଯାତ୍ରାର ଉଦ୍‌ଯାପନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ବଳବସପୁର ଗ୍ରାମ, ସମୟ: ସକାଳ ୯ଟା।
- କଲମ ପରିବାର ଟ୍ରଷ୍ଟ ଓ ଆସାମ ଗୁଆହାଟିର ଆଜିର କବିତା ଅନୁଷ୍ଠାନ ଆୟୋଜିତ ଜାତୀୟ କବି ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର ମୁକ୍ତମଞ୍ଚ, ସମୟ : ପୂର୍ବାହ୍ନ ୧୧ଟା।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା୩୦।

## ବଲାଙ୍ଗୀର
- ତୃତୀୟ ଦିନରେ ଓଡିଶା ଡ୍ରାଇଭର ସଂଘ ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ମ୍ୟାଲେରିଆ ସଚେତନତା କର୍ମଶାଳା, ସ୍ଥାନ: ଝିରପାଣି, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ରବିଶଙ୍କର ପ୍ରବଚନ, ସ୍ଥାନ: ସେକ୍ଟର-୧୯, ସିଭିକ୍‌ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟାଳୟ କୋଠା ଉଦ୍‌ଘାଟନ,ସ୍ଥାନ: କେଉଁଟପାଲି, ବିଜେପୁର,ସମୟ:ସକାଳ ୯ଟା।
- ଜିଲା ସଂକୀର୍ତ୍ତନ ପରିଷଦର ସଂସ୍କୃତି ଜାଗରଣ ଶୋଭାଯାତ୍ରା,ସ୍ଥାନ:ଭଟଲି,ସମୟ: ସକାଳ ୯ଟା।

## କଳାହାଣ୍ଡି
- ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ହାତୀନଦୀ ନିକଟ, ସମୟ: ସକାଳ ୮ଟା।
- ଏକାଦଶ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭବାନୀପାଟଣା ବକାଶ ଆବାସିକ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଗୁରୁପୂର୍ଣ୍ଣିମା ଅବସରରେ ସଂସ୍କାର ଭାରତୀ ପକ୍ଷରୁ କବିତା ପାଠୋତ୍ସବ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ଅପରାହ୍ନ ୩ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ନୂଆପଡ଼ା ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ କ୍ରୀଷ୍ଣା ଛକ, ସମୟ: ସକାଳ ୮ଟା।

# ବିଜେଡି ଛାଡ଼ିଲେ ସୁନୀତା ବିଶ୍ୱାଳ



**ଭୁବନେଶ୍ୱର,୯।୭ (ରବିନାରାୟଣ ଜେନା)**

ସୁନ୍ଦରଗଡ଼ ବିଜେଡିକୁ ବୁଧବାର ଝଟ୍‌କା ଲାଗିଛି। ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟତା ପଦରୁ ସୁନୀତା ବିଶ୍ୱାଳ ଇସ୍ତଫା ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ତାଙ୍କ ଇସ୍ତଫାପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଦେଇଛନ୍ତି। ଇସ୍ତଫାପତ୍ରରେ ବ୍ୟକ୍ତିଗତ କାରଣରୁ ସେ ଦଳ ଛାଡୁଥିବା ଦର୍ଶାଇଛନ୍ତି। ସେ ନବୀନଙ୍କୁ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, 'ଆପଣ ମୋତେ ଲୋକଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ। ବିଜୁ ଜନତା ଦଳରେ ରହିଥିବା ସମୟ ମଧ୍ୟରେ ମୁଁ ଦଳ ପାଇଁ ଅକ୍ଲାନ୍ତ ପରିଶ୍ରମ କରିବା ସହିତ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛି। ଆଶା କରୁଛି, ବିଜେଡି ଆଗାମୀ ଦିନରେ ଅଧିକ ଲୋକାଭିମୁଖୀ ହେବ।' ସୂଚନାଯୋଗ୍ୟ, ସୁନୀତା ୨୦୧୯ ମାର୍ଚ୍ଚ ୯ରେ ବିଜେଡିରେ ଯୋଗଦେଇଥିଲେ। ୨୦୧୯ ନିର୍ବାଚନରେ ସୁନ୍ଦରଗଡ଼ ଲୋକ ସଭା ଆସନରୁ ସୁନୀତା ବିଜେଡି ଟିକେଟରେ ଲଢ଼ି ପରାଜିତ ହୋଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଧର୍ମଭାବରେ ଚନ୍ଦ୍ର ଓ ଦ୍ୱିତୀୟସ୍ଥ ଶୁକ୍ର ଯୋଗୁ ଯାତ୍ରା, ବାଣିଜ୍ୟରୁ ଅର୍ଥଲାଭ ଅବଶ୍ୟମ୍ଭାବୀ। ପ୍ରିୟଜନଙ୍କ ସହ ମନୋମାଳିନ୍ୟ ଆଶଙ୍କା ରହିଛି। ଆଧ୍ୟାତ୍ମିକଗ୍ରହ ଶନିଙ୍କ ଆଶୀର୍ବାଦରୁ ଦେବଦର୍ଶନଜନିତ ଆନନ୍ଦ ଅନୁଭବ କରିପାରନ୍ତି। ଆଲୋଚନା ପରିସର, ସଭାସମିତି, କଳା-ସାହିତ୍ୟ, ଭଜନସନ୍ଧ୍ୟା, ଗବେଷଣାଦି କାର୍ଯ୍ୟରୁ ପ୍ରଶଂସିତ ହେବେ।

**ବୃଷ** ତୃତୀୟାଧିପ ଅଷ୍ଟମସ୍ଥ ଯୋଗୁ ସହକର୍ମୀଙ୍କ ସହ ସମ୍ପର୍କହାନି ଘଟିପାରେ। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ମନସ୍ତାପର କାରଣ ହେବ। ଦୀର୍ଘଦିନର ବନ୍ଧୁଟି ପରିସ୍ଥିତି ଚାପରେ ପଡି ଦୂରେଇ ଯିବାର ସୂଚନା ରହିଛି। ପଡ଼ୋଶୀଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଆଧ୍ୟାତ୍ମିକ କାର୍ଯ୍ୟରେ ରୁଚି ବଳିପାରେ।

**ମିଥୁନ** ଧନାଧିପତି କେନ୍ଦ୍ରସ୍ଥ ଯୋଗୁ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସେବାମନୋବୃତ୍ତି କାରଣରୁ ସାଙ୍ଗ ସାଥୀ ମେଳରେ ବେଶି ସମୟ କାଟିପାରନ୍ତି। ଆଜିର ଫେରିବା ବାଟରୁ କିଛି ନୂଆ ଜିନିଷ ଘରକୁ ଆଣି ପାରନ୍ତି। ପାରିବାରିକ କ୍ଷେତ୍ରରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହୋଇପାରେ।

**କର୍କଟ** ଚତୁର୍ଥାଧିପ ଶୁକ୍ର ଏକାଦଶସ୍ଥ ଆପଣଙ୍କ ଲୋକପ୍ରିୟତାକୁ ବୃଦ୍ଧି କରିବା ସହ ସାମାଜିକ ସମ୍ମାନ ପ୍ରଦାନ କରିବ। ଆଜି ଆପଣ ପ୍ରତ୍ୟେକ କାମରେ, ବିବାଦରେ, ପ୍ରତିଯୋଗିତାରେ ମଧ୍ୟ ସଫଳତା ପାଇପାରନ୍ତି। ଅନ୍ୟମନସ୍କ ରହୁଥିବା କାରଣରୁ ବଜାର ସଉଦା କିଣିବାରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି।

**ସିଂହ** ରାଶିରେ ପାପଗ୍ରହ କେତୁ ସହିତ ମଙ୍ଗଳ ଆପଣଙ୍କୁ ଉତ୍ତେଜିତ କରି ଅଶାନ୍ତି ରଖିପାରେ। ଆଜିର ଯାତ୍ରାରେ ଲକ୍ଷ୍ୟପୂରଣ ହେବା ସହ ବସ୍ତ୍ରଭୂଷଣ ପ୍ରାପ୍ତି ଏବଂ ବନ୍ଧୁମିଳନ ଘଟିବ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ସମସ୍ୟାର ସମାଧାନ ଘଟିବାର ଆଶା ରହିଛି। ସାମୟିକଭାବରେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା** କେନ୍ଦ୍ରସ୍ଥ ଚନ୍ଦ୍ର ଓ ଭାଗ୍ୟଭାବରେ ଶୁକ୍ର ଯୋଗୁ ମନ ଯେମିତି ଯାହା ଚାହୁଁଛି ଆଜି ତାହା ପାଇପାରିବେ। ଶନିଙ୍କ କୁପ୍ରଭାବରୁ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ କ୍ରମାଗତ ଭାବେ ସମସ୍ୟା ଲାଗିରହିପାରେ। ବ୍ୟବସାୟ, ପରିବହନରେ ଲାଭବାନ୍ ହେବେ। ସ୍ନାୟବିକ ଦୁର୍ବଳତାର ଆଶଙ୍କାକୁ ଏଡି ହେବନାହିଁ।

**ତୁଳା** ଗ୍ରହଙ୍କ ଅନୁକୂଳ ସ୍ଥିତିଜନିତ ସାମଗ୍ରିକ କ୍ଷେତ୍ରରେ ସଫଳତା ହାସଲ କରିବାର ସୌଭାଗ୍ୟ ଲାଭ କରିବେ। ଅର୍ଥ ସାଙ୍ଗକୁ ବିଶିଷ୍ଟବ୍ୟକ୍ତିଙ୍କ ଦ୍ୱାରା ସମ୍ମାନ, ସମ୍ବର୍ଦ୍ଧନା ପାଇପାରନ୍ତି। ସ୍ୱାର୍ଥ ହାସଲ ନ ହୋଇପାରିବାରୁ ସମ୍ପର୍କୀୟମାନେ ସମାଲୋଚନା କରିବେ। ପରିବାର, ବାଣିଜ୍ୟ ବ୍ୟବସାୟ, ଯାତ୍ରା, କର୍ମାରମ୍ଭ ପାଇଁ ଦିନଟି ଶୁଭପ୍ରଦ ରହିବ।

**ବିଛା** କୋଣଭାବସ୍ଥ ବଳହୀନ ଶନିଙ୍କ ପ୍ରଭାବରୁ ସନ୍ତାନଙ୍କ ସମସ୍ୟା ସାଙ୍ଗକୁ ଅର୍ଥସଙ୍କଟ ଓ କର୍ମକ୍ଷେତ୍ରରେ ବିବାଦର ଆଶଙ୍କା ରହିଛି। କିନ୍ତୁ ଗଜକେଶରୀ ଯୋଗଜନିତ ସାମାଜିକ ସ୍ତରରେ ଆପଣଙ୍କ ସ୍ଥିତି ବେଶ୍ ଉନ୍ନତ ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭରୁ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ଧନୁ** ରବି ଓ ବୃହସ୍ପତିଙ୍କ ସଂଯୋଗ ପ୍ରଭାବରୁ କାର୍ଯ୍ୟସିଦ୍ଧି, ବନ୍ଧୁଦର୍ଶନରେ ଖୁସି ରହିବେ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବାକୁ ପଡ଼ିପାରେ। ହୋଟେଲ, ରେଷ୍ଟୁରାଣ୍ଟ, ବାଣିଜ୍ୟ ପ୍ରଭୃତିରେ ଲାଭାବନ୍ ହେବେ। ଦୀର୍ଘଦିନର ପରିକଳ୍ପିତ ନୂତନ କାମଟିଏ ଆରମ୍ଭ କରି ଆତ୍ମତୃପ୍ତି ଲାଭ କରିପାରନ୍ତି।

**ମକର** କର୍ମାଧିପତିଙ୍କ ଶୁଭତ୍ୱରୁ କର୍ମକ୍ଷେତ୍ର ପ୍ରଶସ୍ତ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହି ନ ପାରେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଅଧସ୍ତନ କର୍ମଚାରୀଙ୍କ ପ୍ରିୟଭାଜନ ହେବେ। ଈର୍ଷାପରାୟଣ ବ୍ୟକ୍ତି ଶତ୍ରୁତା କରି କାର୍ଯ୍ୟରେ ପ୍ରତିରୋଧ ଘଟାଇପାରନ୍ତି। ଆର୍ଥିକ ଉନ୍ନତି ସହ ଅତିଥି ଚର୍ଚ୍ଚା, ଦୂରଯାତ୍ରା, ଆଇନ ଅଦାଲତ ପ୍ରଭୃତିରେ ସଫଳତା ମିଳିବ।

**କୁମ୍ଭ** କର୍ମାଧିପତିଙ୍କ ଅଶୁଭତ୍ୱ ସାଙ୍ଗକୁ ଶନି ଓ ରାହୁଙ୍କ ସ୍ଥିତିଜନିତ ଉଦ୍ୟମ ସଫଳରେ ପ୍ରତିବନ୍ଧକ ଆସିବ। ଆଧ୍ୟାତ୍ମିକ ଗ୍ରହ ଶନି ସତ୍‌ସଙ୍ଗର ସାନ୍ନିଧ ଲାଭର ସୁଯୋଗ ଦେବେ। ଗୃହନିର୍ମାଣ, ଯାନ୍ତ୍ରିକ ଜିନିଷର ମରାମତି ଏବଂ ଗୃହୋପକରଣ କ୍ରୟ କରିବେ। ସାହିତ୍ୟ, ସାମ୍ବାଦିକତା ଏବଂ ସାଂସ୍କୃତିକ କାର୍ଯ୍ୟରେ ସୁଫଳ ପାଇବେ।

**ମୀନ** ଗ୍ରହମାନଙ୍କ ଶୁଭସଂସ୍ଥାନଜନିତ ଯାତ୍ରା, ଶିଳ୍ପ, ବାଣିଜ୍ୟ, ପରିବହନ ପାଇଁ ଦିନଟି ଭଲ। କିନ୍ତୁ ରାଶିରେ ଶନିଙ୍କ କୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ଲାଗିରହିବ। ବନ୍ଧୁଙ୍କ ମାଧ୍ୟମରେ ନିଖୋଜ ବ୍ୟକ୍ତି, ଚୋରି ଜିନିଷର ଖବର ପାଇପାରନ୍ତି। କେତେକ କ୍ଷେତ୍ରରେ ନିଜର ଅସହାୟତା ପ୍ରକାଶ କରି ଲଜ୍ଜିତ ହେବେ।

ଆଜି ଜୁଲାଇ ୧୦ ତାରିଖ, ଆଷାଢ଼ ମାସର ବ୍ୟାସ ପୂର୍ଣ୍ଣିମା / ଗୁରୁ ପୂର୍ଣ୍ଣିମା ଗୁରୁବାର। ସର୍ବତ୍ର ଗୁରୁପୂଜା, ଅଦ୍ୟ ପୂର୍ଣ୍ଣିମାବିହିତ ଚନ୍ଦ୍ର ଉପବାସ, ଚତୁର୍ମାସ୍ୟା ଗୁରୁବାରବ୍ରତ, ରାଶିନକ୍ଷତ୍ର- ପୂର୍ବାଷାଢ଼ା/ଧନୁ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୧୮ ଗତେ ଘ.୦୬.୧୦ ମଧ୍ୟେ, ଘ.୦୯.୪୦ ଗତେ ଘ.୧୧.୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୩୦ ଗତେ ଘ.୦୩.୦୮ ମଧ୍ୟେ ରାହୁ କାଳ ।

# ବିଧାୟକଙ୍କ କାର୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

**ସିମୁଳିଆ, ୯।୭(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ୫କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ଜାମୁଝାଡ଼ି ନିକଟରେ ବୁଧବାର ପଶ୍ଚିମବଙ୍ଗ ହାୱଡ଼ାର ବିଧାୟକ ଗୌତମ ଚୌଧୁରୀଙ୍କ କାର୍ (ନଂ. ଡବ୍ଲ୍ୟୁବି୧୨କେ-୮୯୮୮) ଧକ୍କାରେ ସ୍କୁଟି ଚାଳକ ରାଧାକାନ୍ତ ଲେଙ୍କା (୫୬)ଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଘର ସ୍ଥାନୀୟ ସୋର ଥାନା ସାଜନପୁର ଅଞ୍ଚଳରେ। ବିଧାୟକ ନିଜ ପରିବାର ସହିତ ପୁରୀ ଦର୍ଶନ ସାରି ଫେରୁଥିବା ବେଳେ ତାଙ୍କ କାର୍‌ଟି ଭାରସାମ୍ୟ ହରାଇ ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ବିଧାୟକଙ୍କ କାରକୁ ଜବତ କରିଥିବା ବେଳେ ଚାଳକ ସମ୍ମିତ ସିଂରାୟଙ୍କୁ ଗିରଫ କରିଛି। ଏନେଇ ମାମଲା(ନଂ.୩୨୮/୨୫) ରୁଜୁ ହୋଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ବର ଯାହା କନିଆ**
**ତାକୁ ଗଢିଛି ଏ ଦୁନିଆ।।**

ଦାମ୍ପତ୍ୟ ଯୋଡି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେସାକୁ ତେସା**
**ହାରାମଜାଦାକୁ ଟାଙ୍ଗିଆ ପଶା।।**

ଯିଏ ଯେମିତି ବ୍ୟବହାର କରେ, ସିଏ ସେମିତି ବ୍ୟବହାର ପାଏ। କୃତଘ୍ନ ବ୍ୟକ୍ତିଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉଭୋଳିତ ପାଣିପାଗର ଚିତ୍ର।

# ଆଣ୍ଟି ନକ୍ସଲ ଅପରେଶନର ଏଡିଜି ହେଲେ ସଞ୍ଜୀବ ପଣ୍ଡା

## ଆଇପିଏସ୍ ସ୍ତରରେ ଅଦଳବଦଳ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୯।୭(ସୁନିତ୍ ମିଶ୍ର): ରାଜ୍ୟ ସରକାର ଆଇପିଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ୧୯୯୪ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ(ବିପିଏସ୍‌ପିଏ)ର ଟ୍ରେନିଂ ଏଡିଜି ଦାୟିତ୍ୱରେ ଥିଲେ। ବିପିଏସ୍‌ପିଏର ନିର୍ଦ୍ଦେଶକ ମଧ୍ୟ ରହିଥିଲେ। ତାଙ୍କୁ ଏବେ ଆଣ୍ଟି ନକ୍ସଲ ଅପରେଶନର ଏଡିଜି ଭାବେ ବଦଳି କରାଯାଇଛି। ଏହାସହ ସେ ସ୍ୱତନ୍ତ୍ର ଗୋଇନ୍ଦା ୱିଙ୍ଗସ୍‌ର ପରିଚାଳନା ଦାୟିତ୍ୱ କଥା ମଧ୍ୟ ବୁଝିବେ। ଏ ବିଷୟରେ ସମସ୍ତ ରିପୋର୍ଟ ସେ ସିଧାସଳଖ ଡିଜି ଏବଂ ଆଇଜି ପୋଲିସଙ୍କୁ ପ୍ରଦାନ କରିବେ। ଅନ୍ୟପଟେ ବିପିଏସ୍‌ପିଏ ଟ୍ରେନିଂ ଆଇଜିପି ଥିବା ୨୦୦୬ ବ୍ୟାଚ୍ ଆଇପିଏସ୍ ଅଫିସର ଅନୁପ କୁମାର ସାହୁଙ୍କୁ ଅତିରିକ୍ତ ଭାବେ ବିପିଏସ୍‌ପିଏର ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରାଯାଇଛି। କେନ୍ଦ୍ର ସହ ମିଶି ରାଜ୍ୟ ସରକାର ବର୍ତ୍ତମାନ ନକ୍ସଲମାନଙ୍କୁ ମୂଳପୋଛ କରିବାକୁ ଜୋର୍‌ଦାର ଉଦ୍ୟମ ଜାରି ରଖିଛି। ତେଣୁ ଏଭଳି ସ୍ଥିତିରେ ସଞ୍ଜୀବ ପଣ୍ଡାଙ୍କୁ ସରକାର ଗୁରୁଦାୟିତ୍ୱ ଦେଇଥିବା କୁହାଯାଉଛି।

ଅନ୍ୟପଟେ ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ଅଖିଳେଶ୍ୱର ସିଂହଙ୍କୁ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗସ୍(ଏସ୍ଆଇଡବ୍ଲ୍ୟୁ), ଭୁବନେଶ୍ୱରର ଡିଆଇଜି ଭାବେ ଦାୟିତ୍ୱ ମିଳିଛି। ସେ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ(ଏସ୍‌ଡବ୍ଲ୍ୟୁଆର୍), କୋରାପୁଟର ଡିଆଇଜି ଭାବେ ଦାୟିତ୍ୱରେ ଥିଲେ। ସେହିପରି ଏସ୍ଆଇଡବ୍ଲ୍ୟୁ, ଭୁବନେଶ୍ୱରର ଡିଆଇଜି ଥିବା ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର କନୱର୍ ବିଶାଲ ସିଂହଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ, କୋରାପୁଟ ଡିଆଇଜି ଭାବେ ବଦଳି କରାଯାଇଛି। ଆଇପିଏସ୍ ସ୍ତରର ଅଦଳ ବଦଳ ନେଇ ଗୃହ ବିଭାଗ ପକ୍ଷରୁ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ଅଖିଳେଶ୍ୱର ଏବଂ ବିଶାଲଙ୍କ ପଦବୀ ଏପଟସେପଟ କରାଯାଇଛି। ଏହି ଦୁଇ ଆଇପିଏସ୍ ଅଫିସର ପୁରୀ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି। ଜଣେ ଅଭିଯୁକ୍ତଙ୍କ ହାଜତ ଭିତରେ ମୃତ୍ୟୁ ହୋଇଯିବା କାରଣରୁ ଅଖିଳେଶ୍ୱରଙ୍କୁ ପୁରୀ ଏସ୍‌ପି ପଦରୁ ହଟାଇ ଦିଆଯାଇଥିଲା। ଏହାପରେ ତାଙ୍କ ସ୍ଥାନରେ ବିଶାଲ ସିଂହଙ୍କୁ ପୁରୀ ଏସ୍‌ପି ଭାବେ ଦାୟିତ୍ୱ ମିଳିଥିଲା। ପରବର୍ତ୍ତୀ ସମୟରେ ବିଶାଲ ସିଂଙ୍କୁ ପୁରୀ ଏସ୍‌ପି ପଦରୁ ବଦଳି କରାଯାଇଥିଲା।

# ସିବିଆଇ ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଚିଟ୍‌ଫଣ୍ଡ ମାମଲା

**କଟକ,୯।୭(କାର୍ତ୍ତିକ ସାହୁ)**

ଚିଟ୍‌ଫଣ୍ଡ ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତରେ ସହଯୋଗ କରିବାକୁ ବୁଧବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ମାମଲାର ପରବର୍ତ୍ତୀ ଶୁଣାଣିଯାଏ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ସୂଚନାନୁସାରେ, ବିଜେଡିର ପୂର୍ବତନ ଏମ୍‌ପି ଜେନାଙ୍କୁ ସିବିଆଇ ନୋଟିସ୍ ଜାରି କରି ଆଗାମୀ ୧୪ ତାରିଖରେ ହାଜର ହୋଇ ପକ୍ଷ ରଖିବାକୁ କୁହାଯାଇଥିଲା। ଚିଟ୍‌ଫଣ୍ଡ ମାମଲାରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ରେକର୍ଡପତ୍ର ଯୋଗାଇ ଦେବାକୁ ପ୍ରାର୍ଥନା କରି ସେ ହାଇକୋର୍ଟରେ ଆବେଦନ କରିଥିଲେ। ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବରୁ ମଧ୍ୟ ହାଇକୋର୍ଟ ପୂର୍ବତନ ଏମ୍‌ପି ଜେନାଙ୍କ ସିବିଆଇ ମାମଲା ରଦ୍ଦ ଆବେଦନକୁ ଖାରଜ କରିଥିଲେ। ସିସୋର ଚିଟ୍‌ଫଣ୍ଡ ଠକେଇ ଘଟଣାରେ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ବେଳେ ଉକ୍ତ ମାମଲା ରଦ୍ଦ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଜେନାଙ୍କୁ ସମନ କରିଥିଲା। ଏହି ମାମଲାରେ ଜେନାଙ୍କ ବିରୋଧରେ ସିବିଆଇକୁ ତଥ୍ୟ ମିଳିବା ପରେ ଜେନାଙ୍କ ବାଲେଶ୍ୱର ବାସଭବନ, ନୂଆଦିଲ୍ଲୀ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସମନ୍ ପାଇବା ପରେ ବି ବିଭିନ୍ନ କାରଣ ଦର୍ଶାଇ ଜେନା ସିବିଆଇରେ ହାଜର ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ହାଇକୋର୍ଟ ତାଙ୍କୁ ଆଗୁଆ ଜାମିନ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଭଦୋଦରାରେ ବ୍ରିଜ୍ ...

କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ମୃତକଙ୍କ ପରିବାରକୁ ପିଏମ୍ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଦେବାକୁ ଘୋଷଣା କରିଛନ୍ତି। ବିରୋଧୀ କଂଗ୍ରେସ ଏହାକୁ 'ଗୁଜରାଟ ମଡେଲ' କହି ଶାସକ ଭାଜପାକୁ କଟାକ୍ଷ କରିଛି। କେନ୍ଦ୍ରୀୟ ଗୁଜରାଟ ସହ ସୌରାଷ୍ଟ୍ର ଅଞ୍ଚଳକୁ ଯୋଡୁଥିବା ଗମ୍ଭୀରା ବ୍ରିଜ୍ ପାଦରା ସହର ନିକଟ ମଜପୁର ଗ୍ରାମରେ ରହିଛି। ୧୯୮୫ରେ ନିର୍ମିତ ଏହି ବ୍ରିଜ୍ ଉପର ଦେଇ ବୁଧବାର ସକାଳ ୭ଟା ୩୦ ମିନିଟ୍‌ରେ ଯାନବାହନଗୁଡ଼ିକ ଯାତାୟାତ କରୁଥିବାବେଳେ ଦୁଇଟି ପିଲାର ଉପରେ ଥିବା ଏହାର ଏକ ସ୍ଲାବ୍ ହଠାତ୍ ଖସିପଡ଼ିଥିଲା। ଫଳରେ ୨ଟି ଟ୍ରକ୍, ୨ ଭ୍ୟାନ୍, ଏକ ଅଟୋରିକ୍ସା ଓ ଅନ୍ୟ ଏକ ଦୁଇଚକିଆ ଗାଡ଼ି ନଦୀ ଭିତରକୁ ଖସିପଡ଼ିଥିବା ବଡ଼ୋଦରା ଜିଲାପାଳ ଅନିଲ ଧମେଲିୟା ସୂଚନା ଦେଇଛନ୍ତି। ଅନ୍ୟ ୨ଟି ଗାଡ଼ି ବ୍ରିଜ୍‌ରେ ଲଟକି ରହିଥିଲା, ଯାହାକୁ ଉଦ୍ଧାର କରି ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତେବେ ପାଣି ଭିତରକୁ ଖସିପଡ଼ି ପ୍ରାଣ ହରାଇଥିବା ୧୩ ଜଣଙ୍କ ମଧ୍ୟରୁ ଅଧିକାଂଶ ଭଦୋଦରା ଓ ଆଣନ୍ଦ ଜିଲାର।

ସେମାନଙ୍କ ମଧ୍ୟରୁ ବୈଦିକ ପଦିୟାର(୪୫), ନୈତିକ ପଦିୟାର(୪୫), ହସମୁଖ ପରମାର(୩୨), ରମେଶ ପଦିୟାର(୩୨), ୱାଖାସିଂ ଯାଦବ(୨୬) ଓ ପ୍ରବୀଣ ଯାଦବ (୨୬)ଙ୍କ ପରିଚୟ ସ୍ପଷ୍ଟ ହୋଇଛି। ମୃତକଙ୍କ ମଧ୍ୟରେ ୨ ଜଣ ଭଉଣୀଭାଇ ଥିବା ମଧ୍ୟ କୁହାଯାଉଛି। ପୋଲିସ ଓ ବିପର୍ଯ୍ୟୟ ପ୍ରଶମନ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ଭଦୋଦରା (ଗ୍ରାମାଞ୍ଚଳ) ଏସ୍‌ପି ରୋହନ ଆନନ୍ଦ ସୂଚନା ଦେଇଛନ୍ତି। ଆହତମାନଙ୍କୁ ଭଦୋଦରାସ୍ଥିତ ଏସ୍ଏସ୍‌ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ପଟେଲଙ୍କ ସହ ଫୋନ୍‌ରେ କଥା ହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ପ୍ରକାଶ ଯେ, ୧୯୮୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାଧବ ସିଂ ସୋଲାଙ୍କିଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଅମଳରେ ନିର୍ମିତ ଗମ୍ଭୀରା ବ୍ରିଜ୍ ୪୦ ବର୍ଷ ପୁରୁଣା ହୋଇଥିବାରୁ ଦୁର୍ବଳ ହୋଇଯାଇଥିଲା। ସ୍ଥାନୀୟ ଭାଜପା ବିଧାୟକ ଚୈତନ୍ୟସିଂ ଜାଲା ଏକ ନୂତନ ବ୍ରିଜ୍ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ୨୧୨ କୋଟି ଟଙ୍କା ବ୍ୟୟରେ ନୂଆ ବ୍ରିଜ୍ ନିର୍ମାଣ ଲାଗି ସର୍ଭେ ଚାଲିଥିବାବେଳେ ଏହି ଦୁର୍ଘଟଣା ଘଟିଛି। କଂଗ୍ରେସ ବିଧାୟକ ଅମିତ୍ ଚଭଡ଼ା କହିଛନ୍ତି, ବ୍ରିଜ୍ ଦୁର୍ବଳ ଥିବା ନେଇ ବିରୋଧୀ ଦଳ ବାରମ୍ବାର ସରକାରଙ୍କୁ ଚେତାଇଥିଲା। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏତେ ଲୋକଙ୍କ ମୃତ୍ୟୁ ପାଇଁ ଭାଜପା ସରକାର ଦାୟୀ। ଏହା ହେଉଛି ଗୁଜରାଟ ମଡେଲ। ଏହା ପୂର୍ବରୁ ମଧ୍ୟ ୨୦୨୨ରେ ଗୁଜରାଟର ମାଛୁ ନଦୀ ଉପରେ ଥିବା ବ୍ରିଟିଶ୍ ଅମଳର ଏକ କ୍ୟାବୁଲ ସସ୍‌ପେନ୍ସନ ବ୍ରିଜ୍ ଭୁଶୁଡ଼ିପଡ଼ିବାରୁ ଅନ୍ୟୂନ ୧୩୨ ଜଣଙ୍କ ପ୍ରାଣହାନି ଘଟିଥିଲା।

### ୫ମ, ୮ମ ଶ୍ରେଣୀ...

ସରକାର ପଦକ୍ଷେପ ନେଇଛନ୍ତି। ଏହି ପରିବର୍ତ୍ତନ ଶିକ୍ଷାର ମାନ ବୃଦ୍ଧି କରିବା ସହ କୌଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନ ହେବେ, ସେ ନେଇ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

ସୂଚନା ଅନୁଯାୟୀ, ଜାତୀୟ ଶିକ୍ଷା ନୀତି-୨୦୨୦ରେ କେନ୍ଦ୍ର ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଯେଉଁ ପିଲା ଫେଲ୍ ହେବେ, ସେମାନେ ସେହି ଶ୍ରେଣୀରେ ହିଁ ରହିବେ ବୋଲି ନିୟମ କରିଥିଲେ। ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଫେଲ୍ ହେବା ପିଲାଙ୍କୁ ୨ମାସ ମଧ୍ୟରେ ପୁନଃପରୀକ୍ଷା ଲାଗି ସୁଯୋଗ ଦିଆଯିବ। ଯଦି ସେମାନେ ତଥାପି ପାସ୍ କରିପାରିବେ ନାହିଁ, ତେବେ ସେମାନଙ୍କୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଯାଇପାରିବ ନାହିଁ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବହିଷ୍କାର କରିପାରିବେ ନାହିଁ। ପିଲାଙ୍କ ମଧ୍ୟରେ ଶିକ୍ଷଣୀୟତାକୁ ଉନ୍ନତ କରିବା ଲାଗି କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏବଂ ସୈନିକ ସ୍କୁଲରେ ଏହି ନିୟମ ଲାଗୁ କରାଯାଇଥିଲା। ପରେ ଏହି ନିୟମକୁ ରାଜ୍ୟ ସରକାର ସରକାରୀ ବିଦ୍ୟାଳୟଗୁଡ଼ିକରେ ଲାଗୁ କରିଛନ୍ତି।





# राजकीय श्रावणी मेला-2025

## उद्घाटन समारोह

**मुख्य अतिथि**

**श्री सुदिव्य कुमार**
माननीय मंत्री, पर्यटन, कला संस्कृति, खेलकूद एवं युवा कार्य विभाग, नगर विकास एवं आवास विभाग, उच्च एवं तकनीकी शिक्षा विभाग

**श्री संजय प्रसाद यादव**
माननीय मंत्री, श्रम, नियोजन, प्रशिक्षण एवं कौशल विकास विभाग, उद्योग विभाग

**श्री हफीजुल हसन**
माननीय मंत्री, जल संसाधन विभाग, अल्पसंख्यक कल्याण विभाग

**श्रीमती दीपिका पाण्डेय सिंह**
माननीय मंत्री, ग्रामीण विकास विभाग, ग्रामीण कार्य विभाग,पंचायती राज विभाग

**विशिष्ट अतिथि**

**डॉ. निशिकान्त दुबे**
माननीय सांसद, गोड्डा लोकसभा क्षेत्र

**श्री नलिन सोरेन**
माननीय सांसद, दुमका लोकसभा क्षेत्र

**श्री सुरेश पासवान**
माननीय विधायक, देवघर विधानसभा क्षेत्र

**श्री उदय शंकर सिंह**
माननीय विधायक, सारठ विधानसभा क्षेत्र

**श्री देवेन्द्र कुंवर**
माननीय विधायक, जरमुण्डी विधानसभा क्षेत्र

**श्रीमती किरण कुमारी**
माननीय अध्यक्ष, जिला परिषद, देवघर

**दिनांक: 10 जुलाई 2025 | समय:10:30 पूर्वाहन | स्थान: दुम्मा, देवघर**



सूचना एवं जनसम्पर्क विभाग, झारखण्ड सरकार

PR-356937/IPRD/2025-26

ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

-ବ୍ୟାସ ଗୁରୁ ପୂର୍ଣ୍ଣିମା
ଓ ଚନ୍ଦ୍ରପୂଜା



# ପ୍ରତିଷ୍ଠିତରୁ ପଛୁଆ



ଦେବଦତ୍ତ ପଟ୍ଟନାୟକ

ଏକଶତାବ୍ଦୀ ପୂର୍ବେ ଅନେକ ଗୋଷ୍ଠୀ ନିଜକୁ ବ୍ରାହ୍ମଣ ଓ କ୍ଷତ୍ରିୟ ଭାବେ ପରିଚୟ ଦେବାକୁ ଚାହୁଁଥିଲେ। ଏବେ କିନ୍ତୁ ଅନେକ ଗୋଷ୍ଠୀ ଅନ୍ୟ ପଛୁଆବର୍ଗ (ଓବିସି) ହେବା ପାଇଁ ଚାହୁଁଛନ୍ତି। ପୁରାତନ ବର୍ଣ୍ଣ ବ୍ୟବସ୍ଥା(ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଅତି-ଶୂଦ୍ର କିମ୍ବା ପଞ୍ଚମ)ର ସ୍ଥାନ ନେଇଛି ଏବକାର ନୂତନ ଜାତି ବର୍ଗୀକରଣ(ସାଧାରଣ, ଓବିସି, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି )। କିନ୍ତୁ ସାଧାରଣ ନୀତି ବା ସିଦ୍ଧାନ୍ତ ସମାନ ରହିଛି। ଠିକ୍ ବର୍ଗରେ ରହିଲେ ତୁମେ କେତେକ ନିର୍ଦ୍ଦିଷ୍ଟ ଅଧିକାର ଓ ସଂରକ୍ଷଣ ପାଇବ। କିନ୍ତୁ ଏହା ମଧ୍ୟରେ ଏକ ବଡ଼ ପ୍ରଭେଦ ଅଛି। ଆରମ୍ଭରୁ ଏଭଳି ଗୋଷ୍ଠୀ ବର୍ଗୀକରଣର ଉଦ୍ଦେଶ୍ୟ ଥିଲା ତୁମେ କେମିତି ଉପରକୁ ଉଠି ନିଜକୁ ବିଶିଷ୍ଟ ବା ପ୍ରତିଷ୍ଠିତ କିମ୍ବା ପବିତ୍ର (ସଂସ୍କୃତୀକରଣ) ଭାବେ ପ୍ରତିପାଦିତ କରିବ। ବର୍ତ୍ତମାନର ବର୍ଗୀକରଣ ମାନେ ହେଉଛି ତୁମେ ନିଜକୁ ନୀଚ ଓ ଅବଦମିତ (ପଛୁଆ) ଭାବେ ଦର୍ଶାଇବା। ଭାରତରେ ଭିନ୍ନ ଭିନ୍ନ ବର୍ଗର ସମାଜ ରହିଥିଲେ ମଧ୍ୟ ସମାଜିକ ବ୍ୟବସ୍ଥା ପୂର୍ବଭଳି ସମାନ ରହିଛି।

ଭାରତରେ ପ୍ରାୟ ୩,୦୦୦ ଜାତି ଅଛି। ଅନେକ କ୍ଷେତ୍ରରେ ଏହା ବୃତ୍ତି ସହ ଜଡ଼ିତ( ଯଥା ବୁଣାକାର, କୁମ୍ଭକାର,ରଜକ ଇତ୍ୟାଦି)। ଏଭଳି ଜାତି ବର୍ଗୀକରଣ ଆମେ ତାମିଲ ସଙ୍ଗମ କାବ୍ୟରେ ମଧ୍ୟ ଦେଖିବାକୁ ପାଇଥାଉ। ସାରା ବିଶ୍ୱରେ ଉଚ୍ଚ-ନୀଚ ପଦାନୁକ୍ରମ ବ୍ୟବସ୍ଥା ରହିଛି, କିନ୍ତୁ ଭାରତର ଜାତି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭିନ୍ନ। କାରଣ ଜାତି ସହ ପବିତ୍ରତା, ସାମାଜିକ ପରମ୍ପରା ଓ ନିଜ ଜାତିରେ ବିବାହ ପ୍ରଥା ଜଡ଼ିତ । ଶୁଦ୍ଧ ଶାକାହାର ଖାଦ୍ୟ ଏବଂ ଖାଇବା ଅନୁପଯୋଗୀ ଅଶୁଦ୍ଧ ଖାଦ୍ୟ ଧାରଣା ଏବେ ମଧ୍ୟ ଏକବିଂଶ ଶତାବ୍ଦୀରେ ଜାତିର ସୂଚକ ଭାବେ ରହିଛି।

ପାଖାପାଖି ୨,୦୦୦ ବର୍ଷ ପୂର୍ବେ, ବ୍ରାହ୍ମଣମାନେ ଯେତେବେଳେ ଧର୍ମଶାସ୍ତ୍ର ଲେଖିବା ଆରମ୍ଭକଲେ ସେହି ସମୟରେ ସେମାନେ ସାମାଜିକ ବର୍ଗୀକରଣ ବା ବିଭାଜନ ଆରମ୍ଭ କରିଥିଲେ। ସେତିକିବେଳେ ଚତୁଃବର୍ଣ୍ଣ ବ୍ୟବସ୍ଥା ଗଢ଼ିଉଠିଥିଲା ଏବଂ ପୁରୁଣା କର୍ମକାଣ୍ଡ ରୀତିନୀତି ମାଧ୍ୟମରେ ସମାଜକୁ ବ୍ୟାପିଥିଲା। ଏହି ବର୍ଗୀକୃତ ଗୋଷ୍ଠୀର ଶୀର୍ଷରେ ଥିଲେ ବ୍ରାହ୍ମଣ। ବ୍ରାହ୍ମଣଙ୍କୁ ସାହାଯ୍ୟ କରୁଥିଲେ ଭୂମି ମାଲିକ ଗୋଷ୍ଠୀ( କ୍ଷତ୍ରିୟ, ଠାକୁର ଓ ରାଜପୁତ) ଏବଂ ବଣିକ ଗୋଷ୍ଠୀ (ବୈଶ୍ୟ, ବଣିକ ଓ ବ୍ୟାପାରୀ) ସବୁ । ବ୍ରାହ୍ମଣଙ୍କ ଭଳି



ଏମାନେ ଥିଲେ ବିଶିଷ୍ଟ ଗୋଷ୍ଠୀ, ଯେଉଁମାନେ ଦ୍ୱିଜ ଭାବେ ଜଣାଶୁଣା। ଏହି ଶବ୍ଦକୁ ଖ୍ରୀଷ୍ଟାବ୍ଦ ୨୦୦ ପରେ ମନୁସ୍ମୃତିରେ ଅଧିକ ଦର୍ଶାଯାଇଛି। ଏହିସବୁ ବର୍ଣ୍ଣ ପରେ ଅବଶିଷ୍ଟ ଯାହା ରହିଲେ ସେମାନେ ଥିଲେ ଶୂଦ୍ର। ଏହି ବର୍ଣ୍ଣ ବ୍ୟବସ୍ଥା ଭାରତର ଲୋକଙ୍କୁ ବିଭିନ୍ନ ବର୍ଗରେ ବିଭକ୍ତ କରିଥିଲା। ପ୍ରତି ଗାଁରେ କେବଳ ଏହି ୪ଟି ଗୋଷ୍ଠୀ ଥିଲେ। ଉଦାହରଣ ସ୍ୱରୂପ, ଗାଁରେ ହେଉଥିବା ଉତ୍ପାଦନର କିଛି ଭାଗ କିଭଳି ଗାଁ ମନ୍ଦିରର ତତ୍ତ୍ୱାବଧାରକ (ନର୍ତ୍ତକୀ, ଝାଡୁଦାର, ମାଳୀ ଓ ପୂଜକ (ବ୍ରାହ୍ମଣ କିମ୍ବା ଅଣ ବ୍ରାହ୍ମଣ(ଗୁରୁ)ହୋଇପାରନ୍ତି)ଙ୍କୁ ଦିଆଯାଉଥିଲା, ତାହାର ବିବରଣୀ ମହାରାଷ୍ଟ୍ରରୁ ମିଳିଥିବା ଶିଳାଲେଖରୁ ଜଣାଯାଏ । ଗୋଟିଏ ଗାଁର ଧନକୁ ଏହିଭଳି ଭାବେ ଗ୍ରାମର ବିଭିନ୍ନ ଜାତିର ଲୋକଙ୍କ ମଧ୍ୟରେ ଭାଗ କରାଯାଉଥିଲା। ଗୋଟିଏ ଜାତି ବା ସମ୍ପ୍ରଦାୟର ଅଧିକାର ଯେଭଳି କ୍ଷତିଗ୍ରସ୍ତ ନ ହୁଏ, ସେଥିପାଇଁ ସମାଜରେ ନିଜ ଜାତି ମଧ୍ୟରେ ବିବାହ ପ୍ରଚଳିତ ଥିଲା। ଗ୍ରାମ ବାହାରର କୌଣସି ଲୋକଙ୍କୁ ଗାଁର ଧନରେ ଭାଗୀଦାର ହେବାକୁ ଅନୁମତି ମିଳୁ ନ ଥିଲା। ଏହା ଜେନେଟିକ୍ ବା ଆନୁବଂଶିକ ପ୍ରମାଣରୁ ସିଦ୍ଧ ହୁଏ। ୧,୬୦୦ ବର୍ଷ ପୂର୍ବରୁ, ଭାରତରେ ଗୋଟିଏ ଜାତି ଅନ୍ୟ ଜାତିରେ ବିବାହ ନ କରିବାର ଏକ ବିଚିତ୍ର ଧାରା ପ୍ରଚଳିତ ରହିଆସିଛି।

ବେଦ ନିର୍ଦ୍ଧାରିତ ସାମାଜିକ ବର୍ଗୀକରଣ ବ୍ୟବସ୍ଥାକୁ ଇଂରେଜମାନେ ଗ୍ରହଣ କରିଥିଲେ। କୁହାଯାଏ ସେମାନେ ହିନ୍ଦୁଙ୍କ ପାଇଁ ବାଇବେଲ ଭଳି ସମାନ ଗ୍ରନ୍ଥ ଖୋଜୁଥିଲେ। କିନ୍ତୁ ତାହା ସତ୍ୟ ନୁହେଁ। ପଣ୍ଡିତମାନେ ଏବେ କହୁଛନ୍ତି, ବ୍ୟବସ୍ଥା ଗୁପ୍ତବଂଶର ଶାସନ ସମୟରୁ ସୃଷ୍ଟି ହୋଇଥିଲା। ଏହି ସମୟରେ ଭାରତର ଆର୍ଥିକ ଢାଞ୍ଚା ଅଧିକ ବ୍ୟାପାରିକ-ଆଶ୍ରମ(ମଠ) କୈନ୍ଦ୍ରିକ ବଦଳରେ ଅଧିକ କୃଷକ-ବ୍ରାହ୍ମଣ ଭିତ୍ତିକ ହୋଇପାରିଥିଲା। ଖ୍ରୀଷ୍ଟାବ୍ଦ ୩୦୦ ପରବର୍ତ୍ତୀ ସମୟର ତାମ୍ରପତ୍ର ଲେଖାରୁ ଜଣାପଡ଼େ, ସାରା ଭାରତରେ ବିଶେଷକରି ଦକ୍ଷିଣରେ ବ୍ରାହ୍ମଣ ସମ୍ପ୍ରଦାୟକୁ ଭୂମିଦାନ ଦିଆଯାଉଥିବା ବିଷୟ ଉଲ୍ଲେଖ ରହିଛି। ଚତୁଃବର୍ଣ୍ଣ ବ୍ୟବସ୍ଥା ବିଳମ୍ବରେ ପ୍ରକାଶିତ ଋଗ୍‌ବେଦରେ କେବଳ ଦେଖିବାକୁ ମିଳେ। ଏହି ସମୟରେ ଲେଖାରେ ବ୍ରାହ୍ମଣ ଓ ଶୂଦ୍ର ଶବ୍ଦ ବ୍ୟବହାର କରାଯାଇଛି। ଅବଶିଷ୍ଟ ବୈଦିକ ଶାସ୍ତ୍ରରେ ବିଭାଜନ ପ୍ରାୟତଃ ୩ ସ୍ତରର ରହିଥିବାବେଳେ ସେଥିରେ କୌଣସି ପଦାନୁକ୍ରମ ନାହିଁ। ଏହା ସମ୍ପୂର୍ଣ୍ଣ ସମ୍ଭବ ଯେ, ଋଗ୍‌ବେଦରେ ପରେ ବ୍ରାହ୍ମଣଙ୍କ ନିୟମ ସଂହିତା ଦ୍ୱାରା ନିଜ ଜାତି ମଧ୍ୟରେ ବିବାହ ପରମ୍ପରାକୁ ଯୋଡ଼ାଯାଇଥିଲା। ଊନବିଂଶ ଶତାବ୍ଦୀରେ ନେପାଳୀ ହିନ୍ଦୁ ନିୟମ ପୁସ୍ତିକା ମୁଲୁକି ଆଇନରେ କ୍ଷମତା ଓ ସୁବିଧାସୁଯୋଗର ର୍ୟାଙ୍କିଙ୍ଗ୍ ଦେଖିବାକୁ ମିଳେ। କାହା ହାତରୁ ପାଣି ପିଇବ ଏବଂ କାହା ହାତରୁ ପାଣି ପିଇବ ନାହିଁ, ଏହି ଆଧାରରେ ଜାତିର ବର୍ଗୀକରଣ କରାଯାଇଥିଲା। ବାଲି ହିନ୍ଦୁ ଦ୍ୱୀପରେ ମଧ୍ୟ ଏହା ଦେଖିବାକୁ ମିଳେ, ଯେଉଁଠି ଆନ୍ତଃ ଜାତି ବିବାହକୁ ନେଇ କଠୋର ନିୟମ ଅଛି।

ଜାତିଗତ ର୍ୟାଙ୍କିଙ୍ଗ୍ ବିଶେଷକରି ପରିବର୍ତ୍ତନୀୟ ଥିଲା। ବୀର ସମ୍ପ୍ରଦାୟ କିଛି ବ୍ରାହ୍ମଣଙ୍କ ସମର୍ଥନରେ ସହଜରେ 'କ୍ଷତ୍ରିୟ' ମାନ୍ୟତା ପାଇପାରୁଥିଲେ। ତେଲଙ୍ଗାନର କ୍ଷତ୍ରିୟ ରାଜାମାନେ ନିଜକୁ ଶୂଦ୍ର ଭାବେ ଶିଳାଲେଖରେ ଦର୍ଶାଇଛନ୍ତି। କଦମ୍ବ ରାଜାମାନେ ବ୍ରାହ୍ମଣ ଜାତିର ବୋଲି ଦାବି କରିଥିଲେ। ପ୍ରାକ୍ ମୋଗଲ ସମୟରେ, ରାଜପୁତ ବଂଶ ସେମାନଙ୍କ ମାନ୍ୟତା ପାଇଁ ଚାରଣ ଭାଟଙ୍କ ଉପରେ ନିର୍ଭର କରୁଥିଲେ। ପରେ ପୁରାତନ ସୂର୍ଯ୍ୟ ଓ ଚନ୍ଦ୍ର ବଂଶଜ ଭାବେ କ୍ଷତ୍ରିୟ ମାନ୍ୟତା ପାଇବାକୁ ବ୍ରାହ୍ମଣଙ୍କ ସମର୍ଥନ ଅଧିକ ନେଇଥିଲେ ଓ ଏଥିପାଇଁ ସେମାନଙ୍କୁ ଜମି ଦାନ ଦେଇଥିଲେ। ଅଷ୍ଟାଦଶ ଶତାବ୍ଦୀରେ, ମାଛଭକ୍ଷୀ ବ୍ରାହ୍ମଣ ଶାକାହାରୀ ବ୍ରାହ୍ମଣ ମାନ୍ୟତା ପାଇବେ କି ନାହିଁ କିମ୍ବା ମରାଠା ରାଜାଙ୍କର ରାଜପୁତ ବଂଶ ସହ ସମ୍ପର୍କ ଅଛି ନା ନାହିଁ, ତାହା ସବୁ କାଶୀ ବ୍ରାହ୍ମଣମାନେ ହିଁ ସ୍ଥିର କରୁଥିଲେ।

ଏବେ ଆମେ ଯେଉଁ ଜାତି ସମ୍ପର୍କରେ ଜାଣିଛେ, ତାହାକୁ ଇଂରେଜମାନେ ଦସ୍ତାବିଜ୍‌କରଣ ବା ରେକର୍ଡ କରିଛନ୍ତି ବୋଲି ଅଭିଯୋଗ ଉଠେ। ପ୍ରତ୍ୟେକ ହିନ୍ଦୁଙ୍କୁ ଏକ ବର୍ଣ୍ଣ ବା ଜାତି ମଧ୍ୟରେ ରହିବାକୁ ପଡ଼ିଲା। ଏହା କାୟସ୍ଥ (କରଣ) ଏବଂ ବୈଦ୍ୟ ମସୁଦାୟ ପାଇଁ ସମସ୍ୟା ସୃଷ୍ଟି କରିଥିଲା, ଯେଉଁମାନେ ପ୍ରତିଷ୍ଠିତ (ଦ୍ୱିଜ) ଥିଲେ, ବ୍ରାହ୍ମଣ କିମ୍ବା କ୍ଷତ୍ରିୟ ନ ଥିଲେ। ତେବେ ବ୍ରାହ୍ମଣଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦେଖାଗଲା। ତେବେ ଏହିସବୁ ପରିବର୍ତ୍ତନ ଗୋଟିଏ ବର୍ଗକୁ ଛୁଇଁପାରି ନ ଥିଲା। ଅସ୍ପୃଶ୍ୟ ଓ ଆଦିବାସୀ ଯେଉଁମାନେ ପରିମଳ, ସ୍ୱେରେଜ, ମୃତଦେହ, ଶ୍ମଶାନ, ଚମଡ଼ା ଓ ଅସ୍ଥି କାର୍ଯ୍ୟ ସହ ଜଡ଼ିତ ଥିଲେ ସେମାନଙ୍କୁ ଗାଁ ବାହାର ସୀମାରେ ରହିବାକୁ ବାଧ୍ୟ କରାଯାଇଥିଲା।

-devduttofficial@gmail.com

## ଯାଞ୍ଚ ବିଭ୍ରାନ୍ତିକର ନ ହେଉ



ସୌଭାଗ୍ୟ ରଞ୍ଜନ ମହାନ୍ତି

ବିହାରରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଦୃଢ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଚାଲିଥିବା ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ(ଏସ୍‌ଆଇଆର୍) ଅଭିଯାନକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିବା ଅଯଥାର୍ଥ ନୁହେଁ ବୋଲି କୁହାଯାଇପାରେ। ବିଶେଷ କରି ଏହାର ସମୟ ଏବଂ କଠୋର ମାନଦଣ୍ଡ ସମାଲୋଚନାର ଶରବ୍ୟହେବା ସ୍ୱାଭାବିକ। ବର୍ଷାଦିନ ଆରମ୍ଭ ହୋଇଯାଇଛି ଓ ବିହାର ଏକ ବନ୍ୟା ପ୍ରବଣ ରାଜ୍ୟ । ଏତିକିବେଳେ ସ୍ୱଳ୍ପ ସମୟର ଅବଧିରେ ଘରକୁ ଘର ବୁଲି ଭୋଟର ତାଲିକା ସଂଶୋଧନ କରିବା ନିୟୋଜିତ କର୍ମଚାରୀଙ୍କ ପାଇଁ ଏକ ଜଟିଳ ବ୍ୟାପାର ହୋଇପାରେ। ଭୋଟର ଯାଞ୍ଚ ପାଇଁ ଥିବା କଠୋର ମାନଦଣ୍ଡରେ ଭୁଲ୍‌ବଶତଃ ଅନେକ ଲକ୍ଷ ଭୋଟଦାତା ବାଦ୍ ପଡ଼ିବା ଆଶଙ୍କା କରାଯାଏ। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି, କେବଳ ସାଧାରଣ ବାସିନ୍ଦା ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ହେବେ ; ଯାହାକି ବିରୋଧୀ ଦଳଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଛି। ବିରୋଧୀଦଳଗୁଡ଼ିକ ପକ୍ଷରୁ ଦର୍ଶାଯାଇଛି, ଏସ୍‌ଆଇଆର୍ ପ୍ରବାସୀ ବା ଦେଶାନ୍ତର ଭୋଟଦାତାଙ୍କ ପାଇଁ ଅତ୍ୟନ୍ତ ଜଟିଳ ହୋଇପାରେ। ଉଲ୍ଲେଖଯୋଗ୍ୟ , ବିହାରର ମୋଟ ଭୋଟଦାତାଙ୍କ ସଂଖ୍ୟାର କେବଳ ୨୦ ପ୍ରତିଶତ ହେଉଛନ୍ତି ଦେଶାନ୍ତର ବା ପ୍ରବାସୀ ଶ୍ରମିକ। ଯାଞ୍ଚ ସମୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବା ସେମାନଙ୍କ ପାଇଁ କଷ୍ଟକର ହୋଇପାରେ। ଭୋଟର ତାଲିକା ଯାଞ୍ଚର ଅନ୍ତିମ ସମୟସୀମା ଚଳିତ ମାସ ୩୧ତାରିଖ ହୋଇଥିବାରୁ ପ୍ରବାସୀ ଶ୍ରମିକମାନେ ଭୋଟର ତାଲିକାରୁ ବାଦ୍ ପଡ଼ିବା ଅଧିକ ଆଶଙ୍କା ରହିଛି। ଉଲ୍ଲେଖଯୋଗ୍ୟ, ଲୋକ ପ୍ରତିନିଧି ଆଇନ-୧୯୫୦ରେ ବ୍ୟବସ୍ଥା ରହିଛି, ଜଣେ ଭୋଟର ସାମୟିକ ଭାବେ ତାଙ୍କ ବାସସ୍ଥାନରେ ଅନୁପସ୍ଥିତ ରହିଥିଲେ, ଭୋଟର ତାଲିକାରୁ ତାଙ୍କୁ ବାଦ୍ ଦିଆଯାଇପାରିବ ନାହିଁ। ଭୋଟର ତାଲିକା ଯାଞ୍ଚ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଏ କ୍ଷେତ୍ରରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ। କିନ୍ତୁ ନିଃସନ୍ଦେହ ଯେ, ଯେଉଁ ପ୍ରବାସୀ ଶ୍ରମିକମାନେ ନିଜ ବାସସ୍ଥାନରେ ଦିନ ଦିନ ଧରି ଅନୁପସ୍ଥିତ ରହିଛନ୍ତି, ସେମାନଙ୍କ ପାଇଁ ଏହା ଅଧିକ ଜଟିଳ ହୋଇ ପାରେ। ବିହାରରେ ସଂଖ୍ୟାଧିକ ପ୍ରାପ୍ତ ବୟସ୍କ ଯେଉଁମାନେ ଭୋଟର ତାଲିକା ଅନ୍ତର୍ଭୁକ୍ତ, ବିଶେଷକରି ପୁରୁଷ ଭୋଟର କାମଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଇଥାନ୍ତି। ବିହାର ହେଉଛି ଏକ ରାଜ୍ୟ, ଯେଉଁଠାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟଦାତାଙ୍କ ମତଦାନ ହାର ଅଧିକ । ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାଯାଇଛି, ପ୍ରତି ୧୦୦୦ ପୁରୁଷ ମତଦାତା ହାରରେ ମହିଳା ଭୋଟରଙ୍କ ମତଦାନ ହାର ୧୦୭୫.୫ । ଏହାର କାରଣ ହେଉଛି, ନିଜ ଜନ୍ମସ୍ଥାନରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିଥିବା ପୁରୁଷ ଭୋଟଦାତା ରାଜ୍ୟ ବାହାରେ କାମ କରୁଥିବାରୁ ଭୋଟ ଗ୍ରହଣ ଦିନ ଫେରିବାକୁ ଅସମର୍ଥ ହୋଇଥାଆନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ଭୋଟ ହାର ଏହା ପ୍ରମାଣିତ କରୁଛି। କିନ୍ତୁ ବାସ୍ତବରେ ରାଜ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ମହିଳାଙ୍କ ତୁଳନାରେ ଅଧିକ । ପ୍ରତି ୧୦୦୦ ପୁରୁଷ ଭୋଟର ସଂଖ୍ୟାରେ ମହିଳାଙ୍କ ସଂଖ୍ୟା ହେଉଛି ୯୧୫.୫।

ନିଜ ଜନ୍ମସ୍ଥାନରେ ବର୍ଷ ବର୍ଷ ଧରି ଅନୁପସ୍ଥିତ ଥିବା ଏବଂ ସାମୟିକ ଅନୁପସ୍ଥିତ ଥିବା ଭୋଟଦାତାଙ୍କୁ ଚିହ୍ନଟ କରିବା ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ନିଶ୍ଚିତ ଭାବେ କଷ୍ଟକର। ଆହୁରି ମଧ୍ୟ ଦୀର୍ଘ ବର୍ଷ ଧରି ଅନୁପସ୍ଥିତ ଥିବା ଭୋଟର ସେମାନଙ୍କ ନାମ ରହୁଥିବା ସ୍ଥାନରେ ପଞ୍ଜୀକରଣ କରିଛନ୍ତି କି ନାହିଁ, ସେ ନେଇ ନିର୍ବାଚନ କମିଶନ ନିଶ୍ଚିତ ହେବା ଆବଶ୍ୟକ। ନୀତିଗତ ଭାବେ ନିର୍ବାଚନ କମିଶନ ଏ କ୍ଷେତ୍ରରେ ଭାରସାମ୍ୟ ରକ୍ଷାକରିବା ଜରୁରୀ। ତେଣୁ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତ ଅଭିଯାନ ବା ଚିହ୍ନଟ ପ୍ରକ୍ରିୟା ପାଇଁ ମାତ୍ର ଗୋଟିଏ ମାସ ନୁହେଁ, ଅଧିକ ସମୟ ଆବଶ୍ୟକ। ଏ ନେଇ ନିର୍ବାଚନ କମିଶନ ଅଧିକ ସମୟ ସ୍ଥିର କରିବା ଜରୁରୀ। ଭୋଟର ତାଲିକା ଯାଞ୍ଚ ପାଇଁ ବୁଥ୍ ସ୍ତରରେ ନିୟୋଜିତ କର୍ମଚାରୀ(ବିଏଲ୍‌ଓ)ମାନେ ଘରକୁ ଘର ବୁଲି ଭୋଟରଙ୍କ ଆଇଡି ଯାଞ୍ଚ ସଂଗ୍ରହଣ କରିବା ଆବଶ୍ୟକ। କିନ୍ତୁ ସେଗୁଡ଼ିକୁ ସ୍କାନ୍ କରି ଅପ୍‌ଲୋଡ୍ କରିବା ପାଇଁ ମାତ୍ର ୧ସପ୍ତାହ ସମୟ ଦିଆଯାଇଥିବାରୁ ତାହା ଗରିବ, ପ୍ରବାସୀ ଶ୍ରମିକଙ୍କ ପାଇଁ ସମ୍ଭବ ନୁହେଁ। ଏହାର ପରିଣତି ସ୍ୱରୂପ ୭କୋଟିରୁ ଅଧିକ ବିହାରର ସ୍ଥାୟୀ ବାସିନ୍ଦା ଭୋଟର ତାଲିକାରୁ ବାଦ୍ ପଡ଼ିପାରନ୍ତି ବୋଲି ଆକଳନ କରାଯାଏ।

**ଗାଙ୍ଗୋତ୍ରୀନଗର,**
**ଶିଶୁପାଳଗଡ଼,ଭୁବନେଶ୍ୱର**
**ମୋ: ୭୯୭୮୬୬୬୪୦୩**

## ଏଇ ଭାରତରେ

ପିଲାଙ୍କୁ ଡାକ୍ତର କରିବା ପାଇଁ ଅଭିଭାବକମାନେ ଅତ୍ୟଧିକ ଚେଷ୍ଟା କରୁଛନ୍ତି। ପିଲାମାନେ ମଧ୍ୟ ଏଥିପାଇଁ ଦିନରାତି ଏକ କରିଦେଉଛନ୍ତି। କିନ୍ତୁ ଜଣେ ଛାତ୍ରୀ ଡାକ୍ତର ହେବା ପରେ ତାହାକୁ ଛାଡ଼ି ବନାଗ୍ନି ସମସ୍ୟା ସମାଧାନ ପାଇଁ ଆଗକୁ ଆସିଛନ୍ତି। ଏହି ମହିଳା ଡାକ୍ତର ହେଉଛନ୍ତି ଉତ୍ତରାଖଣ୍ଡର ଡ. ମେଘା ସକ୍ସେନା। ଉତ୍ତରାଖଣ୍ଡର ପାଇନ ଗଛ ନିଡଲ୍ (ଛୁଞ୍ଚି ଭଳି ପତ୍ର) ଝଡ଼ି ବହୁ ସମୟରେ ବନାଗ୍ନିର କାରଣ ପାଲଟିଥାଏ। ଏହାର ସମାଧାନ ପାଇଁ ସେ ପାଇନ ନିଡଲ୍ ବର୍ଜ୍ୟକୁ ବ୍ୟବହାର ଯୋଗ୍ୟ ବାୟୋଚାର୍ ଆଧାରିତ ଅର୍ଥାତ୍ ଅଙ୍ଗାର ଭଳି ଜୈବ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି, ଯାହା ମାଟିର ଉର୍ବରତା ବଢ଼ାବାରେ ସାହାଯ୍ୟ କରୁଛି। ଏହା ବ୍ୟତୀତ ନିଡଲ୍ ବର୍ଜ୍ୟରୁ ଉଡ୍ ଭିନେଗାର ସବୁ ପ୍ରସ୍ତୁତ କରୁଛନ୍ତି ଏବଂ ଏହା କୀଟନାଶକଭାବେ ବ୍ୟବହାର ହେଉଛି। ଏହା ସହ ପାଇନ ବର୍ଜ୍ୟ ସହିତ ଅନ୍ୟ ଖାଦ୍ୟଶସ୍ୟ ମିଶାଇ କୁକୁଡ଼ା ଓ ମାଛ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ସେ ଇକୋଚାର ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାମ କରୁଛନ୍ତ ଏବଂ ଏହାକୁ ସେ ୨୦୧୧ରେ ପ୍ରତିଷ୍ଠା କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୦ ଜୁଲାଇ ୧୯୭୬**

- ରାଜ୍ୟର ଐତିହାସିକ ଅଂଶୁପା ହ୍ରଦର ଉନ୍ନୟନ ସକାଶେ ୧୯ ଲକ୍ଷ ଟଙ୍କା ବ୍ୟୟ କରାଯିବାକୁ ସିଦ୍ଧାନ୍ତ କରାଯାଇଛି।
- ପଶ୍ଚିମ ଜର୍ମାନୀର ପୂର୍ବତନ ରାଷ୍ଟ୍ରପତି ପୁସ୍ତାଭ୍ ହାନେମାନଙ୍କ ପରଲୋକ।

## ଦେଶ ବିକାଶରେ ମତ୍ସ୍ୟ କ୍ଷେତ୍ର



ପ୍ରକାଶ ତ୍ରିପାଠୀ

ଆଜିର ଦିନଟି ଓଡ଼ିଶା ପାଇଁ ଏକ ସ୍ମରଣୀୟ ଦିବସ। ୧୯୫୭ ଜୁଲାଇ ୧୦ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଭାରତର ବିଶିଷ୍ଟ ମତ୍ସ୍ୟବିଜ୍ଞାନୀ ଡ. କେ. ଏଚ. ଆଲିକୁନି ଏବଂ ଡ. ହିରାଲାଲ ଚୌଧୁରୀଙ୍କ ଅକ୍ଲାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ତଥା ତତ୍କାଳୀନ ଓଡ଼ିଶାର ମତ୍ସ୍ୟ ନିର୍ଦ୍ଦେଶକ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା। ଏହି ମହତ୍ତ୍ୱପୂର୍ଣ୍ଣ ସଫଳତାକୁ ମନେରଖିବା ପାଇଁ ଏହି ଦିନଟିକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇଥାଏ। ମତ୍ସ୍ୟ କ୍ଷେତ୍ରକୁ ନୂତନ ଜ୍ଞାନକୌଶଳଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟଲକ୍ଷ୍ୟ।

ମତ୍ସ୍ୟଚାଷ ଏବଂ ଜଳକୃଷି କ୍ଷେତ୍ର ଦେଶର ଖାଦ୍ୟ ସୁରକ୍ଷା, ପୁଷ୍ଟିଯୋଗାଣ, ନିଯୁକ୍ତି ଏବଂ ଆର୍ଥିକ ଅଭିବୃଦ୍ଧିର ଏକ ମୂଳଦୁଆ ଭାବରେ ଉଭା ହୋଇଛି। ଏହି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଏବଂ ଅଧିକ ସମର୍ଥନ କରିବାର ଆବଶ୍ୟକତାକୁ ସ୍ୱୀକାର କରି, ଭାରତ ସରକାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅନ୍ତର୍ଗତ ଏକ କେନ୍ଦ୍ରୀୟ କ୍ଷେତ୍ର ଉପ-ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନାକୁ ଅନୁମୋଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନା ମତ୍ସ୍ୟଚାଷକୁ ସୁଦୃଢ଼ କରି, ମୂଲ୍ୟ ଶୃଙ୍ଖଳା, ନିଯୁକ୍ତି ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ଭାରତୀୟ ମତ୍ସ୍ୟଚାଷ ଉତ୍ପାଦର ବିପ୍ଳବ ଆଣିବାର ସମ୍ଭାବନା ସୃଷ୍ଟି କରିଛି। ଭାରତ ହେଉଛି ତୃତୀୟ ବୃହତ୍ତମ ମାଛ ଉତ୍ପାଦନକାରୀ ଏବଂ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଜଳକୃଷି ମାଛ ଉତ୍ପାଦନକାରୀ ଦେଶ । ବିଶ୍ୱ ମାଛ ଉତ୍ପାଦନରେ ଭାରତର ଅବଦାନ ପ୍ରାୟ ସାତ ଭାଗ। ମତ୍ସ୍ୟଚାଷରେ ନିବେଶ, ପ୍ରଯୁକ୍ତିବିଦ୍ୟା ପ୍ରୟୋଗ, ତାଲିମ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ଜାତୀୟ ମାଛ ଉତ୍ପାଦନ ୨୦୨୩-୨୪ରେ ସର୍ବକାଳୀନ ସର୍ବାଧିକ ୧୮୪.୦୨ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି ; ଯାହାକି ବିଗତ ଦଶବର୍ଷ ମଧ୍ୟରେ ପ୍ରାୟ ଦୁଇଗୁଣ ଅଧିକ। ସେହିପରି ବିଗତ ଦୁଇ ଦଶନ୍ଧିରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ପ୍ରାୟ ଦଶ ଗୁଣ ବୃଦ୍ଧି ପାଇଛି। ୨୦୦୩-୦୪ରେ ରପ୍ତାନି ମୂଲ୍ୟ ୬୦୯.୯୫ କୋଟି ଟଙ୍କା ଥିଲା ବେଳେ ବିଶ୍ୱ ବଜାରରେ ଚ୍ୟାଲେଞ୍ଜ ସତ୍ତ୍ୱେ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତ ୧୭. ୮୧୬ ଲକ୍ଷ ମେଟ୍ରିକ ଟନ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଛି, ଯାହାର ମୂଲ୍ୟ ୬୦୫୨୩.୮୯ କୋଟି ଟଙ୍କା।

ଭାରତ ବିଭିନ୍ନ ଜଳ ସମ୍ପଦ ଏବଂ ମତ୍ସ୍ୟ ପ୍ରଜାତିରେ ସମୃଦ୍ଧ। ଏହା ଦୁଇ ହଜାରରୁ ଅଧିକ ପ୍ରଜାତିର ମାଛର ଆବାସସ୍ଥଳ। ପ୍ରାକୃତିକ ଜଳ ସମ୍ପଦର ସ୍ଥାୟୀ ପରିଚାଳନା ଏବଂ ସଂରକ୍ଷଣ ହାସଲ କରିବା ପାଇଁ ନୀତି ନିର୍ଦ୍ଧାରକ, ବିଶେଷଜ୍ଞ, ଗବେଷକ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ଏବଂ ଜଳଜ ସମ୍ପଦ ଉପରେ ଜ୍ଞାନ ପ୍ରସାରଣ ମାଧ୍ୟମରେ ଏହାକୁ ଅଧିକ ସମୃଦ୍ଧଶାଳୀ କରାଯାଉଛି। ବିଶ୍ୱର ୧୩୨ଟି ଦେଶକୁ ୫୦ରୁ ଅଧିକ ବିଭିନ୍ନ ପ୍ରକାରର ମାଛ ରପ୍ତାନି କରୁଥିବା ଭାରତ ବର୍ତ୍ତମାନ କୃଷି ରପ୍ତାନିରେ ସବୁଠାରୁ ବଡ଼ ଗୋଷ୍ଠୀ ଭାବରେ ଉଭା ହୋଇଛି। ଜାତୀୟ ମତ୍ସ୍ୟପାଳନ ଡିଜିଟାଲ ପ୍ଲାଟଫର୍ମ ହେଉଛି ଭାରତ



ସରକାରଙ୍କ ମତ୍ସ୍ୟପାଳନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଏହା ସୂଚନାଭିତ୍ତିକ ନିଷ୍ପତ୍ତି ଗ୍ରହଣ, ନୀତି ଗଠନ ଏବଂ ସହଭାଗିତା ଏବଂ ସହଯୋଗକୁ ସହଜ କରିବା ପାଇଁ ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ ପାଇଁ ଏକ ବ୍ୟାପକ ଢାଞ୍ଚା ମାଧ୍ୟମରେ ପ୍ରମାଣ-ଆଧାରିତ ମତ୍ସ୍ୟପାଳନ ପରିଚାଳନା ପାଇଁ ମୂଳଦୁଆ ପକାଇବ। ୨୦୨୫-୨୬ ବଜେଟ ଘୋଷଣା ରଣନୀତିକ ଭାବରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା, କଷ୍ଟମ ଡ୍ୟୁଟି ହ୍ରାସ କରି ଚାଷୀଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବା ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ବିକାଶକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ପ୍ରଦାନ କରେ। ଭାରତ ସରକାର ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ, ପ୍ରକ୍ରିୟାକରଣ ଏବଂ ଅନ୍ୟାନ୍ୟ ମତ୍ସ୍ୟଜୀବୀଙ୍କ ପାଇଁ ଋଣ ଉପଲବ୍ଧତାକୁ ବୃଦ୍ଧି କରିବା ପାଇଁ କିଷାନ କ୍ରେଡିଟ କାର୍ଡ (କେସିସି)ଋଣ ସୀମା ତିନି ଲକ୍ଷରୁ ପାଞ୍ଚ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି; ଯାହାକି ସାଧାରଣ ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶରେ ଅନେକ ସମ୍ଭାବନା ସୃଷ୍ଟି କରିଛି।

ସେହିପରି ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଭାରତର ପୂର୍ବ ଉପକୂଳ ରାଜ୍ୟ ଓଡ଼ିଶା ଏକ ଉନ୍ନତ ରାଜ୍ୟ। ୭.୦୮ ଲକ୍ଷ ହେକ୍ଟର ମଧୁର ଜଳ କ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର ଓ ସର୍ବୋପରି ୫୭୫କିମି ଉପକୂଳ ଅଞ୍ଚଳକୁ ନେଇ ଓଡ଼ିଶା ମତ୍ସ୍ୟ ସମ୍ପଦ ସମୃଦ୍ଧ। ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି କରିବା ପାଇଁ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ବିଗତ ପାଞ୍ଚବର୍ଷ ମଧ୍ୟରେ ମାଛ ଯାଆଁଳ ଉତ୍ପାଦନ ୯୪.୭୨ କୋଟିରୁ ୩୧୦ କୋଟିରେ ପହଞ୍ଚିଛି। ଆମ ରାଜ୍ୟରେ ମାଛ ଉତ୍ପାଦନ ବିଗତ ୫ ବର୍ଷରେ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇ ୧୧.୯୨ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି। ବିଗତ ଦୁଇ ଦଶନ୍ଧିରେ ଜାତୀୟ ସ୍ତରରେ ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଅଷ୍ଟମ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଛି। ଓଡ଼ିଶାର ପ୍ରାୟ ୧୫ ଲକ୍ଷ ଲୋକ ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ। ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରୋତ୍ସାହନ ତଥା ମତ୍ସ୍ୟଚାଷୀଙ୍କ ସଫଳ ଉଦ୍ୟମ ଯୋଗୁ ଆମ ରାଜ୍ୟ ମାଛ ଉତ୍ପାଦନରେ ପ୍ରଗତି ହାସଲ କରିଚାଲିଛି। ଖାଦ୍ୟ ନିରାପତ୍ତା, ଜୀବିକା ସୁରକ୍ଷା, ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀଙ୍କ କଲ୍ୟାଣ ଓ ନିଯୁକ୍ତି ସୃଷ୍ଟିପାଇଁ ଜଳକୃଷିର ବିକାଶ ଓ ମତ୍ସ୍ୟ ସମ୍ପ୍ରସାରଣ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶ ନିଜକୁ ପ୍ରତିଷ୍ଠିତ କରିପାରିଛି। ଜାତୀୟ ସ୍ତରରେ ମୁଣ୍ଡପିଛା ବାର୍ଷିକ ମାଛ ବ୍ୟବହାର ୧୩.୧୦ କିଲୋଗ୍ରାମ ଥିଲାବେଳେ ଆମ ରାଜ୍ୟରେ ଏହା ୧୮.୩୩ କିଲୋଗ୍ରାମ । ବୈଦେଶିକ ମୁଦ୍ରା ଅର୍ଜନରେ ମଧ୍ୟ ଓଡ଼ିଶା ମତ୍ସ୍ୟ କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରୁ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ପ୍ରାୟ ବାରଗୁଣ ବୃଦ୍ଧି ଘଟିଛି। ୨୦୦୦-୦୧ ବର୍ଷରେ ୧୦୦୬୪ ମେଟ୍ରିକ ଟନ ସାମୁଦ୍ରିକ ଖାଦ୍ୟ ଓଡ଼ିଶା ରପ୍ତାନି କରିଥିଲା ବେଳେ ୨୦୨୪-୨୫ରେ ଏହା ୯ ଗୁଣ ଅର୍ଥାତ ୯୨୦୧୮ ମେଟ୍ରିକ ଟନକୁ ବୃଦ୍ଧି ପାଇଛି। ସେହିପରି, ସେହି ସମୟ ମଧ୍ୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ମୂଲ୍ୟ ୩୭୯ କୋଟି ଟଙ୍କାରୁ ୪୭୦୧.୪୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଉଭୟ ଭୂ-ସମାନ୍ତର ଓ ଭୂ-ଲମ୍ବ ସମ୍ପ୍ରସାରଣ ଦ୍ୱାରା ମତ୍ସ୍ୟ କ୍ଷେତ୍ରକୁ ଅଧିକ ସୁଦୃଢ଼ ଓ ସମୃଦ୍ଧ କରିବା ପାଇଁ ସରକାର ସର୍ବଦା ତତ୍ପର। ନୂତନ ଜଳାଶ୍ରୟ ସୃଷ୍ଟି ସହ ଅବସ୍ଥିତ ଥିବା ଜଳାଶୟରେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରାଯାଇ ମାଛ ଉତ୍ପାଦନ ବୃଦ୍ଧି କରାଯାଉଛି। ଏହାସହ ଏଥିରେ ସମ୍ପୃକ୍ତ ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀ/ ଉଦ୍ୟୋଗୀଙ୍କ ଆୟବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି। ଦେଶର ମତ୍ସ୍ୟ ଚାଷୀ/ମତ୍ସ୍ୟଜୀବୀ/ମତ୍ସ୍ୟ ଉଦ୍ୟୋଗୀଙ୍କ ନିଷ୍ଠା ଓ ଦାୟିତ୍ୱସମ୍ପନ୍ନ ଆଭିମୁଖ୍ୟ ତଥା ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନ ଯୋଗୁ ଦେଶକୁ ମତ୍ସ୍ୟସମ୍ପଦ ଅଭିବୃଦ୍ଧିରେ ମିଳିଛି ସାମଗ୍ରିକ ସଫଳତା ଓ ଦ୍ରୁତ ଆର୍ଥିକ ବିକାଶ।

**ମୋ: ୯୪୩୭୨୩୨୪୬୩**

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | 6 | 1 | | |
| | 6 | | 3 | 7 | | | | |
| | | | 1 | | 9 | | | |
| | | | | 4 | | | 5 | |
| | | | | | | | | 7 |
| | 4 | | | 9 | | | | |
| 5 | | 2 | 9 | | | 8 | | |
| 6 | | 8 | | 2 | 7 | 3 | | |
| | 3 | 7 | 5 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 3 | 5 | 1 | 4 | 2 | 8 | 9 |
| 5 | 2 | 4 | 9 | 8 | 6 | 7 | 3 | 1 |
| 9 | 8 | 1 | 3 | 2 | 7 | 6 | 4 | 5 |
| 2 | 4 | 9 | 6 | 3 | 1 | 8 | 5 | 7 |
| 8 | 5 | 6 | 4 | 7 | 2 | 9 | 1 | 3 |
| 1 | 3 | 7 | 8 | 9 | 5 | 4 | 2 | 6 |
| 6 | 1 | 5 | 7 | 4 | 8 | 3 | 9 | 2 |
| 4 | 9 | 2 | 1 | 6 | 3 | 5 | 7 | 8 |
| 3 | 7 | 8 | 2 | 5 | 9 | 1 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଗୁଆ ଜାମିନ

ମହାଶୟ,

ଆମ ଜାଣିବାରେ, ଯିଏ ଦୋଷକରେ ପୋଲିସ ତାକୁ ଗିରଫ କରେ। ପରେ ସତ ଓକାଳିବାକୁ ମାଡ଼ ଦିଏ ଏବଂ ଶେଷରେ କୋର୍ଟକୁ ଫର୍‌ୱାର୍ଡ କରେ। ଜାମିନ ଲାଗି ଆବେଦନ କରାଗଲେ ବିଚାରପତି ବିଚାର କରନ୍ତି। ମନବୁଝିଲେ ଜାମିନରେ ଛାଡ଼ିପାରନ୍ତି କିମ୍ବା ଜେଲକୁ ପଠାଇ ଦେଇପାରନ୍ତି। ଅନେକ କ୍ଷେତ୍ରରେ ପୋଲିସ ଗିରଫ କରିବା ଆଗରୁ ଧନୀ ଲୋକମାନେ ଜାମିନ ଲାଗି ଆବେଦନ କରୁଛନ୍ତି ଏବଂ ଜଜ୍ ମଧ୍ୟ ଉକ୍ତ ଆବେଦନକୁ ମଞ୍ଜୁର୍ କରୁଛନ୍ତି। ଫଳରେ ସେମାନଙ୍କୁ ଗିରଫ କରାଯାଇପାରୁନାହିଁ। ସତେଯେମିତି ଏହି ଆଗୁଆ ଜାମିନ ନିୟମ କେବଳ ବଡ଼ ଲୋକ, ବଡ଼ ଓକିଲ ଏବଂ ବିଚାରପତିଙ୍କ ମଧ୍ୟରେ ସୀମିତ ରହିଯାଉଛି। ସାଧାରଣ ଲୋକେ ଏହାକୁ ବୁଝୁନାହାନ୍ତି କିମ୍ବା ଏହାର ସୁବିଧା ମଧ୍ୟ ନେଇପାରୁନାହାନ୍ତି। ଥାନା କି କୋର୍ଟ କଚେରିକୁ ନ ଯାଇ ଆଗୁଆ ଜାମିନ କେମିତି ମିଳୁଛି, ତାହା ଆମଭଳି ଲୋକ ବୁଝିପାରୁନାହିଁ।

**-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେଉଁ ଜୋଛନା ମରଇ ତୋ ନୀଳ ଜଳେ
ମୋହରି ଜୋଛନା ସେ ଗୋ ଖେଳେ କଉଶଳେ
କାନ୍ଦଇ ତୋହରି ତୁଳ
ତୁଷାରେ ସେ କେଉଁ ଫୁଲ,
ମୋହରି ପରାଣ ପ୍ରିୟ ଏମାନ ସକଳେ ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଜ୍ୟରେ ଆଂଶିକ ପ୍ରଭାବ



ଭୁବନେଶ୍ୱର ରାଜମହଲ ଛକରେ ଶ୍ରମିକ ସଂଗଠନ ପକ୍ଷରୁ ବୁଧବାର ବନ୍ଦ ଡାକରା ଯୋଗୁ ଅଟକି ରହିଥିବା ବସ୍।

ଭୁବନେଶ୍ୱର,୯।୭(ରବିନାରାୟଣ ଜେନା/ସତ୍ୟଜିତ୍ ରାଉତ)

## ଟ୍ରେଡ୍ ୟୁନିୟନର ଭାରତ ବନ୍ଦ ଡାକରା

କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ତଥା କର୍ପୋରେଟ ସପକ୍ଷବାଦୀ ନୀତିକୁ ବିରୋଧ ଏବଂ ଶ୍ରମକୋଡ୍ ବାତିଲ ଭଳି ୧୭ ଦଫା ଦାବି ନେଇ ୧୦ଟି ଶ୍ରମିକ ସଙ୍ଗଠନ ପକ୍ଷରୁ ବୁଧବାର ଦିଆଯାଇଥିବା ଭାରତ ବନ୍ଦ ଡାକରାର ଆଂଶିକ ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଛି। ବ୍ୟାଙ୍କିଙ୍ଗ୍, ବୀମା, ଡାକସେବାଠାରୁ ଆରମ୍ଭ କରି ଖଣି ଖନନ ଏବଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଶ୍ରମିକମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଏଥିଯୋଗୁ ଓଡ଼ିଶାର ସଡ଼କପଥ, ରେଳପଥରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏପରିକି ମେଡିକାଲ ଭଳି କେତେକ ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକେ ବାଟରେ ହୀନସ୍ତା ହୋଇଥିବା ଦେଖିବାକୁ ମିଳିଥିଲା। ରାଜଧାନୀ ସମେତ ବିଭିନ୍ନ ସହରାଞ୍ଚଳରେ ପେଟ୍ରୋଲ ଟାଙ୍କି ବନ୍ଦ ରହିଥିବାବେଳେ ବିଭିନ୍ନ ବାଣିଜ୍ୟିକ ଅନୁଷ୍ଠାନ ବାଧାପ୍ରାପ୍ତ ହୋଇଛି। ତେବେ ସରକାରୀ କାର୍ଯ୍ୟାଳୟ ସେତେଟା ବାଧାପ୍ରାପ୍ତ ହୋଇ ନ ଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଶ୍ରମିକ ସଙ୍ଗଠନର ଅବରୋଧ ଯୋଗୁ ଟ୍ରକ୍‌ଗୁଡିକ ଅଟକି ରହିଥିଲା, ଫଳରେ ମାଲ୍ ଓ ତୈଳ ପରିବହନ କ୍ଷେତ୍ରରେ ବାଧା ଉପୁଜିଛି। ଅନେକ ଦୂରଗାମୀ ଟ୍ରେନ୍ ଦୀର୍ଘସମୟ ଧରି ବିଭିନ୍ନ ଷ୍ଟେଶନରେ ଅଟକି ରହିବାରୁ ଲୋକେ ଗନ୍ତବ୍ୟସ୍ଥଳରେ ଠିକଣା ସମୟରେ ପହଞ୍ଚି ପାରିନାହାନ୍ତି। ରାଜ୍ୟରେ ଯାତ୍ରୀବାହୀ ବସ୍ ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଥିବାବେଳେ ଟ୍ରକ୍‌ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବାଧାପ୍ରାପ୍ତ ହୋଇଛି।

ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୬ଟାବେଳେ ସିଆଇଟିୟୁ, ଏଆଇଟିୟୁସି, ଏଆଇସିସିଟିୟୁ ଏବଂ ଟିୟୁସି ସଙ୍ଗଠନର କର୍ମୀମାନେ ପିକେଟିଂ କରିବା ସହ ସଡ଼କପଥରେ ଗାଡ଼ିମୋଟର ଚଳାଚଳରେ ବାଧା ସୃଷ୍ଟି କରିଥିଲେ। ରାଜମହଲ, ମାଷ୍ଟରକ୍ୟାଣ୍ଟିନ, ସିଟି ବସ୍‌ଷ୍ଟାଣ୍ଡ, ବ୍ୟାଙ୍କ, ଲେବର କମିଶନର, ରସୁଲଗଡ଼, ବାଣୀବିହାର, କ୍ରାଉନ୍ ହୋଟେଲ, ଡୁମୁଡୁମା, ନାଲ୍‌କୋ, ଜୟଦେବ ବିହାର, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏବଂ ଏଜି ଛକ ଆଦିରେ ଅନେକ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଧାରଣାରେ ବସିଥିଲେ। ଜୟଦେବ ବିହାର ଓଭରବ୍ରିଜ୍ ଉପରେ ଶ୍ରମିକ ସଙ୍ଗଠନର କର୍ମୀମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଜାତୀୟ ରାଜପଥରେ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନୁରୂପ ଭାବେ ରେଳଷ୍ଟେଶନରେ ଶ୍ରମିକ ସଙ୍ଗଠନର କର୍ମୀମାନେ ରେଳଲାଇନ ଉପରେ ଧାରଣା ଦେବା ଯୋଗୁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାଜଧାନୀରେ ଅଟୋ ଚଳାଚଳ ସ୍ୱାଭାବିକ ଥିବାବେଳେ ମୁଖ୍ୟ ବ୍ୟବସାୟ କେନ୍ଦ୍ରଗୁଡ଼ିକ ବନ୍ଦ ରହିଥିଲା। ସେହିପରି ରିଜର୍ଭ ବ୍ୟାଙ୍କ ସମେତ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବୀମା କମ୍ପାନୀ ଅଫିସ, ବିଏସ୍‌ଏନ୍‌ଏଲ୍ ମୁଖ୍ୟ ଅଫିସ, ପିଏମଜି, ପୂର୍ବତଟ ରେଳପଥ ମୁଖ୍ୟ କାର୍ଯ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ, ନାଲକୋ ମୁଖ୍ୟ ଅଫିସ ଫାଟକ ଇତ୍ୟାଦି ସ୍ଥାନରେ ମଧ୍ୟ ବିଭିନ୍ନ ଶ୍ରମିକ ୟୁନିୟନର ରାଜ୍ୟ ନେତୃତ୍ୱ ଏବଂ କର୍ମୀମାନେ ଧର୍ମଘଟ କରିଥିଲେ। କାଁ ଭାଁ କିଛି ସ୍ଥାନରେ ଛୋଟମୋଟ ଘଟଣାକୁ ଛାଡ଼ିଦେଲେ ବନ୍ଦ ପ୍ରାୟତଃ ଶାନ୍ତିପୂର୍ଣ୍ଣ ରହିଥିଲା। ଗାନ୍ଧୀମାର୍ଗରେ ପୋଲିସ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ଶତାଧିକ ବିକ୍ଷୋଭକାରୀଙ୍କୁ ଗିରଫ କରି ପରେ ଛାଡ଼ି ଦେଇଥିଲା। ବନ୍ଦର ପ୍ରଭାବ ରାଜଧାନୀ ଭୁବନେଶ୍ୱର ସମେତ କଟକ, ରାଉରକେଲା, ପାରାଦୀପ, ସମ୍ବଲପୁର, ଝାରସୁଗୁଡ଼ା, ବ୍ରହ୍ମପୁର ଓ ଜୟପୁର ସହରରେ ମଧ୍ୟ ବନ୍ଦର ଆଂଶିକ ପ୍ରଭାବ ପରିଲକ୍ଷିତ ହୋଇଥିଲା। ଭଦ୍ରକ ଭଳି ବିଭିନ୍ନ ସହରରେ ବିଜେଡି କର୍ମୀମାନେ ବନ୍ଦ ଆହ୍ୱାନକୁ ସମର୍ଥନକରି ପିକେଟିଂ କରିବା ଦେଖାଯାଇଥିଲା। ଫଳରେ ୧୬ ନମ୍ବର ଜାତୀୟ ରାଜପଥରେ ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କ ବିଭିନ୍ନ ଦାବି ପୂରଣରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ୧୦ଟି ଟ୍ରେଡ୍ ୟୁନିୟନ ଦେଶବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ୧୭ ଦଫା ଦାବିରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଇଛି। ସର୍ବଭାରତୀୟସ୍ତରରେ ଶ୍ରମିକଙ୍କ ବନ୍ଦ ଡାକରା ଯୋଗୁ କେରଳ, ପଶ୍ଚିମବଙ୍ଗ, ତାମିଲନାଡୁ, ତେଲଙ୍ଗାନା, ମହାରାଷ୍ଟ୍ର ଓ ବିହାର ଭଳି କେତେକ ରାଜ୍ୟରେ ଏହାର ବିଶେଷ ପ୍ରଭାବ ଦେଖିବାକୁ ମିଳିଛି।

# ପିଲାଙ୍କ ଦକ୍ଷତା ବୃଦ୍ଧି ପାଇବ

ରାଜ୍ୟର ସରକାରୀ ବିଦ୍ୟାଳୟରେ ୫ମ ଓ ୮ମ ଶ୍ରେଣୀରେ ପଢୁଥିବା ପିଲାମାନଙ୍କୁ ଏବେ ପରୀକ୍ଷାରେ ପାସ୍ କରିବାକୁ ପଡ଼ିବ। ପାସ୍ କଲେ ହିଁ ସେମାନେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇପାରିବେ। ନଚେତ୍ ଫେଲ୍ ହେବେ ଏବଂ ସେମାନଙ୍କୁ ଆଉ ଥରେ ପୂର୍ବ ଶ୍ରେଣୀରେ ପଢ଼ିବାକୁ ପଡ଼ିବ ବୋଲି ବୁଧବାର ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାଦ୍ୱାରା ପିଲାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବା ସହ ସେମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ ବୋଲି କୁହାଯାଉଛି। ଶିକ୍ଷାବିତ୍‌ମାନେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଏହା ପିଲାମାନଙ୍କ ଶିକ୍ଷାଗତ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ବେଶ୍ ସହାୟକ ହେବ। ଅପରପକ୍ଷରେ ଏଭଳି ନିଷ୍ପତ୍ତିରେ ଡ୍ରପ୍ ଆଉଟ ସଂଖ୍ୟା ବୃଦ୍ଧି ହୋଇପାରେ ବୋଲି ମତପ୍ରକାଶ ପାଇଛି।

### ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ହେବ



ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷାରେ ଫେଲ୍ ବ୍ୟବସ୍ଥା ଦ୍ୱାରା ପିଲାଙ୍କ ମଧ୍ୟରେ ପାଠ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି ହେବ। ପୁଣି ଥରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାକୁ ସେମାନେ ଚେଷ୍ଟା କରିବେ। ରାଜ୍ୟ ସରକାରଙ୍କର ଏହା ଏକ ଉତ୍ତମ ପଦକ୍ଷେପ। ଯଦି କୌଣସି କାରଣରୁ ପିଲାଟିଏ ପରୀକ୍ଷା ଦେଇପାରିନାହିଁ, ତା'ହେଲେ ସେ ପୁଣି ପରୀକ୍ଷା ଦେଇ ପାସ୍ କରିପାରିବ। ହେଲେ ଏହି ନିୟମ କିଛି ଛାତ୍ରୀଛାତ୍ରଙ୍କ ଉପରେ ମାନସିକ ଚାପ ପକାଇବାର ଆଶଙ୍କା ରହିଛି।

**–ପ୍ରମୋଦ କୁମାର ଦାଶ, ପ୍ରଧାନ ଶିକ୍ଷକ, ୟୁନିଟ–୧ ହାଇସ୍କୁଲ, ଭୁବନେଶ୍ୱର**

### ପିଲାଙ୍କ ପାଠପଢ଼ା ପ୍ରତି ଆଗ୍ରହ ବଢ଼ିବ



ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସଂଶୋଧନ ଆଣିଛନ୍ତି। ଗଣଶିକ୍ଷା ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଜାରି କରିଛି। ନୂତନ ନିୟମ ଅନୁସାରେ ୫ମ ଓ ୮ମ ଶ୍ରେଣୀରେ ଫେଲ ହେଲେ ପୁଣି ଥରେ ପରୀକ୍ଷା ଦେବାର ସୁଯୋଗ ପାଇବେ। ଦୁଇ ମାସ ମଧ୍ୟରେ ପୁନଃ ପରୀକ୍ଷାରେ ଫେଲ ହୁଅନ୍ତି, ତେବେ ସେହି ଶ୍ରେଣୀରେ ହିଁ ପଡିବେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ ପ୍ରଥମରୁ ୮ମ ଶ୍ରେଣୀ ଯାଏ ପାସ୍‌ଫେଲ ବ୍ୟବସ୍ଥା ନ ଥିଲା। ଏହି ନୂତନ ନିୟମ ଲାଗୁ ହେବା ଦ୍ୱାରା ପିଲାମାନଙ୍କର ପାଠପଢ଼ା ପ୍ରତି ଆଗ୍ରହ ବଢ଼ିବ। ଫେଲ୍ ହେବା ଭୟରେ ପାଠପଢ଼ା ପ୍ରତି ଅଧିକ ଯତ୍ନବାନ ହେବେ। ଏହା ଦ୍ୱାରା ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇବା ସହ ପିଲାଙ୍କ ପାଠପଢ଼ାରେ ଉନ୍ନତି ଆସିବ। ଏକ ପ୍ରକାର ପ୍ରତିଯୋଗିତା ମନୋଭାବ ବୃଦ୍ଧି ପାଇବ।

**– ଗଙ୍ଗାଧର ଦାସ, ଶିକ୍ଷାବିତ୍, ଖୋର୍ଦ୍ଧା**

### ପାସ୍, ଫେଲ୍ ବ୍ୟବସ୍ଥା ନିହାତି ଆବଶ୍ୟକ



ଆମର ପୂର୍ବ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଫେଲ୍ ବ୍ୟବସ୍ଥା ଉଠାଇଦେଲେ। ଏବେର ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍, ଫେଲ୍ ଲାଗୁ କରିବାକୁ ଯାଉଛନ୍ତି। ଏହାଦ୍ୱାରା କୋମଳମତି ଶିଶୁମାନେ ଅସୁବିଧାରେ ପଡୁଛନ୍ତି। ପିଲାମାନଙ୍କ ପାଇଁ ପାସ୍ ରହିବ, କିନ୍ତୁ ଫେଲ୍ ରହିବନି ତାହା କେବେ ବି ଗ୍ରହଣୀୟ ନୁହେଁ। ମାତ୍ର ନିଷ୍ଠୁର ସତ କଥାଟି ହେଲା ଏ ବ୍ୟବସ୍ଥା ରହିବାର ଯୌକ୍ତିକତା ରହିଛି। ଜ୍ଞାନର ଉପଯୋଗିତାକୁ ଆଖି ଆଗରେ ରଖି ପାସ୍, ଫେଲ୍ ରହିବା ନିହାତି ଆବଶ୍ୟକ। ଏହାଦ୍ୱାରା ଆମର ଶିକ୍ଷାକ୍ଷେତ୍ର ଯେ ସୁଦୃଢ଼ ହେବ ଏହା ନିଃସନ୍ଦେହ।

**– ଭାଗୀରଥି ସାହୁ, ଶିକ୍ଷାବିତ୍, ଯୋବ୍ରା, କଟକ**

### ପାଠପଢ଼ା ଦିଗରେ ସଂସ୍କାର ଆସିବ



ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ନୂଆ ନିୟମ ସ୍ୱାଗତଯୋଗ୍ୟ। ପାସ୍, ଫେଲ୍ ବ୍ୟବସ୍ଥା ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଦିଗରେ ସଂସ୍କାର ଆଣିବ। ଫେଲ୍ ହେବା ଭୟରେ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଆସିବ। ପ୍ରାଥମିକସ୍ତରରୁ ଛାତ୍ରୀଛାତ୍ରମାନେ ଅଧ୍ୟୟନରେ ପୂର୍ବାପେକ୍ଷା ଅଧିକ ଧ୍ୟାନକେନ୍ଦ୍ରିକ ହେବେ। ପୂର୍ବରୁ ସମସ୍ତେ ପାସ୍ ହେବା ବ୍ୟବସ୍ଥା ଯୋଗୁଁ ଶ୍ରେଣୀ ଅନୁଯାୟୀ ସମସ୍ତ ବିଷୟରେ ଅଭିଜ୍ଞ ନ ହୋଇ ମଧ ପିଲାମାନେ ଉତ୍ତୀର୍ଣ୍ଣ ହେଉଥିଲେ। ଫଳରେ ଉଚ୍ଚଶିକ୍ଷା କ୍ଷେତ୍ରରେ ବହୁ ପିଲା ଅସଫଳ ହେଉଥିଲେ। ଅପରପକ୍ଷରେ ଫେଲ୍ ବ୍ୟବସ୍ଥା ଯୋଗୁଁ ଡ୍ରପ ଆଉଟ୍ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି।

**– ପଦ୍ମଲୋଚନ ବାରିକ, ଅବସରପ୍ରାପ୍ତ ଶିକ୍ଷକ, ବସ୍ତା, ବାଲେଶ୍ୱର**

### ନୂତନ ବ୍ୟବସ୍ଥା ବେଶ୍ ଫଳପ୍ରଦ ହେବ



ପୂର୍ବରୁ ପରୀକ୍ଷାରେ ଫେଲ୍ ହେଲେ ମଧ୍ୟ ଶ୍ରେଣୀ ଉତ୍ତୀର୍ଣ୍ଣ ବ୍ୟବସ୍ଥା ଯୋଗୁ ପିଲା ପାଠପଢ଼ା ପ୍ରତି ଅବହେଳା କରୁଥିଲେ। ଏଭଳିକି ଅ, ଆ ଜାଣି ନ ଥିବା ପିଲା ମଧ୍ୟ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଯାଉଥିଲେ। ଏହାଦ୍ୱାରା ପିଲାଙ୍କ ଶିକ୍ଷାରେ ବିକାଶ ହୋଇପାରୁ ନ ଥିଲା। ଏବେ ପରୀକ୍ଷାରେ ପାସ୍ ହେଲେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ବ୍ୟବସ୍ଥା ହେବା ଦ୍ୱାରା ପିଲାଙ୍କ ମନରେ ପାଠପଢା ପ୍ରତି ଏକ ଦାୟିତ୍ୱ ଆସିବ। ପାସ୍ ଲକ୍ଷ୍ୟରେ ଛାତ୍ରୀଛାତ୍ର ପାଠ ପଢିବେ ଏବଂ ସେମାନଙ୍କ ଶିକ୍ଷାର ମାନ ବଢିବ। ମୁଁ ନିକଟରେ ଶିକ୍ଷକତା ବୃତ୍ତିରୁ ଅବସର ନେଇଛି, ତେଣୁ ବର୍ତ୍ତମାନ ଲାଗୁ ହୋଇଥିବା ଏହି ନୂତନ ବ୍ୟବସ୍ଥା ବେଶ୍ ଫଳପ୍ରଦ ହେବ। ନୂତନ ଶିକ୍ଷା ବ୍ୟବସ୍ଥା ପିଲା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଏକ ସୁସମ୍ପର୍କ ସ୍ଥାପନର ମାଧ୍ୟମ ହେବ।

**– ଶଶିଭୂଷଣ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ରାୟଗଡ଼ା**

### ଡ୍ରପ୍ ଆଉଟ୍ ସଂଖ୍ୟା ବୃଦ୍ଧି ପାଇବ



ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଫେଲ୍ ନିଷ୍ପତ୍ତି ଜାତୀୟ ଶିକ୍ଷାନୀତି ବିରୋଧୀ। ଏହାଦ୍ୱାରା ରାଜ୍ୟରେ ଡ୍ରପ୍ ଆଉଟ୍ ସଂଖ୍ୟା ବୃଦ୍ଧି ପାଇବ। ରାଜ୍ୟର ୫ମ ଶ୍ରେଣୀରେ ଫେଲ୍ ହେଉଥିବା ସନ୍ତାନଙ୍କୁ ଆଗକୁ ଆଉ ପାଠ ପଢ଼ାଇବାକୁ ଗରିବ ଶ୍ରେଣୀର ଅଭିଭାବକମାନେ ଆଗ୍ରହ ପ୍ରକାଶ କରିବେ ନାହିଁ। ଦେଶରୁ ଡ୍ରପ୍‌ଆଉଟ୍ ସଂଖ୍ୟା ହ୍ରାସ ଓ ପିଲାଙ୍କ ମଧ୍ୟରେ ପାଠ ପ୍ରତି ଆଗ୍ରହ ବୃଦ୍ଧି ସକାଶେ କେନ୍ଦ୍ରୀୟ ଶିକ୍ଷାନୀତିରେ ୬ରୁ ୧୪ ବର୍ଷ ପିଲାଙ୍କୁ ଫେଲ୍ କରାଯିବ ନାହିଁ ବୋଲି ନିୟମ ରହିଛି। ତେଣୁ ରାଜ୍ୟ ସରକାର ଏହି ନୀତିର ଉଲ୍ଲଂଘନ କରିବା ଅନୁଚିତ।

**– ରାଜେନ୍ଦ୍ର ପଣ୍ଡା, ଶିକ୍ଷାବିତ୍, ସମ୍ବଲପୁର**

## ଅପରାଧ

# ଗୁଳି ଫୁଟାଇ ଆତଙ୍କ ଖେଳାଇଲେ ଲୁଟେରା ଗ୍ୟାଙ୍ଗ

ତାଳଚେର,୯।୭ (ମନୋଜ ନନ୍ଦ)

- ରାତିକରେ ୩ ଜଣଙ୍କ ଠାରୁ ଲୁଟ୍, ଜଣଙ୍କର ଗାଡ଼ି ଭାଙ୍ଗିଲେ
- ଲୁଟ୍‌ର ହଟ୍‌ସ୍ପଟ୍ ପାଲଟିଛି ବାଘୁଆବୋଲ ରେଳଫାଟକ





ଲୁଟେରାଙ୍କ ପଥର ମାଡ଼ରେ ଭାଙ୍ଗିଥିବା ଗାଡ଼ି ଓ ଅଭିଯୋଗକାରୀ ୨ ଭାଇ।

ଅନୁଗୋଳ ଜିଲା ତାଳଚେର ଥାନା ବାଘୁଆବୋଲ ରେଳ ଫାଟକ ନିକଟରେ ମଙ୍ଗଳବାର ରାତିରେ ଆତଙ୍କ ଖେଳାଇଛନ୍ତି ଲୁଟେରା ଗ୍ୟାଙ୍ଗ। ଫାଙ୍କା ଗୁଳିଚାଳନା କରିବା ସହ ୩ ଜଣଙ୍କଠାରୁ ଲୁଟ୍‌ପାଟ କରିଛନ୍ତି। ଢେଲାମାରି ଜଣଙ୍କ ଗାଡ଼ି କାଚ ଭାଙ୍ଗିଦେଇଛନ୍ତି। ଲୁଟ୍ ସହ ଆତଙ୍କର ଶିକାର ହୋଇଥିବା ୪ ଜଣ ଏ ନେଇ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ତାଳଚେର ସିଂହ ସାହି ଅଞ୍ଚଳର ୨ ଭାଇ ରାଜେଶ ସିଂହ ଓ ରାକେଶ ସିଂହ କୌଣସି କାମରେ ସମ୍ବଲପୁର ଯାଇ ବିଳମ୍ବିତ ରାତିରେ କାର୍ ଯୋଗେ ଘରକୁ ଫେରୁଥିଲେ। ଦୁହେଁ ବାଘୁଆବୋଲ ରେଳ ଫାଟକ ନିକଟରେ ହୋଇଥିବା ବେଳେ ୫ ରୁ ୬ ଜଣ ଲୁଟେରା ବନ୍ଧୁକ ଓ ଅନ୍ୟ ମାରଣାସ୍ତ୍ର ଦେଖାଇ ଗାଡ଼ି ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ୨ ଭାଇ ଭୟଭୀତ ଅବସ୍ଥାରେ ସେଠାରୁ ଚାଲି ଆସୁଥିବା ବେଳେ ଲୁଟେରାମାନେ ଫାଙ୍କା ଗୁଳି ଚାଳନା କରିବା ସହ ପଥର ମାରି ଗାଡ଼ି କାଚ ଭାଙ୍ଗି ଦେଇଥିଲେ। ସେହିପରି ଝାଡ଼ଖଣ୍ଡ ଅଞ୍ଚଳରୁ କିଛି କାମରେ କାର୍ ଯୋଗେ ତାଳଚେର ଆସିଥିବା ଅତୁଲ ପ୍ରସାଦ ଓ ତାଙ୍କ ସହଯୋଗୀ ରାତି ପ୍ରାୟ ୧୨ଟା ବେଳେ ବାଘୁଆବୋଲ ରେଳ ଫାଟକପଡ଼ିଥିବାରୁ ସେଠାରେ ଅଟକିଥିଲେ। ଏହି ସମୟରେ ମୁଖାପିନ୍ଧା ଲୁଟେରାମାନେ ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଭୟଭୀତ କରିଥିଲେ। ଭୟରେ ଅତୁଲ ଏବଂ ସହଯୋଗୀ ଗାଡ଼ି ଛାଡ଼ି ଦୌଡ଼ି ପଳାଇବାରୁ ଲୁଟେରାମାନେ ଗାଡ଼ିରେ ଥିବା ଟଙ୍କା, ୨ଟି ଲାପ୍‌ଟପ୍, ଚେନ, ମୁଦି ସହ କାର୍‌ଟିକୁ ନେଇ ପଳାଇଥିଲେ। ସେହିପରି ରେଳ ଫାଟକ ନିକଟରେ ଚାଲିଚାଲି ଯାଉଥିବା ଜଣେ ଯୁବକ ସର୍ଫରାଜଙ୍କୁ ଲୁଟେରାମାନେ ହାଣି ତାଙ୍କ ଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ଏହାର କିଛି ସମୟ ପରେ ରାଉରକେଲାରୁ ଏକ ମିନି ଟ୍ରକ୍‌ରେ ଜିନିଷ ଧରି ତାଳଚେର ଆସିଥିବା ସେବକ ମିଶ୍ରାଙ୍କୁ ଲୁଟେରାମାନେ ମାଡ଼ ମାରି ମୋବାଇଲ ଏବଂ ଟଙ୍କା ଛଡ଼ାଇ ନେଇଥିଲେ। ଲୁଟ୍ ଓ ଗାଡ଼ି ଭଙ୍ଗା ଘଟଣାର ଶିକାର ହୋଇଥିବା ଉପରୋକ୍ତ ୪ ଜଣ ବୁଧବାର ସକାଳେ ତାଳଚେର ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ତାଳଚେର ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ସ୍ତ୍ରୀଙ୍କୁ ପିଟି ହତ୍ୟା କଲେ ସ୍ୱାମୀ

ଯୋଡ଼ା,୯।୭(ମାନସ ମହାନ୍ତି)

**ପାରିବାରିକ କଳହର କରୁଣ ପରିଣତି**

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ହାତୀମରା ଛକ ଗ୍ରାମରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସାମାନ୍ୟ କଥାକୁ ନେଇ ସ୍ତ୍ରୀଙ୍କୁ ବାଡ଼ିରେ ପିଟି ସ୍ୱାମୀ ହତ୍ୟା କରିଛନ୍ତି। ମୃତା ହେଲେ ସୁନୀଲ ମୁଣ୍ଡାଙ୍କ ସ୍ତ୍ରୀ କିତାମାଇ ମୁଣ୍ଡା (୨୩)। ପୋଲିସ ମୃତଦେହ ଜବତ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସୁନୀଲ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ବୁଧବାର ସକାଳେ କୌଣସି କାରଣରୁ କଳହ ଲାଗିଥିଲା। ଏଥିରେ ସ୍ୱାମୀ ସୁନୀଲ ଉତ୍‌କ୍ଷିପ୍ତ ହୋଇ ଏକ ବାଡ଼ିରେ ସ୍ତ୍ରୀ କିତାମାଇଙ୍କୁ ମାଡ଼ ମାରିଥିଲେ। କିତାମାଇ ଗୁରୁତର ହୋଇପଡ଼ିଥିବା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଭିତରକୁ ନେଇ ଶୁଆଇ ଦେଇଥିଲେ। ପରେ ମୃତ୍ୟୁ ହୋଇଯାଇଥିବା ଜାଣିବା ପରେ ସୁନୀଲ ଫେରାର ହେବାକୁ ଚେଷ୍ଟା କରୁଥିଲେ। ବାମେବାରି ପୋଲିସ ଖବର ପାଇ ଯାଉଥିବା ସମୟରେ ଅଭିଯୁକ୍ତ ସ୍ୱାମୀଙ୍କୁ ରାସ୍ତାରୁ ଉଠାଇ ନେଇ ଅଟକ ରଖିଛି।

# ଦେଶୀ ମଦଭାଟିରେ ପଶି ଭୁଜାଲିରେ ହାଣିଲେ

ବଇଣ୍ଡା, ୯।୭ (ପରିକ୍ଷିତ ସାହୁ)

**୨ ଦୁର୍ବୃତ୍ତଙ୍କ ଆକ୍ରମଣରେ ଭାଟି ମ୍ୟାନେଜରଙ୍କ ସମେତ ୫ ଗୁରୁତର**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ଅଞ୍ଚଳରେ ଥିବା ଏକ ଦେଶୀ ମଦ ଭାଟିରେ ମଙ୍ଗଳବାର ରାତିରେ ପଶି ୨ ମୁଖାପିନ୍ଧା ଦୁର୍ବୃତ୍ତ ଆତଙ୍କ ଖେଳାଇଛନ୍ତି। ସେମାନଙ୍କ ଭୁଜାଲି ମାଡ଼ରେ ଭାଟି ମ୍ୟାନେଜର, ଜଣେ କର୍ମଚାରୀ ଓ ୩ ଜଣ ଗ୍ରାହକଙ୍କୁ ମିଶାଇ ମୋଟ ୫ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଭାଟି ମ୍ୟାନେଜର ଓ କର୍ମଚାରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ସାନହୁଲାସ୍ଥିତ ଦେଶୀ ମଦ ଭାଟିରେ ରାତି ପ୍ରାୟ ୧୦ଟା ବେଳେ ୩ ଜଣ ଗ୍ରାହକ ମଦ ପିଉଥିବା ବେଳେ ଏକ ବାଇକ୍ ଯୋଗେ ୨ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ଭୁଜାଲି ଧରିଥିବା ୨ ଦୁର୍ବୃତ୍ତ ଭାଟି ମ୍ୟାନେଜର ଓ କର୍ମଚାରୀଙ୍କ ନିକଟକୁ ଯାଇ ଗ୍ରାମାଞ୍ଚଳରେ ବିକ୍ରି ହେଉଥିବା ମହୁଲି ରନ୍ଧା ମଦକୁ କାହିଁକି ବନ୍ଦ କରିବା ସହ ଅବକାରୀ ବିଭାଗ କର୍ମଚାରୀଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ନିରୀହ ଲୋକଙ୍କ ବ୍ୟବସାୟ ବନ୍ଦ କରିବା ଏବଂ ଗିରଫ କରାଉଛ ବୋଲି ପଚାରିଥିଲେ। ଏହାକୁ ନେଇ ସେଠାରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମୁଖାପିନ୍ଧା ୨ ଦୁର୍ବୃତ୍ତ ଭାଟି ମ୍ୟାନେଜର ଓ କର୍ମଚାରୀଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ସେଠାରେ ମଦ ପିଉଥିବା ୩ ଜଣ ଗ୍ରାହକ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ମଧ ଦୁର୍ବୃତ୍ତ ଦ୍ୱୟ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଭାଟିର ଅନ୍ୟ କର୍ମଚାରୀମାନେ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ଠାକୁରଗଡ଼ ଥାନା ଆଇଆଇସି ଶଶୀ ଭୂଷଣ ବେହେରା କହିଛନ୍ତି, ଭାଟି କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବା ଶୁଣିବାକୁ ମିଳିଛି। ଥାନାରେ କୌଣସି ଅଭିଯୋଗ ହୋଇନାହିଁ। କିଏ ଏବଂ କାହିଁକି ଆକ୍ରମଣ କରିଛନ୍ତି, ସେ ନେଇ ତଦନ୍ତ କରାଯାଉଛି।

# ଅଳଙ୍କାର ସଫେଇ ଆଳରେ ଲୁଟ୍

## ଧନଲକ୍ଷ୍ମୀଙ୍କ ୨ତୋଳା ସୁନା ଚେନ ନେଇଗଲେ

ପାରଳାଖେମୁଣ୍ଡି,୯।୭(ଗିରିଧାରୀ ପରିଚ୍ଛା)

ସୁନାଅଳଙ୍କାର ସଫେଇ କରିବା ଆଳରେ ଜଣେ ମହିଳାଙ୍କଠାରୁ ଦୁଇତୋଳାରୁ ଅଧିକ ଓଜନର ସୁନା ଅଳଙ୍କାର ଲୁଟ୍ ହୋଇଛି। ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମରେ ଏହି ଘଟଣା ଘଟିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରି ଆଖପାଖ ଅଞ୍ଚଳରେ ଖୋଜାଖୋଜି କରୁଛି।

ଖବରରୁ ଜଣାପଡ଼ିଛି, ଗୁରାଣ୍ଡି ଗ୍ରାମର ପି. ଧନଲକ୍ଷ୍ମୀଙ୍କ ଘରକୁ ବୁଧବାର ଜଣେ ବ୍ୟକ୍ତି ଆସି ସୁନା ଓ ରୁପା ଅଳଙ୍କାର ସଫା କରୁଥିବା କହିଥିଲେ। ଏପରି କି ଅଳଙ୍କାର ଦେଲେ ସଫା ସେ କରିଦେବେ ବୋଲି ଧନଲକ୍ଷ୍ମୀଙ୍କୁ କହିଥିଲେ। ଏହା ଶୁଣି ଧନଲକ୍ଷ୍ମୀ ପ୍ରଥମେ ତାଙ୍କ ରୁପା ପାଉଁଜି ସଫା କରିବାକୁ ଦେଇଥିଲେ। ବ୍ୟକ୍ତି ଜଣକ ଉକ୍ତ ପାଉଁଜିଟିକୁ ସଫାକରି ଦେଖାଇଥିଲେ। ଭଲ ସଫା ହୋଇଥିବା ଦେଖି ଧନଲକ୍ଷ୍ମୀ ନିଜ ବେକରେ ପିନ୍ଧିଥିବା ଦୁଇତୋଳାରୁ ଉର୍ଦ୍ଧ୍ୱ ଓଜନର ସୁନା ଚେନ୍‌ଟିକୁ ସଫା କରିବାକୁ ମଧ୍ୟ ଦେଇଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଚତୁରତାର ସହ ନିଜପାଖରେ ରଖିଥିବା ଏକ ଚେନ୍‌କୁ ଜରି ପ୍ୟାକେଟ୍‌ରେ ଆଣିଥିବା ଗେରୁଆ ମାଟିରେ ପକାଇଦେଇଥିଲେ। ଏହାର କିଛି ସମୟ ପରେ ତାକୁ ଧନଲକ୍ଷ୍ମୀଙ୍କୁ ଦେଇ ୧୫ ମିନିଟ୍ ପରେ ଏହି ପ୍ୟାକେଟରୁ ଚେନ୍‌ଟି ବାହାର କରିବ ବୋଲି କହିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ସେଠାରୁ ଚାଲିଯାଇ ବାହାରେ ରଖିଥିବା ବାଇକ୍‌ରେ ଫେରାର ହୋଇଯାଇଥିଲେ। ୧୫ ମିନିଟ୍ ପରେ ଧନଲକ୍ଷ୍ମୀ ସେ ପ୍ୟାକେଟ୍‌ରୁ ସୁନାଚେନ୍‌କୁ ବାହାରକରି ଦେଖିବାବେଳକୁ ତାହା ନକଲି ଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ସେ ଗୁରାଣ୍ଡି ଥାନାକୁ ଯାଇ ଏସମ୍ପର୍କରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଖପାଖରେ ଖୋଜାଖୋଜି କରିଥିଲେ ମଧ ଖବର ଲେଖାହେବା ପର୍ଯ୍ୟନ୍ତ ଲୁଟେରାଙ୍କ କୌଣସି ପତ୍ତା ପାଇ ନ ଥିଲେ।

# ଭିଜିଲାନ୍ସ ଜାଲରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ

## ଅଫିସ ଗାଡ଼ିରୁ ମିଳିଲା ୩ ଲକ୍ଷ ଟଙ୍କା

ଛତ୍ରପୁର,୯।୭(ଦିଲୀପ ସାମଲ/ ସନ୍ତୋଷ ପାଢ଼ୀ)



ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛନ୍ତି।

ଗଞ୍ଜାମ ଜିଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା ବୁଧବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଛତ୍ରପୁର ନିକଟ ଜାତୀୟ ରାଜପଥରେ ତାଙ୍କ ଗାଡିରୁ ବ୍ରହ୍ମପୁର ଭିଜିଲାନ୍ସ କର୍ମଚାରୀମାନେ ୩ ଲକ୍ଷ ଟଙ୍କା ଜବତ କରିଛନ୍ତି। ପୁଷା ମୁଣ୍ଡାଙ୍କ ଗଞ୍ଜାମରୁ ନୂଆପଡା ଜିଲାକୁ ଯୋଗାଣ ଅଧିକାରୀ ଭାବେ ବଦଳି ହୋଇଥିଲା। ଏଠାରୁ ରିଲିଭ୍ ହେବା ପୂର୍ବରୁ ଭିଜିଲାନ୍ସ ଧରିଛି।

ଛତ୍ରପୁର ବ୍ୟାଙ୍କ କଲୋନୀ ଆଶୀର୍ବାଦ ଆପାର୍ଟମେଣ୍ଟର ଏ–୭ ଘରୁ ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ମୁଣ୍ଡା ପୂର୍ବାହ୍ନରେ ଅଫିସ ଗାଡ଼ିରେ କାର୍ଯ୍ୟାଳୟକୁ ଯାଉଥିଲେ। କଲେଜ ଛକ ନିକଟରେ ୨ ଜଣ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ସେମାନେ ନିଜକୁ ଭିଜିଲାନ୍ସ କର୍ମଚାରୀ ପରିଚୟ ଦେଇଥିଲେ। ପରେ ଅନ୍ୟ କେତେଜଣ କର୍ମଚାରୀ ଆସି ଗାଡି ଯାଞ୍ଚ କରିବାରୁ ୩ ଲକ୍ଷ ଟଙ୍କା ମିଳିଥିଲା। ଭିଜିଲାନ୍ସ ଟିମ୍ ତାଙ୍କ ଘରେ ଚଢ଼ାଉ କରିବା ସହ ସିସିଟିଭି ଯାଞ୍ଚ କରିଥିଲା। କିଏ ଏହି ଟଙ୍କା ଦେଇଛନ୍ତି ତାହା ଦେଖିଥିଲେ। ସେଠାରୁ ମୁଣ୍ଡାଙ୍କୁ ଅଫିସକୁ ଅଣାଯାଇ ତଦନ୍ତ କରାଯାଇଛି। ଅଫିସର କର୍ମଚାରୀ, ରାତ୍ର ଜଗୁଆଳିଙ୍କ ସମେତ ସୁରକ୍ଷାକର୍ମୀ ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇଥିଲେ। ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ନିଜେ ଛାନ୍‌ଭିନ କରିଥିଲେ। ଛତ୍ରପୁର ଭଡ଼ାଘର, ଅଫିସ ସମେତ କଳାହାଣ୍ଡି ଜିଲା ଭବାନୀପାଟଣାରେ ଥିବା ବାସଭବନ ଉପରେ ମଧ ଚଢାଉ ଚାଲିଥିବା ଜଣାଯାଇଛି। ତଦନ୍ତ ଜାରି ରହିଥିବାରୁ ଭିଜିଲାନ୍ସ ପକ୍ଷରୁ ଅଧିକ ସୂଚନା ପ୍ରଦାନ କରାଯାଇନାହିଁ । ଅନ୍ୟପକ୍ଷରେ ଗାଡି ଡିକିରେ କିଏ ଟଙ୍କା ରଖିଲା ସେ ଜାଣିନାହାନ୍ତି, ତାଙ୍କୁ ଫସାଯାଇଛି ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ମୁଣ୍ଡା କହିଛନ୍ତି। ଚଢାଉରେ ଇନ୍ସପେକ୍ଟର ସୌମ୍ୟ ପଣ୍ଡା, ଯୁଗଳ ପ୍ରଧାନ, ରାଜେନ୍ଦ୍ର ନାୟକ, ଏଏସଆଇ ଡି.ସଞ୍ଜୀବ ରେଡ୍ଡୀ,ଏଏସଆଇ ଦୁର୍ଗା ପ୍ରସାଦ ହୋତା, ହାବିଲଦାର ଜି.ସୁଦର୍ଶନ ଦୋରା, କନଷ୍ଟେବଳ ସଞ୍ଜୁକ୍ତା ପଟ୍ଟନାୟକ ସାମିଲ ଥିଲେ ।

# ୪ ଗିରଫ, ନାବାଳକ ଅଟକ

**ଯୁବତୀଙ୍କୁ ଅସଦାଚରଣ**

କେନ୍ଦୁଝର,୯।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ସହରରେ ରଥଯାତ୍ରା ଦେଖି ଫେରିବା ବେଳେ ଜଣେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ପୋଲିସ ଘଟଣାର ପ୍ରାୟ ୧୨ ଦିନ ପରେ ବୁଧବାର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଜଣେ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ରଥଯାତ୍ରା ସମୟରେ ନାବାଳିକା ଜଣଙ୍କ ଅନ୍ୟ ୩ ଜଣ ସମ୍ପର୍କୀୟଙ୍କ ସହିତ ୨ ବାଇକ୍‌ରେ ଘରକୁ ଫେରୁଥିଲେ। ଜୁଡ଼ିଆ ଘାଟି ନିକଟରେ ଏକ ଜିପରେ ୫ ଜଣ ଯୁବକ ଆସି ତାଙ୍କୁ ଅଟକାଇ ଅସଦାଚରଣ କରିଥିଲେ। ଏ ନେଇ ନାବାଳିକା ପ୍ରତିବାଦ କରିବାରୁ ଅପହରଣ କରି ଝାଡ଼ବେଲଦା ଆଡ଼କୁ ନେଇଯାଇଥିଲେ। ଯୁବତୀଙ୍କ ସହିତ ଥିବା ଅନ୍ୟ ପିଲାମାନେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଏକାଧିକ ଗ୍ରୁପରେ ରାତିରେ ବିଭିନ୍ନ ଅଞ୍ଚଳକୁ ଯାଇ ଖୋଜାଖୋଜି କରିଥିଲା। ଅଭିଯୁକ୍ତମାନେ ଯୁବତୀଙ୍କୁ ବାଟରେ ଛାଡ଼ି ପଳାଇଥିଲେ। ପୋଲିସ ରାତି ପ୍ରାୟ ୧୧ଟାରେ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ପୋଲିସ ପୀଡ଼ିତାଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିଛି। ଟାଉନ ଥାନାରେ ଏକ ମାମଲା(ନଂ. ୪୧୩/୨୦୨୫) ରୁଜୁ ହୋଇଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ନାବାଳିକାଙ୍କୁ ବଳାତ୍କାର ହୋଇନାହିଁ। ସଦର ଏସ୍‌ଡିପିଓ ସୁଦର୍ଶନ ଗାଗରାଇ କହିଛନ୍ତି, ଘଟଣାରେ ୫ ଜଣଙ୍କ ସମ୍ପୃକ୍ତି ଥିବା ବେଳେ ସମସ୍ତଙ୍କୁ ଧରାଯାଇଛି। ନାବାଳିକାଙ୍କୁ ଗଣବଳାତ୍କାର ହୋଇନାହିଁ। ଘଟଣାରେ ବ୍ୟବହାର ହୋଇଥିବା ଜିପ୍‌କୁ ଜବତ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି।

# ଯାନବାହନ ଚଳାଚଳ ଠପ୍, ଦୋକାନ ବଜାର ବନ୍ଦ

ରାୟଗଡ଼ା,୯।୭(ଆଶିଷ ରଞ୍ଜନ ପଣ୍ଡା)


ରାୟଗଡ଼ାରେ ଆନ୍ଦୋଳନକାରୀ ରାସ୍ତା ଅବରୋଧ କରିଛନ୍ତି।

### ମିଳିତ ଶ୍ରମିକ ସଂଗଠନର ହରତାଳ

ଦେଶବ୍ୟାପୀ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ୧୭ ଦଫା ଦାବି ନେଇ ବୁଧବାର ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ରାୟଗଡା ଜିଲାରେ ଏହି ବନ୍ଦର ପ୍ରଭାବ ଦେଖିବାକୁ ମିଳିଥି ଶ୍ରମିକ ସଂଗଠନର ଆନ୍ଦୋଳନ ଯୋଗୁ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ରାୟଗଡା ସହରରେ ସ୍କୁଲ, କଲେଜ, ଦୋକାନ, ବଜାର ମଧ୍ୟ ବନ୍ଦ ରହିଥିଲା। ଆନ୍ଦୋଳନକାରୀ ପିକେଟିଂ କରି ଖୋଲାଥିବା ଦୋକାନ ଏବଂ ଅନୁଷ୍ଠାନ ବନ୍ଦ କରିଥିଲେ। ଏହି କାରଣରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗତ ୨ଦିନ ଧରି ଆନ୍ଦୋଳନ ପାଇଁ ବିଭିନ୍ନ ସ୍ଥାନରେ ଶତାଧିକ ଯାତ୍ରୀ ଅଟକି ରହିଥିବା ପରିଲକ୍ଷିତ ହୋଇଛି। ରାୟଗଡ଼ା ବସଷ୍ଟାଣ୍ଡଠାରେ ବିଭିନ୍ନ ସ୍ଥାନକୁ ଯିବାପାଇଁ ଯାତ୍ରୀଙ୍କ ଲୋକଙ୍କ ଭିଡ ଜମିଛି। ମୁଖ୍ୟତଃ କାଶୀପୁର, ଟିକିରି, କଲ୍ୟାଣସିଂହପୁର, ବନ୍ଧୁଗାଁ, ନାରାୟଣପାଟଣା, ବିଷମକଟକ, କୋଲନରା, ରାମନାଗୁଡା, କେରେଡା, ଭଳି ସ୍ୱଳ୍ପ ଦୂରତା ବାଟକୁ ଯିବା ପାଇଁ ଅଧିକାଂଶ ଯାତ୍ରୀ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ମଙ୍ଗଳବାର ଭଳି ବୁଧବାର ମଧ୍ୟ ରେଲଷ୍ଟେଶନରେ ଯାତ୍ରୀଙ୍କ ଭିଡ ଲାଗି ରହିଥିଲା।

# ପାନୀୟ ଜଳ ସଂଯୋଗୀକରଣ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ


ବିଧାୟକ ନୀଳମାଧବ ହିକ୍କା ପ୍ରକଳ୍ପର ଶିଳାନ୍ୟାସ ପାଇଁ ପୂଜାର୍ଚ୍ଚନା କରୁଛନ୍ତି।

ବିଷମ କଟକ,୯।୭(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମ କଟକ ସଦର ବ୍ଲକ ମେଗା ଜଳ ପ୍ରକଳ୍ପରୁ ବାଦ୍ ପଡ଼ିଥିବାବେଳେ ରାଜ୍ୟ ସରକାର ଏହି ଗାଁକୁ ସ୍ୱତନ୍ତ୍ର ଜଳ ସଂଯୋଗୀକରଣ ଯୋଗାନରେ ଅନ୍ତର୍ଭୁକ୍ତକରି ୪ କୋଟି ୩୧ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ବିଷମକଟକ ଗୁଣ୍ଡିଚା ମନ୍ଦିର ନିକଟରେ ଏହି ପ୍ରକଳ୍ପ ଆରମ୍ଭ ନିମନ୍ତେ ଶିଳାନ୍ୟାସ ହୋଇଛି। ବିଷମ କଟକ ବିଧାୟକ ନୀଳମାଧବ ହିକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା କରି ପ୍ରକଳ୍ପ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ବିଷମ କଟକ ସହରର ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ଏମ୍‌ପି ପ୍ରତିନିଧି ଦିଲୀପ କୁମାର ପଟ୍ଟନାୟକ, ବିଷମ କଟକ ସରପଞ୍ଚ ନମିତା କୁଲେସିକା, ନାଏବ ସରପଞ୍ଚ ପ୍ରଦୀପ କୁମାର ଗୁଡ଼ଲା, ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ତହସିଲଦାର କେ.ଭେଙ୍କଟେଶ୍ୱର ରେଡ୍ଡି, ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ, ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ପାତ୍ର, ଅମିତାଭ ପଟ୍ଟନାୟକ, ତ୍ରିନାଥ ଗୌଡ଼,ଶୁଭେନ୍ଦୁ କୁମାର ଚୌଧୁରୀ, ମିଟୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ହିକ୍କାଙ୍କ ପ୍ରଚେଷ୍ଟାରେ ବିଷମକଟକ ସହରକୁ ପାନୀୟ ଜଳ ସଂଯୋଗୀକରଣ ଯୋଜନାରେ ସାମିଲ କରାଇଥିବାରୁ ସହରବାସୀ ବିଧାୟକଙ୍କୁ ସାଧୁବାଦ ଜଣାଇଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ପଦ୍ମପୁର, (ପ୍ରଶାନ୍ତ କୁମାର କର)

ଦକ୍ଷିଣ ଓଡ଼ିଶା ପାଚିକା ଓ ସହାୟିକା ମହାସଂଘ ଏବଂ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ତରଫରୁ ପଦ୍ମପୁରରେ ବନ୍ଦ ପାଳନ କରାଯାଇଥିଲା। ଆନ୍ଦୋଳନକାରୀ ସୁନାରି ଘାଇ ଛକଠାରେ ରାସ୍ତା ଅବରୋଧ କରିବା ସହ ଶୋଭାଯାତ୍ରାରେ ବାହାରି ପଦ୍ମପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ୧୭ ଦଫା ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଆନ୍ଦୋଳନରେ ରାଜେନ୍ଦ୍ର ମାଝୀ, ପୁଷ୍ପାଞ୍ଜଳି ପାଣିଗ୍ରାହୀ, ବିଜୟ ଶବର, ବୃନ୍ଦାବତୀ ଶବର, ଇନ୍ଦିରା ଶବର, ମାଥ୍ୟୁ ରଇତ, କର୍ନଏଲ ଗମାଙ୍ଗ, ମାସା ଗମାଙ୍ଗ ପ୍ରମୁଖ ସାମିଲ ଥିଲେ।


ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଉଛି।

ଗୁଣପୁର,(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରଠାରେ ଦକ୍ଷିଣ ଓଡିଶା ପାଚିକା ଓ ସହାୟିକା ମହାସଂଘ ଓ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ତରଫରୁ ବନ୍ଦ ପାଳନ କରାଯାଇଥିଲା । ବନ୍ଦ ପାଳନ ଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଗୁଣପୁର ସହରରେ ଘରୋଇ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ଦୋକାନ ବଜାର ବନ୍ଦ ରହିଥିଲା। ଗୁଣପୁର ନାଗଭୂଷଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ବାଇପାସ୍ ଛକଠାରେ ରାସ୍ତା ଅବରୋଧ କରାଯିବା ସହ ଏକ ଶୋଭାଯାତ୍ରା ବାହାରି ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଉପ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେକ୍ସନ ଅଫିସର ମନୋରଞ୍ଜନ କାର୍ଜିଙ୍କୁ ପ୍ରଦାନ କରାଯାଇଥିଲା । ଜିଲା ସଭାପତି ମୁନି ଶବର, ମୁକ୍ତି ଲତା ଶବର, କୈଳାସ ଶବର, ନିରଞ୍ଜନ ବିଡିକା, ମୋଜେସ ବିଡିକା, ସୀମାଦ୍ରି ପାତିକା, ମୁରଲୀ ମୁଟୁକା ମୋହନ, ମିନ ଶବର, ମୁଟୁକା ତ୍ରିପତି, ପ୍ରତିମା ଶବର, ସମ୍ପରା ଶବର, ଅଗୟ ଶବର ଏବଂ ଦକ୍ଷିଣ ଓଡିଶା ପାଚିକା ଓ ସହାୟିକା ମହାସଂଘ ଉପଦେଷ୍ଟା ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା।

# ଗ୍ରାମବାସୀଙ୍କ ଥାନା ଘେରାଉ

ରାଇଘର,୯।୭ (କିରଣ ପଟ୍ଟନାୟକ)

### ଜଙ୍ଗଲ ଜମିରେ ମକା ଚାଷକୁ ବନ ବିଭାଗର ବାରଣରୁ ଉତ୍ତେଜନା

ନବରଙ୍ଗପୁର ଜିଲା ରାଇଘର ଅଧୀନରେ ଥିବା ନାକଟିସିମଡା କୁସୁମପୁର ସନ୍ଧିରେ ଥିବା ସଂରକ୍ଷିତ ଜଙ୍ଗଲରେ ଗତ ଶୁକ୍ରବାର ଗ୍ରାମବାସୀ ମକା ଲଗାଉଥିବାବେଳେ ବନ ବିଭାଗ କର୍ମଚାରୀ ସେମାନଙ୍କୁ ବାରଣ କରିବାରୁ ଉଭୟ ପକ୍ଷରୁ ବଚସା ହେବା ସହ ହାତାହାତି ହୋଇଥିଲା। ଏହି ଗଣ୍ଡଗୋଳରେ ଗ୍ରାମବାସୀଙ୍କ ଆକ୍ରମଣରେ ୨ ଜଣ ବନ ଅଧିକାରୀ ଆହତ ହୋଇଥିଲେ। ଏ ନେଇ ରେଞ୍ଜର ରାଇଘର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ବୁଧବାର ସନ୍ଧ୍ୟା ୭ଟାରେ ୩ଟି ଗ୍ରାମର ପ୍ରାୟ ଶତାଧିକ ଲୋକେ ରାଇଘର ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଭେଟିଥିଲେ। ଗୁଟା ଗଣ୍ଡକୁ ବନ ବିଭାଗର ଜଣେ କର୍ମଚାରୀ କଲର ଧରି ଟାଣିବା ପରେ ଏଭଳି ପରିସ୍ଥିତି ହୋଇଥିବା ସେମାନଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରାଯାଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ବହୁ ବନ କର୍ମଚାରୀ ୭ ଗ୍ରାମବାସୀ ନନ୍ଦଲାଲ ଗଣ୍ଡ, ହୀରାଲାଲ ମାଳୀ, ବୁଦ୍ଧୁଲାଲ ଗଣ୍ଡ, ବୈଶାଖୁ ଗଣ୍ଡ, ମୋତିଲାଲ ଗଣ୍ଡ, ଦେବୀରାମ ଗଣ୍ଡ ଓ ଗୁଟା ଗଣ୍ଡଙ୍କୁ ମାଡ ମାରି ରାଇଘର ଆଣିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ବୁଧବାର କୁସୁମପୁର ଓ ଆଖପାଖ ଗ୍ରାମର ପ୍ରାୟ ୧୦୦୦ ଊର୍ଦ୍ଧ୍ୱ ଗ୍ରାମବାସୀ ରାଇଘର ଥାନା ଘେରାଉ କରିଥିଲେ। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଥାନା ପରିସରରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ, ଉମରକୋଟ ଏସ୍‌ଡିପିଓ ସୁରେନ୍ଦ୍ର କୁମାର ଶବର ଆନ୍ଦୋଳନକାରୀ ଗ୍ରାମବାସୀ ସହ ଆଲୋଚନା କରିଥିଲେ। ଉଭୟ ପକ୍ଷର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଓହରିଥିଲେ ।


ଗ୍ରାମବାସୀ ରାଇଘର ଥାନା ଘେରାଉ କରିଛନ୍ତି।

# ଏବିଭିପିର ୭୭ ତମ ପ୍ରତିଷ୍ଠା ଦିବସ

ଗୁଣପୁର,୯।୭(ପ୍ରଦୀପ କୁମାର ପାଢ଼ୀ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୭୭ ତମ ପ୍ରତିଷ୍ଠା ଦିବସ ଗୁଣପୁର ଶାଖା ପକ୍ଷରୁ ବୁଧବାର ପାଳିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀଙ୍କ ତତ୍ତ୍ୱାବଧାନରେ ନଗର ସଭାପତି ଅଧ୍ୟାପକ ଲକ୍ଷ୍ମୀ ମହାଙ୍କୁଡ ପରିଷଦର ପତାକା ଉତ୍ତୋଳନ କରିଥିବାବେଳେ ବିଭାଗ ପ୍ରମୁଖ ଉମା ଶଙ୍କର ଦାଶ ମାର୍ଗଦର୍ଶନ କରିଥିଲେ। ବିଭାଗ ପ୍ରମୁଖ ଉମା ଶଙ୍କର ଦାଶ ପୌରହିତ୍ୟ କରିବା ସହ ଉପସ୍ଥିତ ଶତାଧିକ କଲେଜ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀ ପରିଷଦର ଅଧ୍ୟାପକ ପୂର୍ଣ୍ଣ୍ୟଶ୍ଳୋକ ସାହୁ, ସଂଯୋଜକ ବି ସତୀଶ କୁମାର, ଦେବାଶିଷ ସେନାପତି, ପ୍ରିୟବ୍ରତ ରଥ, ରୁପେଶ ଶତପଥୀ, ଏସ୍. ଶିବାଜୀ, ଆଦିତ୍ୟ ପାଢ଼ୀ, ନିଖିଳ ଗମାଙ୍ଗ, ପବିତ୍ର ଶବର, କିରଣ ଶବର, ବବୁଲ ଶବର, ଆକାଶ ଶବର, ଲିୟାଂଶ ଶବର ପ୍ରମୁଖ ଉପସ୍ଥିତ ରହି ସଞ୍ଚାଳନ କରିଥିଲେ। ଏହି ଅବସରରେ ବନ ବିଭାଗ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପାତ୍ରଙ୍କ ଉପସ୍ଥିତି ସମସ୍ତ କାର୍ଯ୍ୟକର୍ତ୍ତା ଓ ବିଦ୍ୟାର୍ଥୀମାନେ ଶିଶୁ ମନ୍ଦିର ପରିସରରେ ନିମ, ବଉଳ, ଅଁଳା ଓ ବାଦାମ ଭଳି ଅନେକ ଚାରାରୋପଣ କରିଥିଲେ।



ଭାରତୀୟ ବିଦ୍ୟାର୍ଥୀ ପରିଷଦର ପତାକା ଉତ୍ତୋଳନ କରାଯାଉଛି।

# ସପୁରିର ଅଭାବୀ ବିକ୍ରି, ଚିନ୍ତାରେ ଡଙ୍ଗରିଆ

କଲ୍ୟାଣସିଂହପୁର, ୯।୭
(ଦୀପକ କୁମାର ପରିଡ଼ା)


ଚାଷୀ ସପୁରି ତୋଳୁଛନ୍ତି।

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତର ନିୟମଗିରି ପାହାଡରେ ବର୍ଷାଦିନ ହେଲେ ପ୍ରଚୁର ପରିମାଣ ସପୁରି ଉତ୍ପାଦିତ ହୋଇଥାଏ। ନିୟମଗିରି ପାହାଡରେ ଆଦିମ ଜନଜାତି ଡ଼ଙ୍ଗରିଆ କନ୍ଧଙ୍କ ଦ୍ୱାରା ଚାଷ ହୋଇଥିବା ଏହି ସପୁରି ଦେଖିବାକୁ ଯେତିକି ସୁନ୍ଦର, ତାର ସ୍ୱାଦ ମଧ୍ୟ ସେତିକି ବଢ଼ିଆ। ନିୟମଗିରି ସପୁରିର ଚାହିଦା ଓଡ଼ିଶା ତଥା ପଡ଼ୋଶୀ ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶରେ ଢେର ରହିଛି। ଚଳିତ ବର୍ଷ ପ୍ରଚୁର ମାତ୍ରାରେ ସପୁରି ଅମଳ ହେବା ସତ୍ତ୍ୱେ ବିକ୍ରି ପାଇଁ ବଜାର ସୁବିଧା ନ ଥିବାରୁ ଏବଂ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ସେଗୁଡ଼ିକ ପଚି ନଷ୍ଟ ହୋଇଯାଉଛି। ଫଳରେ ଚାଷୀ ବାଧ ହୋଇ ଦଲାଲଙ୍କୁ ଗୋଟେ ସପୁରିକୁ ୭ରୁ ୮ ଟଙ୍କା ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଫଳରେ ଡଙ୍ଗରିଆମାନେ ଅଭାବୀ ବିକ୍ରି ଶିକାର ହେବା ସହ କ୍ଷତି ସହୁଥିବା କହିଛନ୍ତି। ହେଲେ ବାହାର ରାଜ୍ୟର ବ୍ୟବସାୟୀମାନେ କମ୍ ଦରରେ ଚାଷୀଙ୍କଠାରୁ ସପୁରି କିଣି ବାହରେ ଅଧିକ ଟଙ୍କାରେ ବିକ୍ରିକରି ଲାଭବାନ୍ ହେଉଛନ୍ତି। ତେବେ ନିୟମଗିରି ଡଙ୍ଗରିଆମାନେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରକରି ନିଜ ଜୀବିକା ନିର୍ବାହ କରିଥାନ୍ତି। ଏହାବ୍ୟତୀତ ସେମାନଙ୍କ ପାଖରେ ଅନ୍ୟ କିଛି ସାଧନା ନ ଥାଏ । କିନ୍ତୁ ସପୁରି ବିକ୍ରି ନିମନ୍ତେ ଉଚିତ ବଜାରୀକରଣ ବ୍ୟବସ୍ଥା ନ ଥିବାରୁ ନିୟମଗିରି ଡଙ୍ଗରିଆ ନାହିଁ ନ ଥିବା କ୍ଷତି ଭୋଗୁଛନ୍ତି। ଯଦି ସରକାର ସପୁରି ବିକ୍ରି ପାଇଁ କିଛି ପଦକ୍ଷେପ ନିଅନ୍ତେ ତା'ହେଲେ ଡଙ୍ଗରିଆ ସପୁରି ଚାଷୀ ୨ ପଇସା ରୋଜଗାର କରିପାରନ୍ତେ ବୋଲି ଦାବି ହୋଇଛି।

# ବର୍ଷାରେ ଛତା ଧରି ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ

ନନ୍ଦପୁର,୯।୭(ତୁଷାର କାନ୍ତ ମହାନ୍ତି)

ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ କୋରାପୁଟ ଜିଲା ନନ୍ଦପୁର ବ୍ଲକ୍‌ରେ ଥିବା ମଙ୍ଗଳ ବିଭାଗ ଓ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀଛାତ୍ର ନିବାସ ଏବଂ ବିଦ୍ୟାଳୟଗୁଡ଼ିକରେ ଡାଇନିଂ ହଲ୍ ନ ଥିବାରୁ ଛାତ୍ରୀଛାତ୍ର ବର୍ଷାରେ ଭିଜି ଛତା ଧରି ଖାଦ୍ୟ ଖାଉଥିବା ଦେଖିବାକୁ ମିଳିଛି। ଏ ନେଇ ଛାତ୍ରୀଛାତ୍ର ଓ ଅବିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋମବାର ହିକିମପୁଟ ପଞ୍ଚାୟତ ମାରଡ଼ା ସେବାଶ୍ରମ ବିଦ୍ୟାଳୟର ୧୪୦ ଛାତ୍ରୀ ଛତା ଧରି ବିଦ୍ୟାଳୟ ବାହାରେ ମଧ୍ୟାହ୍ନ ଭୋଜନ ଖାଉଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରି ଦୋରା, ୱାର୍ଡ ସଭ୍ୟ କମୂଲୁ ଲୋଚନ ଦୋରା, ଅବିଭାବକ ସମରା ବଡ ନାୟକ, କମୂଲୁ ଦୋରା, ହରି ଦଳପତି, ଧନପତି କାରୀଙ୍ଗିଆ ଓ ହରିଶ୍ଚନ୍ଦ୍ର କିର୍ଶାନୀ ପ୍ରମୁଖ ସ୍କୁଲ ପ୍ରଧାନଶିକ୍ଷକ ଉଦୟନାଥ କିର୍ଶାନୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ସ୍କୁଲରେ ଶ୍ରେଣୀ ଗୃହ ଓ ଡ଼ାଇନିଂ ହଲ୍‌ର ଅଭାବ ଥିବା କହିଥିଲେ। ଏ ନେଇ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନାଗେନ୍ ତ୍ରିପାଠୀଙ୍କ ଜରିଆରେ ଜିଲାସ୍ତରୀୟ ଅଧିକାରୀଙ୍କୁ ଅବଗତ କରିଥିବା କହିଥିଲେ। ଘଟଣା ସମ୍ପର୍କରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିପାଠୀ, ଜିଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡି ଓ ବ୍ଲକ ସହକାରୀ ଶିକ୍ଷାଧିକାରୀ ମମତାଜ ଗୋମାଙ୍ଗଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ୨ ମଙ୍ଗଳ ଅଧିକାରୀ ବ୍ଲକରେ ୧୮ ମଙ୍ଗଳ ବିଭାଗ ସ୍କୁଲ ଓ ୪୫ ଶିକ୍ଷା ବିଭାଗ ବିଦ୍ୟାଳୟରେ ମଙ୍ଗଳ ବିଭାଗର ଛାତ୍ରୀ ନିବାସ ଥିବା ଓ ସେଥିରେ ୪୫୦୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ରହି ଅଧ୍ୟୟନ କରୁଥିବା ସୂଚନା ଦେଇଥିଲେ। ସେହିପରି ଶିକ୍ଷା ବିଭାଗ ଅଧୀନରେ ନନ୍ଦପୁର ବ୍ଲକର ୧୯୦ ବିଦ୍ୟାଳୟରେ ମୋଟ ୧୬୦୩୪ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଉଥିବା ବ୍ଲକ ସହକାରୀ ଶିକ୍ଷାଧିକାରୀ ଗୋମାଙ୍ଗ ସୂଚନା ଦେଇଛନ୍ତି। କିନ୍ତୁ ହାତଗଣତି କିଛି ଅନୁଷ୍ଠାନକୁ ଛାଡ଼ି ଦେଲେ ୯୫ ପ୍ରତିଶତ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ଡାଇନିଂ ହଲ ନ ଥିବା କହିଛନ୍ତି। ସମସ୍ତେ ନିଜ ନିଜ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଜରିଆରେ ଡାଇନିଂ ହଲ ନିର୍ମାଣ ପାଇଁ ଜିଲା ଓ ରାଜ୍ୟ ପ୍ରଶାସନକୁ ଅବଗତ କରିଥିବା କହିଛନ୍ତି। ଏ ସମ୍ପର୍କରେ କୋରାପୁଟ ଜିଲାପାଳ ଭି. କୀର୍ତ୍ତି ୱାସନଙ୍କୁ ପଚାରିବାରୁ ଗତ ଜିଲାସ୍ତରୀୟ ଆଇଟିଡିଏ ପିଏଲସି ବୈଠକରେ ଜିଲାର ସମସ୍ତ ବିଧାୟକଙ୍କ ଉପସ୍ଥିତିରେ ଶିକ୍ଷାନୁଷ୍ଠାନଗୁଡ଼ିକର ଅଭାବ ଦୂରୀକରଣ ପାଇଁ ଆଲୋଚନା ହୋଇଥିଲା। ଆର୍ଟିକଲ ୨୭୫ ପାଣ୍ଠି ଓ ଅନ୍ୟ ପାଣ୍ଠିର ବିନିଯୋଗ କରି ପର୍ଯ୍ୟାୟ କ୍ରମେ ସମସ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଡାଇନିଂ ହଲ ନିର୍ମାଣ କରିବାକୁ ସ୍ଥିର ହୋଇଛି। ଆଗାମୀ ୧ ବର୍ଷ ମଧ୍ୟରେ କୋରାପୁଟ ଜିଲାର ସମସ୍ତ ବିଦ୍ୟାଳୟରେ ଡାଇନିଂ ହଲ ନିର୍ମାଣ କରାଯିବ ବୋଲି ଜିଲାପାଳ ୱାସନ କହିଛନ୍ତି।


ପିଲା ସ୍କୁଲ ବାହାରେ ବସି ଛତା ଧରି ମଧ୍ୟାହ୍ନଭୋଜନ ଖାଉଛନ୍ତି।

# କେନ୍ଦ୍ରୀୟ ଯୋଗାଣ ନିଗମ ଟିମ୍‌ର ପଦ୍ମପୁର ବ୍ଲକ୍ ପରିଦର୍ଶନ

### ପିଡିଏସ୍‌ରେ ପ୍ଲାଷ୍ଟିକ୍ ଚାଉଳ ମିଶୁଥିବା ଅଭିଯୋଗ ଆଣିଲେ ଲୋକେ

ପଦ୍ମପୁର, ୯।୭ (ପ୍ରଶାନ୍ତ କୁମାର କର)


ପଦ୍ମପୁର ଆର୍‌ଏମ୍ ସି ସମ୍ମୁଖରେ କେନ୍ଦ୍ରୀୟ ଯୋଗାଣ ନିଗମର ପ୍ରତିନିଧି ଦଳ।

କେନ୍ଦ୍ରୀୟ ଯୋଗାଣ ନିଗମର ଏକ ପ୍ରତିନିଧି ଦଳ ବୁଧବାର ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ପରିଦର୍ଶନ କରିଛନ୍ତି। କେନ୍ଦ୍ରୀୟ ଯୋଗାଣ ନିଗମ ନିର୍ଦ୍ଦେଶକ ସୁନୀଲ ଶେଷଦେବ, ସେକ୍ସନ ଅଫିସର ସଚିନ କୁମାର, ରାୟଗଡ଼ା ଏଡିଏମ୍‌ଓ ନବୀନ ନାୟକ, ସିଏସଓ ଦାଶରଥି ସୁରେନ, ରାୟଗଡ଼ା ହେଡ୍‌କ୍ୱାର୍ଟର୍ସ ଏସ୍‌ସିଏସ୍‌ଓ ସରୋଜ କୁମାର ସାହୁ ପ୍ରମୁଖ ପଦ୍ମପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। ପିଡିଏସ୍ ଚାଉଳରେ ପ୍ଲାଷ୍ଟିକ୍ ଚାଉଳ ମିଶୁଥିବା ଟିମ୍ ସଦସ୍ୟଙ୍କୁ ଲୋକେ ଅଭିଯୋଗ କରିଥିଲେ। ତେବେ ଲୋକଙ୍କ ସନ୍ଦେହ ଦୂରକରିବା ପାଇଁ ଚାଉଳଗୁଡ଼ିକ ତଦାରଖକରି ଏହି ଚାଉଳ ପ୍ଲାଷ୍ଟିକ୍ ଚାଉଳ ନୁହେଁ, ଏହା ପୁଷ୍ଟିସାର ଜାତୀୟ ଚାଉଳ ବୋଲି ନିର୍ଦ୍ଦେଶକ ଶେଷଦେବ କହିଥିଲେ। ପରେ ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲେ। ଏହି ଅବସରରେ ପଦ୍ମପୁର ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ୍ୱ କୁମାର ଜାନୀ, ଯୋଗାଣ ଅଧିକାରୀ ଅମର ଶବର, ସରପଞ୍ଚ ପ୍ରକାଶ କଣ୍ଡାଗିରି, ବ୍ଲକ୍ ଉପାଧ୍ୟକ୍ଷ ରମେଶ ସାହୁ, ଗ୍ରାମପଞ୍ଚାୟତ ଅଧିକାରୀ ପ୍ରତିଭା ଗମାଙ୍ଗ, ପୂର୍ବତନ ପଞ୍ଚାୟତ ଅଧିକାରୀ ଶ୍ୟାମସୁନ୍ଦର ପାଣିଗ୍ରାହୀ ଓ ଯୋଗାଣ ସହାୟକ ଅକ୍ଷୟ କୁମାର ରଣା ପ୍ରମୁଖ ପ୍ରତିନିଧି ଦଳଙ୍କୁ ପଞ୍ଚାୟତ ସଭାଗୃହକୁ ପାଛୋଟି ନେଇଥିଲେ। ସେଠାରୁ ସେମାନେ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟିରେ ପହଞ୍ଚିଥିଲେ। ସେଠାରେ ସମ୍ପାଦକ ଦଳପତି କାର୍ଜୀ, ଆକାଉଣ୍ଟ ପ୍ରଶାନ୍ତ କୁମାର ପଣ୍ଡା, କିରାଣି କୃଷ୍ଣ ଚନ୍ଦ୍ର ଗୌଡ଼,ଲ୍ୟାମ୍ପ ଏମ୍‌ଡି ଗୁପ୍ତ ଆଚାରୀ, ପଦ୍ମପୁର ଆକାଂକ୍ଷା ବ୍ଲକ୍ ପ୍ରୋଗ୍ରାମର ସୀମା ସ୍ୱାରକୀ, ଆଦିତ୍ୟ ମିଶ୍ର ପ୍ରମୁଖ ସେମାନଙ୍କୁ ସ୍ୱାଗତ କରିଥିଲେ। ସେଠାରେ ଅଧିକାରୀମାନେ କର୍ମଚାରୀଙ୍କ ସହ ଆଲୋଚନା କରି ସେଠାରୁ ଆଖୁସିଙ୍ଗଠାରେ ଥିବା ଶ୍ରୀ ସଦ୍‌ଗୁରୁ ଶିରିଡ଼ି ସାଇ ରାଇସ ମିଲକୁ ଯାଇ ମାଲିକ ରଞ୍ଜିତ କୁମାର ପାଣିଗ୍ରାହୀଙ୍କ ସହ ଆଲୋଚନା ପରେ ମିଲର ଯନ୍ତ୍ରପାତି, ଚାଉଳର କ୍ୱାଲିଟି,ଏପଆରକେ ସହ ମିଲର ଯନ୍ତ୍ରପାତିଗୁଡ଼ିକ ଯାଞ୍ଚକରି ଆତ୍ମସନ୍ତୋଷ ପ୍ରକାଶ କରିଥିଲେ। ପରେ ମିଲ୍ ପାର୍ଶ୍ୱରେ ବୃକ୍ଷ ରୋପଣ କରିଥିଲେ। ଅପରାହ୍ନରେ ଡେରିଗା ଗ୍ରାମ ପଞ୍ଚାୟତକୁ ଯାଇ ପଞ୍ଚାୟତ ଅଧିକାରୀ ଗୌରାଙ୍ଗ ଚରଣ କାଦମ୍ବୁଲୁଙ୍କ ସହ ସରପଞ୍ଚ ମାଗୁଣି ଶରବଙ୍କ ସହ ସେଠାକାର ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଆଶାକର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ଅଙ୍ଗନବାସୀ ଉପସ୍ଥିତ ଥିଲେ।

**ବିଦେଶୀ ମଦ ଚାଲାଣ, ଜଣେ ଗିରଫ**

ଜୟପୁର,(ପବନ ପାଣିଗ୍ରାହୀ)- ବିଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉକରି ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଜୟପୁର ଏନ୍‌କେଟି ରୋଡ଼ର ସୁରେନ୍ଦ୍ର ଯାଦବ। ସୂଚନା ଅନୁଯାୟୀ, ବାଙ୍କିଜା ରାସ୍ତାରେ ଚଢାଉ କରି ୪.୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ବୁଧବାର ଅପରାହ୍ନ ୪ଟା ୩୦ରେ କୋର୍ଟ ଚାଲାଣ କରାଯାଇଛି।

# ନନ୍ଦାହାଣ୍ଡି ବ୍ଲକ୍‌ରେ ୧୨କୋଟି ୬୨ଲକ୍ଷର ଦୁର୍ନୀତି: ବିଜେଡି

## ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

ନବରଙ୍ଗପୁର,୯।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍‌ରେ ବ୍ୟାପକ ଦୁର୍ନୀତି ହୋଇଥିବା ଜିଲା ବିଜେଡି ଅଭିଯୋଗ ଆଣିଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ୪୮, ମୃତ୍ତିକ ସଂରକ୍ଷଣ ତଥା ଜଳଭିଭାଜିକା ବିଭାଗର ୨୪, ଉଦ୍ୟାନ ବିଭାଗର ୩୪ ଓ ଜଙ୍ଗଲ ବିଭାଗ ୨୧ ଦ୍ୱାରା ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ୧୨ କୋଟି ୬୨ ଲକ୍ଷ ୮୪ ହଜାର ଟଙ୍କାର ମିଥ୍ୟା ବିଲ୍ କରାଯାଇ ଅର୍ଥ ଆତ୍ମସାତ୍ କରାଯାଇଥିବା ପୂର୍ବତନ ଏମ୍‌ପି ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଓ ଡାବୁଗାଁ ବିଧାୟକ ତଥା ଜିଲା ସଭାପତି ମନୋହର ରନ୍ଧାରୀ ଅଭିଯୋଗ ଆଣିଛନ୍ତି । ସ୍ଥାନୀୟ ଏକ ଲଜ୍‌ରେ ଜିଲା ବିଜେଡି ପକ୍ଷରୁ ଆହୁତ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ମାଝୀ କହିଛନ୍ତି, ୩ ବର୍ଷ ମଧ୍ୟରେ ଉପରୋକ୍ତ ବିଭାଗଗୁଡିକ ପକ୍ଷରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ଅର୍ଥ ହଡ଼ପ କରାଯାଇଛି ।

ନନ୍ଦାହାଣ୍ଡି ବ୍ଲକ୍‌ରେ ଏମ୍‌ଜିଏନ୍‌ଆରଇଜିଏସ୍ ପକ୍ଷରୁ ୫ ହଜାର ବିଭିନ୍ନ ପ୍ରକଳ୍ପ ଅନୁମୋଦନ ହୋଇ କାର୍ଯ୍ୟ ହୋଇଛି। ସେଥିମଧ୍ୟରୁ ପଡ଼ାଲଗୁଡ଼ା ପଞ୍ଚାୟତରେ ହିଁ ୫୩୬ଟି ପ୍ରକଳ୍ପ ହୋଇଛି। ନୂଆଁଗୁଡ଼ା ଗୋଟିଏ ରାସ୍ତାକୁ ନାମ ପରିବର୍ତ୍ତନକରି ୫ ଲକ୍ଷ ଟଙ୍କା ଲେଖାଏ ୪ ଥର ବିଲ୍ କରାଯାଇଛି । ଜେଟୁ ଗୁଡ଼ା ଓ ସରୁଗୁଡ଼ା ରାସ୍ତା ନିର୍ମାଣରେ ମଧ ଫଲ୍ସ ବିଲ୍ ହୋଇଛି । ମଝିଗୁଡ଼ାଠାରୁ କବରପଦା ପର୍ଯ୍ୟନ୍ତ ଗୋଟିଏ ରାସ୍ତାକୁ ୪ଥର ଦେଖାଯାଇ ବିଲ୍ କରାଯାଇଛି । ସେହିଭଳି ବ୍ଲକ୍ କଲୋନି ମଧ୍ୟରେ ମେଟାଲ ମୋରମ ରାସ୍ତା ୧୦ ଲକ୍ଷ ୪୦ ହଜାର ଟଙ୍କା ଓ ୧୦ ଲକ୍ଷ ୩୯ ହଜାର ଟଙ୍କା, ପାଚେରି ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ବିଲ୍ କରାଯାଇଛି। ସମସ୍ତ ବିଲ୍ ୨୦୨୪-୨୫ ବର୍ଷରେ ହୋଇଛି। ସେହିପରି ଉଙ୍ଗରଭେଜାଠାରେ ପାର୍କ ନିର୍ମାଣ ନାଁରେ ୩୦ ଲକ୍ଷ, ନାନ୍ଦାହାଣ୍ଡି ସ୍କୁଲ ଉନ୍ନତୀକରଣ ନାଁରେ ୩୦ ଲକ୍ଷ, ଜଗନ୍ନାଥପୁରଠାରେ ପୋଖରୀ ଉନ୍ନତୀକରଣ ନାଁରେ ୧୦ ଲକ୍ଷ ଟଙ୍କା ବିଲ୍ କରି ଆତ୍ମସାତ୍ ହୋଇଛି । ରାସ୍ତା କାମ ନ ହୋଇ ମେଣ୍ଟ୍ରି ଗାଁରେ ୧୨ ଲକ୍ଷ ଟଙ୍କାର ବିଲ୍ ହୋଇଛି । ସେହିପରି ଜଙ୍ଗଲ ବିଭାଗ ପକ୍ଷରୁ ରାସ୍ତାକଡ଼ରେ ଚାରାରୋପଣ, ଜଙ୍ଗଲ ମଧ୍ୟରେ ଭାଲୁ ରହିବା ପାଇଁ କଫ ନିର୍ମାଣ, ରାଜସ୍ୱ ଜମି ଓ ଜଙ୍ଗଲ ଜମିରେ ଚାରାରୋପଣ ନାଁରେ ମଧ ବ୍ୟାପକ ଦୁର୍ନୀତି ହୋଇଛି । ଉଙ୍ଗରଭେଜାଠାରୁ ଦହଣା ୨ କି.ମି. ରାସ୍ତା ଥିବାବେଳେ ୫ କି.ମି. ବୃକ୍ଷରୋପଣ ଦେଖାଇଛନ୍ତି । ସେହିଭଳି ଧଣ୍ଡରାଠାରୁ ବାଦିଗୁଡ଼ା ରାସ୍ତା ନ ଥିବା ବେଳେ ସେଠାରେ ଚାରାରୋପଣ ନାଁରେ ୮ ଲକ୍ଷ ୯ ହଜାର ଟଙ୍କାର ଦୁର୍ନୀତି ହୋଇଛି। ଜଙ୍ଗଲ ବିଭାଗ ପକ୍ଷରୁ ୨୪ଟି ପ୍ରକଳ୍ପ ମାଧ୍ୟମରେ ୨ କୋଟି ୮୯ ଲକ୍ଷ ୬୧ ହଜାର ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି ପ୍ରଦୀପ। ସେହିଭଳି ଉଦ୍ୟାନ ବିଭାଗ ପକ୍ଷରୁ ୭୫ ଏକର କାଜୁ ବଗିଚା ସୃଷ୍ଟି କରାଯାଇଥିବା ସୂଚନା ଦିଆଯାଇଛି । ତେବେ ୨ ଏକର କାଜୁ ଓ ଆମ୍ବବଗିଚା ଥିବା ଦେଖିବାକୁ ମିଳିଛି। ଉଦ୍ୟାନ ବିଭାଗ ପକ୍ଷରୁ ୩୪ ପ୍ରକଳ୍ପ ମାଧ୍ୟମରେ ୫ କୋଟି ୮୯ ଲକ୍ଷ ୭ ହଜାର ଟଙ୍କା ଫଲ୍ସ ବିଲ କରାଯାଇଥିବା ଏମ୍‌ପି ପ୍ରଦୀପ ଅଭିଯୋଗ କରିଛନ୍ତି। ସେହିଭଳି ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨୧ଟି ପୋଖରୀ ଖନନ ହୋଇଥିବା ତଥ୍ୟ ରହିଛି । ଗୋଟିଏ ପୋଖରୀ ଖନନ ପାଇଁ ୩ ଲକ୍ଷ ୪୦ ହଜାର ଟଙ୍କାର ବିଲ୍ କରାଯାଇଛି। କିନ୍ତୁ ବାସ୍ତବରେ ୪ଟି ପୋଖରୀ ଖନନ ହୋଇଛି । ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୫୬ ଲକ୍ଷ ୮୦ ହଜାର ଟଙ୍କାର ଫଲ୍ସ ବିଲ୍ ହୋଇଥିବା ଅଭିଯୋଗ କରିଛନ୍ତି ପ୍ରଦୀପ । ଡାବୁଗାଁ ବିଧାୟକ ରନ୍ଧାରୀ କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ମାଧ୍ୟମରେ ଜିଲାରେ ୧୫୦ କୋଟି ଟଙ୍କାର ଫଲ୍ସ ବିଲ୍ ହୋଇଛି । ତେବେ ଜିଲାରେ ନନ୍ଦାହାଣ୍ଡି ବ୍ଲକ୍ ଏକ ନମୁନା। ୧୨୭ଟି କାମରେ ୧୨ କୋଟି ୮୨ ଲକ୍ଷ ୮୪ ହଜାର ଟଙ୍କାର ଫଲ୍ସ ବିଲ୍ ହୋଇଥିବା ନଜରକୁ ଆସିଛି। ବରିଷ୍ଠ ବିଜେଡି ନେତା ସରୋଜ ପାତ୍ର କହିଥିଲେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନେକ ପ୍ରକଳ୍ପ ଦେଖାଇ ମିଥ୍ୟା ବିଲ୍ କରାଯାଇଛି। ଯେଉଁ ସବୁ ଅଭିଯୋଗ ଆସିଛି ତା'ର ସତ୍ୟତା ରହିଛି ବୋଲି ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର କହିଥିଲେ। ଆମ୍ବ, କାଜୁବଗିଚା ନାଁରେ ବ୍ୟାପକ ଦୁର୍ନୀତି ହୋଇଥିବା ଜିଲା ପରିଷଦ ବୈଠକରେ ମଧ ଅଭିଯୋଗ ହୋଇଥିବା ସେ କହିଥିଲେ । ଯେଉଁମାନେ ଏହି ଫଲ୍ସ ବିଲ୍ କରିଛନ୍ତି ତା'ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ରହିଛି ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ବିଜେଡି ବ୍ଲକ ସଭାପତି ଦୟାନିଧି ବିଶୋଇ, ପୂର୍ବତନ କାଉନସିଲର ଉତ୍ତମ ତ୍ରିପାଠୀ, ଜିଲା ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ସମ୍ପାଦକ ରବି ପଟ୍ଟନାୟକ, ନଗର ସଭାପତି ପ୍ରମୋଦ ରଥ, ନଗେନ୍ଦ୍ର ପଟ୍ଟନାୟକ, ସଞ୍ଜୟ ନାୟକ, ଜଗନ୍ନାଥ ବାଘ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ବିଜେଡି ନେତା ସୂଚନା ଦେଉଛନ୍ତି।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷଣ ଶିବିର


ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ଜିଲାପାଳ ଶୁଭଙ୍କର ମହାପାତ୍ର ଜଣେ ଅଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୯।୭ (ସଦାଶିବ ପ୍ରହରାଜ/ଚିଦାନନ୍ଦ ସାହୁ )

ନିର୍ବାଚନ ସଂକ୍ରାନ୍ତୀୟ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଯାୟୀ ନବରଙ୍ଗପୁର ଜିଲାରେ ୮ରୁ ୧୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ତାଲିମ ଦିଆଯାଉଛି। ବୁଧବାର ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୩୬ ଓ ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୫୦ ଜଣ ତାଲିମ ନେଇଛନ୍ତି । ୭୪ ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୫୫ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ୧୫ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତପନ ଖୁଣ୍ଟିଆଙ୍କ ସମେତ ଝରିଗାଁର ମଧୁସୂଦନ ମାଝୀ, ଉମରକୋଟ ମନୋଜ କୁମାର ମେହେର, ଚନ୍ଦାହାଣ୍ଡି ବିଡିଓ ଚୟନୁ ଗଣ୍ଡ ଓ ବିଏଲଓ ସୁପରଭାଇଜର ସତ୍ୟବ୍ରତ କର ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।ପରେ ଶିବିରରେ ଯୋଗ ଦେଇଥିବା ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ସେହିପରି ତେନ୍ତୁଳିଖୁଣ୍ଟି ବ୍ଲକ୍ ସମ୍ମିଳନୀ ଗୃହରେ ୭୫ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୪୧ ଜଣ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଉପ ଜିଲାପାଳ ପ୍ରକାଶ ମିଶ୍ର, ଡେପୁଟି କେଲେକ୍ଟର ସ୍ମୃତିରାଣୀ ରଥ, ତେନ୍ତୁଳିଖୁଣ୍ଟି ତହସିଲଦାର ପୁଷ୍ପାଞ୍ଜଳି ଦାଣ୍ଡପାଟ, ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀଙ୍କ ସମେତ ଜିଲା ନିର୍ବାଚନ ଟିମ୍ ଏଥିରେ ସାମିଲ ଥିଲେ। ମଧ୍ୟାହ୍ନଭୋଜନ ବିରତି ପରେ ତାଲିମ କାର୍ଯ୍ୟକ୍ରମରେ ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ସାମିଲ ହୋଇଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଧାକାନ୍ତ ରଣା, ଡିଇଓ କୁନେସ ବିଶାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିଭଳି ଡ଼ାବୁଗାଁ ବିଧାନସଭା ମଣ୍ଡଳୀ ପାଇଁ ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ୫୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ଶିବିରରେ ନୂତନ ଭୋଟର ପରିଚୟପତ୍ର ଆବେଦନ, ସଂଶୋଧନ, ସ୍ଥାନାନ୍ତର ଆଦି କିପରି କରାଯିବ, ବୁଥ୍‌ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ କ'ଣ, ଦାୟିତ୍ୱ କ'ଣ, ମାର୍ଗଦର୍ଶିକା ପୁସ୍ତିକା ଅନୁସାରେ ବିସ୍ତୃତ ଭାବେ ତାଲିମ ଦିଆଯାଇଛି।

# ଅଖଚକ, ଦୋକାନ ବଜାର ବନ୍ଦ

## ଟ୍ରେଡ୍ ୟୁନିୟନର ୧୨ ଘଣ୍ଟିଆ ହରତାଳ

ନବରଙ୍ଗପୁର, ୯।୭(ସଦାଶିବ ପ୍ରହରାଜ)

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ଦେଶବ୍ୟାପୀ ହରତାଳ ଡାକରାରୁ ସମର୍ଥନକରି ନବରଙ୍ଗପୁର ଜିଲାରେ ୬ଟି ଟ୍ରେଡ୍ ୟୁନିୟନ ଓ ୮ଟି ସଙ୍ଗଠନ ପକ୍ଷରୁ ୧୨ଘଣ୍ଟିଆ ହରତାଳ କରାଯାଇଥିଲା। ଫଳରେ ନବରଙ୍ଗପୁର ଜିଲାରେ ଦୋକାନ ବଜାର, ଚକ, ଅଖ, ବିଭିନ୍ନ ପ୍ରତିଷ୍ଠାନ ବନ୍ଦ ରହିଥିଲା। ନବରଙ୍ଗପୁର ସହରର ଚମୁରିଆଗୁଡ଼ା ଓ ମାଝୀଗୁଡ଼ା ଛକ ତଥା ୨୬ ନଂ. ଜାତୀୟ ରାଜପଥରେ ବ୍ୟାନର ଲଗାଇ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଯାତ୍ରୀବାହୀ ବସ୍, ଟ୍ରକ୍ ଓ ବାଇକ୍ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀ ବହୁ ସମସ୍ୟା ଭୋଗିଛନ୍ତି। ସିଆଇଟିୟୁ ଜିଲା ସମ୍ପାଦକ ରାଜେଶ ଜାନି, ଆଇଏନ୍‌ଟିୟୁସିର ଜିଲା ସଭାପତି ବିଷ୍ଣୁରାଜ ନାୟକ, ଏଆଇଟିୟୁସିର ଜିଲା ସଭାପତି ସନାତନ ସାହୁ, ଟିୟୁସିସ ଜିଲା ସଭାପତି ସୁଶାନ୍ତ କୁମାର ସୁନା, ଏଆଇକେଏସ୍ ଜିଲା ସମ୍ପାଦକ ଦେବରାଜ ନାଗ, ଡିୱାଇଏଫ୍ଆଇ ସଦସ୍ୟ ଦୟାନିଧି ସୁନା, ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ଜିଲା ସମ୍ପାଦକ ଭଗବାନ ବୈରାଗୀ, ଖ୍ରୀଷ୍ଟଆନ ମାଇନରେଟି ଜିଲା ସଭାପତି ସୁଧୀର ପାତ୍ର, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଜିଲା ସଭାପତି ନୂଆଁ ଖାଉ ଭତ୍ରା, ଓଡ଼ିଶା କୃଷକ ସଭା ଜିଲା ସଭାପତି ଧରମଦାସ ଭତ୍ରା, ଜଲା ରାଜମିସ୍ତ୍ରି ସଂଘ ସଭାପତି ବିପିନ ନାଗ, କଂଗ୍ରେସ ନେତା ମୁନା ତ୍ରିପାଠୀ, ସିରଜୁଦ୍ଦିନ ଅହମ୍ମଦ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଗରିବ ଖଟିଖିଆ ଶ୍ରମିକ, ଚାଷୀଙ୍କୁ ଗୁରୁତ୍ୱ ନ ଦେଇ ଶିଳ୍ପପତି ଓ ପୁଞ୍ଜିପତିଙ୍କ ହାତରେ ଅମୂଲ୍ୟ ସମ୍ପଦକୁ ଟେକି ଦେଉଥିବା ଶ୍ରମିକନେତାମାନେ ଅଭିଯୋଗ କରିଥିଲେ।



ନବରଙ୍ଗପୁରରେ ଆନ୍ଦୋଳନକାରୀ ରାସ୍ତା ଅବରୋଧ କରିଛନ୍ତି ।

# ଗ୍ରାମବାସୀଙ୍କ ଥାନା ଘେରାଉ

## ଜଙ୍ଗଲ ଜମିରେ ମକା ଚାଷକୁ ବନ ବିଭାଗର ବାରଣରୁ ଉତ୍ତେଜନା

ରାଇଘର,୯।୭ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ଅଧୀନରେ ଥିବା ନାକଟିସିମଡା କୁସୁମପୁର ସନ୍ଧିରେ ଥିବା ସଂରକ୍ଷିତ ଜଙ୍ଗଲରେ ଗତ ଶୁକ୍ରବାର ଗ୍ରାମବାସୀ ମକା ଲଗାଉଥିବାବେଳେ ବନ ବିଭାଗ କର୍ମଚାରୀ ସେମାନଙ୍କୁ ବାରଣ କରିବାରୁ ଉଭୟ ପକ୍ଷରୁ ବଚସା ହେବା ସହ ହାତାହାତି ହୋଇଥିଲା । ଏହି ଗଣ୍ଡଗୋଳରେ ଗ୍ରାମବାସୀଙ୍କ ଆକ୍ରମଣରେ ୨ ଜଣ ବନ ଅଧିକାରୀ ଆହତ ହୋଇଥିଲେ। ଏ ନେଇ ରେଞ୍ଜର ରାଇଘର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ବୁଧବାର ସନ୍ଧ୍ୟା ୭ଟାରେ ୩ଟି ଗ୍ରାମର ପ୍ରାୟ ଶତାଧିକ ଲୋକେ ରାଇଘର ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଭେଟିଥିଲେ । ଗୁଟା ଗଣ୍ଡକୁ ବନ ବିଭାଗର ଜଣେ କର୍ମଚାରୀ କଲର ଧରି ଟାଣିବା ପରେ ଏଭଳି ପରିସ୍ଥିତି ହୋଇଥିବା ସେମାନଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରାଯାଇଥିଲା । ଏହି ଘଟଣାକୁ କେନ୍ଦ୍ରକରି ବହୁ ବନ କର୍ମଚାରୀ ୭ ଗ୍ରାମବାସୀ ନନ୍ଦଲାଲ ଗଣ୍ଡ, ହୀରାଲାଲ ମାଳୀ, ବୁଦ୍ଧୁଲାଲ ଗଣ୍ଡ, ବୈଶାଖୁ ଗଣ୍ଡ, ମୋତିଲାଲ ଗଣ୍ଡ, ଦେବୀରାମ ଗଣ୍ଡ ଓ ଗୁଟା ଗଣ୍ଡଙ୍କୁ ମାଡ ମାରି ରାଇଘର ଆଣିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ବୁଧବାର କୁସୁମପୁର ଓ ଆଖପାଖ ଗ୍ରାମର ପ୍ରାୟ ୧୦୦୦ ଉର୍ଦ୍ଧ୍ୱ ଗ୍ରାମବାସୀ ରାଇଘର ଥାନା ଘେରାଉ କରିଥିଲେ। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଥାନା ପରିସରରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ, ଉମରକୋଟ ଏସ୍‌ଡିପିଓ ସୁରେନ୍ଦ୍ର କୁମାର ଶବର ଆନ୍ଦୋଳନକାରୀ ଗ୍ରାମବାସୀ ସହ ଆଲୋଚନା କରିଥିଲେ। ଉଭୟ ପକ୍ଷର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଓହରିଥିଲେ।

ସୂଚନା ଅନୁଯାୟୀ, ନାକଟିସିମ ଲଖନପୁର ଆଦି ୮୫ ହେକ୍ଟର ସଂରକ୍ଷିତ ଜଙ୍ଗଲରେ ପ୍ରାୟ ୭୫ ହଜାର ଗଛ ଲାଗିବାର କାର୍ଯ୍ୟକ୍ରମ ରହିଛି । ଏହି ପେରିପେକ୍ଷୀରେ ଚଳିତ ବର୍ଷ ନାକଟିସିମଡ଼ା ଓ କୁସୁମପୁର ସନ୍ଧିରେ ଗଛ ଲଗାଇବାକୁ ବନ ବିଭାଗ ପକ୍ଷରୁ ଖାଲ ମଧ ଖୋଳା ଯାଇଥିଲା । ଶୁକ୍ରବାର ଉକ୍ତ ଖାଲ ଖୋଳା ଯାଇଥିବା ଜମିରେ କୁସୁମପୁର, ଆମାବେଡା ଓ ଜୈଲଗୁଡ଼ା ଆଦି ଗ୍ରାମର ଲୋକେ ଚାଷ କାମ କରୁଥିବାବେଳେ କୁନ୍ଦେଇ ଫରେଷ୍ଟର ବ୍ରହ୍ମାଙ୍କ ନେତୃତ୍ୱରେ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଚାଷ କରୁଥିବା ଲୋକଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ହେବା ସହ ମୁହାଁମୁହିଁ ହୋଇଥିଲେ। ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଫରେଷ୍ଟର ବ୍ରହ୍ମା ଓ ଗାର୍ଡ଼ ପ୍ରଧାନଙ୍କୁ ଆକ୍ରମଣ କରିବାରୁ ସେମାନେ ଆହତ ହୋଇଥିଲେ। ଏ ନେଇ ସ୍ଥାନୀୟ ରେଞ୍ଜର ରାଇଘର ପୋଲିସକୁ ଜଣାଇବା ପରେ ଘଟଣାସ୍ଥଳରୁ ଉଭୟ ବନ ଅଧିକାରୀଙ୍କୁ ଉଦ୍ଧାର କରାଯାଇଥିଲା । ସେମାନେ ଏବେ ରାଇଘର ମେଡିକାଲରେ ଚିକିତ୍ସା ହେଉଥିବା ଜଣାପଡିଛି ।


ଗ୍ରାମବାସୀ ରାଇଘର ଥାନା ଘେରାଉ କରିଛନ୍ତି।

# ବିଡିଓଙ୍କୁ ଦାବିପତ୍ର ଦେଲେ ଅଙ୍ଗନୱାଡି କର୍ମୀ

ଡାବୁଗାଁ,୯।୭ (ପ୍ରଜ୍ଞାରଞ୍ଜନ ପରିଡା)

ଭାରତ ବନ୍ଦର ପ୍ରଭାବ ଡାବୁଗାଁ ବ୍ଲକ୍ ସଦର ମହକୁମାରେ ଦେଖିବାକୁ ମିଳିଛି। ବନ୍ଦ ପାଳନ ପରିପ୍ରେକ୍ଷୀରେ ରାଜ୍ୟ ରାଜପଥ-୩୯ ଅବରୋଧ କରାଯାଇଥିବାବେଳେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ସମସ୍ତ ଦୋକାନ ବଜାର ମଧ ବନ୍ଦ ରହିଥିଲା। ଆନ୍ଦେଳନରେ ଡାବୁଗାଁର ଶ୍ରମିକ, ଡ୍ରାଇଭର, ମିସ୍ତ୍ରୀ ସଂଘ, ଅଙ୍ଗନୱାଡି କର୍ମୀ ଓ ବିଭିନ୍ନସଂଘର କର୍ମକର୍ତ୍ତା ସାମିଲ ହୋଇଥିଲେ। ଏଥିରେ ଅଙ୍ଗନୱାଡି କର୍ମୀ ସଂଘ ତରଫରୁ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର ବିଡିଓ ଶରତ ମାଝିଙ୍କୁ ପ୍ରଦାନ କରାଯାଇଥିଲା । ଶ୍ରମିକ ନେତା ରାଜେଶ ଜାନୀଙ୍କ ସହ ସମସ୍ତ ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ ଧର୍ମଘଟରେ ସାମିଲ ଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ସିକ୍ୟୁରିଟି ଗାର୍ଡଙ୍କ ଧାରଣା

## ଦରମା ପ୍ରଦାନରେ ଅନିୟମିତତା

ମାଲକାନଗିରି, ୯।୭(ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କୁ ଦରମା ପ୍ରଦାନରେ ଅନିୟମିତତା ଅଭିଯୋଗରେ ବୁଧବାର ସେମାନେ ଧାରଣା ଦେଇଛନ୍ତି। ଠିକ ସମୟରେ ଦରମା ନ ମିଳିବା, ମାଗିଲେ ଏଜେନ୍ସି ପକ୍ଷରୁ ଧମକ ଚମକ ଦେବା ଅଭିଯୋଗ ଆଣି ଚିକିତ୍ସାଳୟ ପ୍ରବେଶ ଦ୍ୱାର ଆଗରେ ଧାରଣାରେ ବସିଛନ୍ତି। ଦୁଇ ମାସରୁ ଅଧିକ ସମୟଧରି ଦରମା ଦିଆଯାଇ ନ ଥିବା ଅଭିଯୋଗ ଆଣିଛନ୍ତି ସିକ୍ୟୁରିଟି କର୍ମଚାରୀ। ଭୁବନେଶ୍ୱରର କେୟାର ସିକ୍ୟୁରିଟି ସଂସ୍ଥା ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ବିଭାଗରେ ପ୍ରାୟ ୧୮୦ କାର୍ଯ୍ୟରତ ସମସ୍ତଙ୍କୁ ନିୟମିତ ଦରମା ଦିଆଯାଉ ନ ଥିବାରୁ ଧାରଣା ଦେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସେମାନଙ୍କୁ ମାତ୍ର ୧୨ହଜାର ଟଙ୍କା ମିଳୁଥିବା ବେଳେ ଗତ ୨ ମାସର ଦରମା ନ ପାଇ ବହୁ ହଇରାଣ ହେଉଛନ୍ତି। ପରିବାର କିପରି ଚଳିବ ସେ ନେଇ ଚିନ୍ତିତ ହୋଇପଡିଛନ୍ତି। ସେମାନଙ୍କୁ ନୟମିତ ଭାବେ ପ୍ରତିମାସ ୫ ତାରିଖ ସୁଦ୍ଧା ଦରମା ଦିଆଯାଉ ବୋଲି ଦାବି କରିଛନ୍ତି। ଏହା ସହ ପୂର୍ବରୁ ଗାର୍ଡମାନଙ୍କୁ ବର୍ଷା ଦିନ ପାଇଁ ରେନ୍‌କୋର୍ଟ ଓ ଅତିରିକ୍ତ ୟୁନିଫର୍ମ ପ୍ରଦାନ କରାଯାଉ ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଦାବିଜଣାଇଥିଲେ। ଆନ୍ଦୋଳନର କିଛି ଘଣ୍ଟା ପରେ ସେମାନଙ୍କ ଆକାଉଣ୍ଟକୁ ଗୋଟିଏ ମାସର ଦରମା ଟଙ୍କା ଆସିଥିବା ଜଣାପଡିଛି। ନିଯୁକ୍ତି ଦିନଠାରୁ କେବେ ନିୟମିତ ଭାବେ ଦରମା ମିଳେ ନାହିଁ, ଆନ୍ଦୋଳନ କଲେ ସଂସ୍ଥାରୁ ଦରମା ମିଳେ ବୋଲି ସୁରକ୍ଷା କର୍ମୀମାନେ କହିଛନ୍ତି। ଚଳିତ ମାସରୁ ଠିକ୍ ଭାବେ ଦରମା ଦିଆ ନ ଗଲେ ଗାର୍ଡ କାର୍ଯ୍ୟ ଛାଡି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।


ଜିଲା ମୁଖ୍ୟ ଚିକିତ୍ସାଳୟରେ ସିକ୍ୟୁରିଟି ଗାର୍ଡମାନେ ଧାରଣା ଦେଇଛନ୍ତି ।

# ରଶି ଲଗାଇ ନାବାଳିକାଙ୍କ ଆତ୍ମହତ୍ୟା

## ହତ୍ୟା ଅଭିଯୋଗ ଆଣିଲେ ପରିବାର

ମାଲକାନଗିରି, ୯।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଶକ୍ତି ସଦନ ଗୃହରେ ବୁଧବାର ଜଣେ ନାବାଳିକା ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କ ପରିବାର ଏହା ଆତ୍ମହତ୍ୟା ନୁହେଁ, ହତ୍ୟା ବୋଲି ଅଭିଯୋଗ କରିଛନ୍ତି। କାଲିମେଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କର ଗତ ୭ ମାସ ପୂର୍ବେ ଆନ୍ଧ୍ରପ୍ରଦେଶ କରିମନଗରର ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସେ ଘରୁ ପଳାଇ ଆସି ତାଙ୍କୁ ବିବାହ କରିଥିଲେ। ଏ ସମ୍ପର୍କରେ ଯୁବତୀଙ୍କ ମା କାଲିମେଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଆନ୍ଧ୍ରପ୍ରଦେଶ କରିମନଗରରୁ ସମ୍ପୃକ୍ତ ନାବାଳିକାଙ୍କୁ ଠାବପରେ ମାଲକାନଗିରିରେ ଥିବା ଶକ୍ତି ସଦନ ଗୃହକୁ ହସ୍ତାନ୍ତର କରିଥିଲା। ସେଠାରେ ଥିବା ସମୟରେ ସେ ଅନେକ ଥର ଲୁଚି ପଳାଇବାକୁ ଚେଷ୍ଟା କରିଥିବା ଶକ୍ତିସଦନ ଗୃହ ଦାୟିତ୍ୱରେ ଥିବା ନିତ୍ୟାନନ୍ଦ ପ୍ରଧାନ କହିଛନ୍ତି। ବୁଧବାର ସେଠାରଥିବା ଗୋଟିଏ ଘରେ କୌଣସି କାରଣରୁ ସେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

# ବର୍ଷାରେ ଛତା ଧରି ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ

## ୬୩ ଛାତ୍ରୀଛାତ୍ର ନିବାସ,୧୯୦ ସ୍କୁଲରେ ନାହିଁ ଖାଇବା କକ୍ଷ

ନନ୍ଦପୁର,୯।୭(ତୁଷାର କାନ୍ତ ମହାନ୍ତି)

ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ କୋରାପୁଟ ଜିଲା ନନ୍ଦପୁର ବ୍ଲକ୍‌ରେ ଥିବା ମଙ୍ଗଳ ବିଭାଗ ଓ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀଛାତ୍ର ନିବାସ ଏବଂ ବିଦ୍ୟାଳୟଗୁଡ଼ିକରେ ଡାଇନିଂ ହଲ୍ ନ ଥିବାରୁ ଛାତ୍ରୀଛାତ୍ର ବର୍ଷାରେ ଭିଜି ଛତା ଧରି ଖାଦ୍ୟ ଖାଉଥିବା ଦେଖିବାକୁ ମିଳିଛି। ଏ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋମବାର ହିକିମପୁଟ ପଞ୍ଚାୟତ ମାରଡ଼ା ସେବାଶ୍ରମ ବିଦ୍ୟାଳୟର ୧୪୦ ଛାତ୍ରୀ ଛତା ଧରି ବିଦ୍ୟାଳୟ ବାହାରେ ମଧ୍ୟାହ୍ନ ଭୋଜନ ଖାଉଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରି ଦୋରା, ୱାର୍ଡ ସଭ୍ୟ କମ୍ଳୁ ଲୋଚନ ଦୋରା, ଅଭିଭାବକ ସମରା ବଡ ନାୟକ, କମ୍ଳୁ ଦୋରା, ହରି ଦଳପତି, ଧନପତି କାରୀଙ୍ଗିଆ ଓ ହରିଶ୍ଚନ୍ଦ୍ର କିର୍ଶାନୀ ପ୍ରମୁଖ ସ୍କୁଲ ପ୍ରଧାନଶିକ୍ଷକ ଉଦୟନାଥ କିର୍ଶାନୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ସ୍କୁଲରେ ଶ୍ରେଣୀ ଗୃହ ଓ ଡ଼ାଇନିଂ ହଲ୍‌ର ଅଭାବ ଥିବା କହିଥିଲେ। ଏ ନେଇ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନାଗେନ୍ ତ୍ରିପାଠୀଙ୍କ ଜରିଆରେ ଜିଲାସ୍ତରୀୟ ଅଧିକାରୀଙ୍କୁ ଅବଗତ କରିଥିବା କହିଥିଲେ। ଘଟଣା ସମ୍ପର୍କରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିପାଠୀ, ଜିଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡି ଓ ବ୍ଲକ ସହକାରୀ ଶିକ୍ଷାଧିକାରୀ ମମତାଜ ଗୋମାଙ୍ଗଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ୨ ମଙ୍ଗଳ ଅଧିକାରୀ ବ୍ଲକରେ ୧୮ ମଙ୍ଗଳ ବିଭାଗ ସ୍କୁଲ ଓ ୪୫ ଶିକ୍ଷା ବିଭାଗ ବିଦ୍ୟାଳୟରେ ମଙ୍ଗଳ ବିଭାଗର ଛାତ୍ରୀ ନିବାସ ଥିବା ଓ ସେଥିରେ ୪୫୦୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ରହି ଅଧ୍ୟୟନ କରୁଥିବା ସୂଚନା ଦେଇଥିଲେ। ସେହିପରି ଶିକ୍ଷା ବିଭାଗ ଅଧୀନରେ ନନ୍ଦପୁର ବ୍ଲକର ୧୯୦ ବିଦ୍ୟାଳୟରେ ମୋଟ ୧୬୦୩୪ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଉଥିବା ବ୍ଲକ ସହକାରୀ ଶିକ୍ଷାଧିକାରୀ ଗୋମାଙ୍ଗ ସୂଚନା ଦେଇଛନ୍ତି। କିନ୍ତୁ ହାତଗଣତି କିଛି ଅନୁଷ୍ଠାନକୁ ଛାଡ଼ି ଦେଲେ ୯୫ ପ୍ରତିଶତ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ଡାଇନିଂ ହଲ ନ ଥିବା କହିଛନ୍ତି। ସମସ୍ତେ ନିଜ ନିଜ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଜରିଆରେ ଡାଇନିଂ ହଲ ନିର୍ମାଣ ପାଇଁ ଜିଲା ଓ ରାଜ୍ୟ ପ୍ରଶାସନକୁ ଅବଗତ କରିଥିବା କହିଛନ୍ତି। ଏ ସମ୍ପର୍କରେ କୋରାପୁଟ ଜିଲାପାଳ ଭି. କୀର୍ତ୍ତି ୱାସନଙ୍କୁ ପଚାରିବାରୁ ଗତ ଜିଲାସ୍ତରୀୟ ଆଇଟିଡିଏ ପିଏଲସି ବୈଠକରେ ଜିଲାର ସମସ୍ତ ବିଧାୟକଙ୍କ ଉପସ୍ଥିତିରେ ଶିକ୍ଷାନୁଷ୍ଠାନଗୁଡ଼ିକର ଅଭାବ ଦୂରୀକରଣ ପାଇଁ ଆଲୋଚନା ହୋଇଥିଲା। ଆର୍ଟିକଲ ୨୭୫ ପାଣ୍ଠି ଓ ଅନ୍ୟ ପାଣ୍ଠିର ବିନିଯୋଗ କରି ପର୍ଯ୍ୟାୟ କ୍ରମେ ସମସ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଡାଇନିଂ ହଲ ନିର୍ମାଣ କରିବାକୁ ସ୍ଥିର ହୋଇଛି। ଆଗାମୀ ୧ ବର୍ଷ ମଧ୍ୟରେ କୋରାପୁଟ ଜିଲାର ସମସ୍ତ ବିଦ୍ୟାଳୟରେ ଡାଇନିଂ ହଲ ନିର୍ମାଣ କରାଯିବ ବୋଲି ଜିଲାପାଳ ୱାସନ କହିଛନ୍ତି।


ପିଲା ସ୍କୁଲ ବାହାରେ ବସି ଛତା ଧରି ମଧ୍ୟାହ୍ନଭୋଜନ ଖାଉଛନ୍ତି।

## ଶିଶୁ କନ୍ୟାକୁ ବଳାତ୍କାର ମାମଲା, ଅଭିଯୁକ୍ତ କୋର୍ଟ ଚାଲାଣ

ବନ୍ଧୁଗାଁ,୯।୭(ବେଣୁଧର ଲାକାଲା)

କୋରାପୁଟ ଜିଲା ବନ୍ଧୁଗାଁ ଥାନା ଅଧୀନରେ ୬ ବର୍ଷର ଶିଶୁ କନ୍ୟାକୁ ବଳାତ୍କାର ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବେଙ୍କା ପିଡ଼ି(୩୦)। ସୂଚନା ଅନୁଯାୟୀ, ମଙ୍ଗଳବାର ବନ୍ଧୁଗାଁ ଥାନା ଅଞ୍ଚଳର ଜଣେ ଶିଶୁ କନ୍ୟା ମା'ବାପାଙ୍କ ସହ ବିଲକୁ ଯାଇଥିବା ବେଳେ ବେଙ୍କା ଚକଲେଟ୍ ଆଣି ଦେବାକୁ କହି ତାକୁ ବଳାତ୍କାର କରିଥିଲେ। ଖବର ଜାଣିବା ପରେ ଗାଁ ଲୋକେ ଅଭିଯୁକ୍ତଙ୍କୁ ଡାକି ମାଡ଼ ମାରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ କୋରାପୁଟ ଡାକ୍ତରଖାନାକୁ ପଠାଯାଇଥିଲା। ଏ ନେଇ ବନ୍ଧୁଗାଁ ଥାନାରେ କେସ୍ ନଂ ୭୫/୨୫ରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ପରେ ସେ ଘଟଣା ସମ୍ପର୍କରେ ସ୍ୱୀକାର କରିଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୬ ଅଟକ

ଜୟପୁର,୯।୭(ପବନ ପାଣିଗ୍ରାହୀ)

ଜୟପୁର ଟାଉନ ଥାନା ପକ୍ଷରୁ ଧୋବା ସାହି ଅଞ୍ଚଳର ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୬ ଜଣଙ୍କୁ ଥାନାରେ ଅଟକ ରଖାଯାଇଛି। ସେମାନଙ୍କଠାରୁ ୧୫ଶହ ଟଙ୍କା ଜବତ କରାଯାଇଛି।

# ଯାତ୍ରୀ, ରେଳଧାରଣା ସୁରକ୍ଷା ନେଇ ସମୀକ୍ଷା

**No.D-125 :** It is for information of all concerned that, the Commission has decided to conduct the Written Examination for recruitment to the posts of Assistant Director of Factories and Boilers, pursuant to Advt. No. 01 of 2025- 26 on **03.08. 2025 (Sunday)** at **Saraswati Shishu Vidya Mandir, Tulasipur, Chahata Nagar (Mahanadi Ring Road), Cuttack-753008,** as per the timetable detailed below:

| Date | Timing | Subject | Subject Code No. to be filled up in the OMR Answer Sheet |
|---|---|---|---|
| 03.08.2025 (Sunday) | 09.00 A.M. to 11.00 A.M. | General Studies and Mental Ability | 01 |
| | 1.00 P.M. to 3.00 P.M. | Mechanical Engineering | 02 |

**N.B :-** As **there is no vacancy for PwD candidates,** no extra compensatory time shall be allowed to PwD candidates.
2. The **"Admission Certificate"** and **"Instructions to candidate"** for the eligible candidates will be available in the website of Commission shortly. The candidates are advised to visit the website of the Commission at http://opsc.gov.in to download their "Admission Certificate" & "Instructions to Candidate".

OIPR-12002/11/0262/2526 — Sd./- Secretary

## ODISHA PUBLIC SERVICE COMMISSION, CUTTACK

No. D-

**1st Corrigendum to Advt. No. 02 of 2025-26 for Recruitment to the Post of Assistant Section Officer in the Office of the Advocate General, Odisha**

1. **AGE:**
Beneath 1st Paragraph under Sl. No. 3 (i.e. Age) of the Advertisement No. 02 of 2025-26, the following Paragraph shall be inserted due to enhancement of upper age limit vide Gazette Notification No. 1598, Dtd.09.06.2025.
"A candidate must have attained the age of 32 (Thirty-two) years and must not be above the age of 42 (forty-two) years as on the 1st day of January, 2025 i.e. he/she have been born not earlier than **2nd January 1983** and not later than **1st January, 1993**".
**Note:** The relaxation of age as provided to different categories in the Advertisement will remain same over and above 42 years.
2. The link for Online Application and Submission shall be opened only for those candidates who have been born on/in between the aforesaid dates, which shall be available from **14.07.2025 to 24.07.2025** till 05.00 P.M. [Note: **24.07.2025, 5.00 P.M.** is the deadline for submission of Registered Online Application].
3. **METHOD OF SELECTION:**
The Para-6(g) of the Advt. No. 02 of 2025-26 i.e. xxxxxxxxx will be shortlisted 1.5 times of the advertised vacancies in each category as per merit for the Skill Test xxxxxxx shall be **substituted and read** as xxxxxxxxx will be shortlisted 02 times of the advertised vacancy in each category as per merit subject to a minimum of 05 for the Document Verification and Skill Test. Commission further reserves the right to call additional number of candidates securing qualifying marks as per merit, in case number of suitable candidates fall short of advertised vacancy in each category, so that all posts can be filled up. The document verification and Skill Test will be held simultaneously on the same date. xxxxxxxxx
4. **DATE OF WRITTEN EXAMINATION:**
Under Sl No. 7 of the Advertisement, "the Written Examination will be tentatively held on 27th July, 2025 (Sunday)" shall be **substituted and read** as "the Written Examination will be tentatively held on **21st September, 2025 (Sunday)**.
5. The candidates who have already submitted online applications for the said post need not apply again.
Besides above, all other terms and conditions of the Advertisement No. 02 of 2025-26 shall remain unchanged.

By Order of Commission
OIPR-12002/11/0264/2526 — Sd./- Secretary

## GOVERNMENT OF ODISHA
## OFFICE OF THE ADDITIONAL CHIEF ENGINEER (TESTING & CALIBRATION, STANDARD TESTING LABORATORY)-CUM-ELECTRICAL INSPECTOR

PLOT NO. GD-2/7, MAITRIVIHAR, BHUBANESWAR-751023
**E-Mail ID : sestl-od@gov.in, deist11-od@gov.in**

Expression of interest No.01/A.C.E (T&C, STL)/2025-26

**No.STL/Tech-2/2025-26/1357 — /Dated Bhubaneswar, the 07.07.2025**

**No.AA-17 :** The Additional Chief Engineer (T&C,STL)-cum-E.I, Bhubaneswar invites **Expression of Interest (EOI)** to extend its NABL scope to include **Transformer Oil Testing** in line with **ISO/ IEC 17025:2017**. We aim to offer comprehensive testing services for transformer insulating oil, covering parameters such as: Breakdown Voltage (BDV), Flash Point, Moisture Content (PPM), Interfacial Tension, Dielectric Dissipation Factor (Tan Delta) & Resistivity, DGA. The details of Scope of Work which includes development of the necessary documentation, including standard operating procedures (SOPs), Quality manual, Quality Procedure, Calibration of equipment, training and other relevant documents required for NABL accreditation. The Expression of Interest (EOI) may be submitted via email within 15 days from the date of publication.

**For further information or to express your interest, please contact:**
The Additional Chief Engineer (T&C, STL)-cum-E.I, Bhubaneswar
Standard Testing Laboratory
PLOTNO.GD-2/7, MAITRIVIHAR, BHUBANESWAR-751023
**E-Mail ID: sestl-od@gov.in**

Sd./- Addl. Chief Engineer
OIPR-04069/11/0005/2526 — (T&C, STL)-cum-E.I., Bhubaneswar

## Office of District Manager Odisha State Civil Supplies Corporation Ltd. (OSCSC), Angul

**Phone : 06764-230282**
**District Website - https://angul.odisha.gov.in**

**Tender No. : 2664 — Dt. : 05.07.2025**

**No.CAD-1020** : District Manager, Odisha State Civil Supplies Corporation Ltd., Angul (District) invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor for transportation of foodgrains from FSD, FCI to RRCs of Angul District. |
| 2 | Availability of bid document in the portal | From 08.07.2025 |
| 3 | Last Date / Time for receipt of bids in the portal | Dt.22.07.2025 up to 5.30 P.M. |
| 4 | Date/Time of Opening of Technical Bid | Dt.23.07.2025, At-11 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Angul, At-O/o CSO-cum-District Manager, Near Biju Maida, Rotary Public School, Angul |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd./- District Manager
OIPR-07064/11/0008/2526 — OSCSC Ltd., Angul

## ODISHA PUBLIC SERVICE COMMISSION, CUTTACK
### NOTICE

**No.4765/PSC — Dt.08.07.2025**
**(1R-02-24/25) (DR-V)**

**Assistant Professor (Stage-I) in Chemistry (Advertisement No. 27 of 2023-24)**

No. D-: It is for information of all concerned that, document verification of **115 (One hundred fifteen)** candidates having **PPSAN** mentioned below for the post of **Assistant Professor (Stage-I) "Chemistry",** pursuant to advertisement No. 27 of 2023-24 shall be held from **17.07.2025 to 22.07.2025 (except Govt. holiday)** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 17.07.2025 | 10.30 A.M. | P230183751, P230187205, P240307795, P230184887, P230185385, P240302452, P240306459, P240307971, P230176824, P230181139, P230183558, P240282872 & P240309444 = **13 Candidates** |
| | 02.30 P.M. | P240310076, P220051297, P220079765, P240298467, P240299374, P240304910, P240306087, P240306632, P240308559 & P230183028 = **10 Candidates** |
| 18.07.2025 | 10.30 A.M. | P230186684, P240305813, P240306745, P240308500, P230176354, P230177358, P230182734, P240308929, P240309405, P230175162, P230176000, P230182859 & P230185435 = **13 Candidates** |
| | 02.30 P.M. | P230193321, P240297406, P240305066, P240309811, P240313838, P230172413, P230181138, P230182019, P240304463 & P240310634 = **10 Candidates** |
| 19.07.2025 | 10.30 A.M. | P240308963, P240305616, P240309086, P240307460, P230183273, P220040368, P230183302, P230183898, P230184501, P240303351, P240305597, P240306284 & P240311482 = **13 Candidates** |
| | 02.30 P.M. | P230185469, P230187180, P240304153, P220075000, P240309253, P230108883, P240309153, P230201735, P220025453 & P240308218 = **10 Candidates** |
| 21.07.2025 | 10.30 A.M. | P230234335, P240287146, P240306308, P240302644, P240307323, P230139156, P230183175, P240306073, P240304409, P220027341, P230141683, P240313973 & P230180293 = **13 Candidates** |
| | 02.30 P.M. | P230178468, P230130497, P230180780, P230177213, P240301812, P230091100, P240302675, P240305803, P220028484 & P230097977 = **10 Candidates** |
| 22.07.2025 | 10.30 A.M. | P220029592, P230176925, P240296320, P220008904, P220022164, P220063831, P230122575, P230157617, P230180415, P230182714, P240306959, P230118280 & P230157573 = **13 Candidates** |
| | 02.30 P.M. | P230173982, P230177014, P230177616, P230178057, P230182922, P230197181, P240296488, P240297673, P240299619 & P240302837 = **10 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.
The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.
**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0265/2526 — Sd./- Secretary

## ଓଡ଼ିଶା ସରକାର
## ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା: ବୌଦ୍ଧ

ଇ-ମେଲ: miningofficerboudh@gmail.com

ସଂଖ୍ୟା: ୬୧୦ — **ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି** — ତା: ୭.୭.୨୦୨୫

**No. G-26:-** ମାଇନ୍ସ ଏବଂ ମିନେରାଲ୍ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ୍ ମିନେରାଲ୍ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ୨ ସଂଖ୍ୟକ ଲଘୁ ଖଣିଜ ଉପର ଇ–ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି ।

ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ–ଏମ୍' ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି ।

ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି । କ୍ୱାରିଗୁଡ଼ିକ ପାଇଁ ଇ–ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି, ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstcecommerce.com** ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ ।

ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବସାଇଟରେ ନିଜକୁ ପଞ୍ଜୀକୃତ କରିପାରିବେ । ସଫଳ ପଞ୍ଜୀକରଣ ପରେ ଇ–ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗଇନ୍ ଆଇଡି ଏବଂ ପାସୱାର୍ଡ ପାଇବେ । ମଡେଲ୍ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ୍ ବ୍ଲକ୍ ସାରାଂଶ ଉପରୋକ୍ତ ୱେବ୍‌ସାଇଟରେ ମାଗଣାରେ ଉପଲବ୍ଧ ।

ଇଚ୍ଛୁକ ବିଡରମାନେ ନିଜର ଲଗ୍‌ଇନ୍ ୟୁଜର୍ ID ଏବଂ ପାସୱାର୍ଡ ବ୍ୟବହାର କରି ଫର୍ମ–M ରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ । 'ଫର୍ମ–ଏମ'ର ସଫଳ ଦାଖଲ ପାଇଁ ବିଡରମାନେ ଇ–ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡର ମାନୁଆଲ'କୁ ଅନୁସରଣ କରିବା ଉଚିତ । ଇ–ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବସାଇଟରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ ।

| ସମୟ ସାରଣୀ: | | |
|---|---|---|
| | ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟସାରଣୀ ଉପଲବ୍ଧ ଅଛି । | ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ: ୦୨.୦୮.୨୦୨୫ । |
| | ଟେଣ୍ଡର ଆବେଦନର ଶେଷ ତାରିଖ: ୦୧.୦୮.୨୦୨୫ । | ନିଲାମ ତାରିଖ: ୦୮.୦୮.୨୦୨୫ ରୁ ୧୩.୦୮.୨୦୨୫ । |

**କ୍ୱାରିଗୁଡ଼ିକର ତାଲିକା:**

| କ୍ର. ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ ଓ କୋଡ୍ | ମିନେରାଲ | ଲାଣ୍ଡ ସେଡ୍ୟୁଲ | | | | | ପରିମାଣ | MAC per $M^3$ (in Rs.) | MGQ per year |
|---|---|---|---|---|---|---|---|---|---|---|---|---|---|
| | | | | | | ମୌଜା | ଖତିୟାନ ନଂ. | ପ୍ଲଟ୍ ନଂ. | କିସମ | କ୍ଷେତ୍ରଫଳ (in Hecs) | | | |
| ୧ | ଫୁଲବାଣୀ | ବୌଦ୍ଧ | ବୌଦ୍ଧ | ତୁଟୁରସିଙ୍ଗା–A ବାଲିଘାଟ (୦୬୦୫୪ ୦୧୦୧୦) | ବାଲି | ତୁଟୁର ସିଙ୍ଗା | ୫୧୮ | ୦୧ | ନଦୀ | ୫.୨୨୦ | ଗଚ୍ଛିତ | ୩୧୦ | ୩୦,୦୦୦ |

OIPR-30033/11/0007/2526 — ସ୍ୱା./- ଖଣି ଅଧିକାରୀ, ବୌଦ୍ଧ

# ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାରତର ଅପଷ୍ଟ୍ରିମ୍ ତୈଳ,ବାଷ୍ପ ଢାଞ୍ଚାର ହେବ ଆଧୁନିକୀକରଣ

ଭୁବନେଶ୍ୱର, ୯।୭ (ଅନୁରାଧା ମହାରଣା)

ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ (ପିଏନ୍‌ଜି) ନିୟମାବଳୀର ଚିଠା ପ୍ରସ୍ତାବ, ମଡେଲ ରାଜସ୍ୱ ବିତରଣ ଚୁକ୍ତି (ଏମ୍‌ଆର୍‌ଏସ୍‌ସି) ଏବଂ ପେଟ୍ରୋଲିୟମ ଲିଜ୍ ଉପରେ ଅଂଶୀଦାରଙ୍କଠାରୁ ମତାମତ ଓ ପରାମର୍ଶ ଆହ୍ୱାନ କରିଛି। ଏହି ଚିଠା ପ୍ରସ୍ତାବରେ ଅନେକ ପ୍ରମୁଖ ସଂସ୍କାର ସହିତ ଦେଶର ଅପଷ୍ଟ୍ରିମ୍ ତୈଳ ଏବଂ ବାଷ୍ପ ଭିତ୍ତିଭୂମିକୁ ଆଧୁନିକୀକରଣ କରିବାର ଲକ୍ଷ୍ୟ ରଖାଯାଇଛି। ପ୍ରମୁଖ ସଂସ୍କାର ମଧ୍ୟରୁ ଗୋଟିଏ ହେଉଛି ଏକ ନିବେଶକ-ଅନୁକୂଳ ସ୍ଥିରୀକରଣ ଧାରାକୁ ସାମିଲକରିବା ହୋଇଥିବାବେଳେ ଏହାକୁ ଭବିଷ୍ୟତର ଆଇନଗତ କିମ୍ବା ଆର୍ଥିକ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବରୁ ଲିଜ୍‌ଧାରୀଙ୍କୁ ସୁରକ୍ଷାଦେବା ପାଇଁ ଡିଜାଇନ କରାଯାଇଛି । ଫଳରେ ଟିକସ, ରୟାଲ୍ଟି କିମ୍ବା ଅନ୍ୟାନ୍ୟ ଶୁଳ୍କରେ ବୃଦ୍ଧି କ୍ଷେତ୍ରରେ ସେମାନଙ୍କୁ କ୍ଷତିପୂରଣ କିମ୍ବା ହ୍ରାସ ପାଇଁ ଅନୁମତି ଦିଆଯିବ। ଭିତ୍ତିଭୂମିର ଦୋହରୀକରଣକୁ ହ୍ରାସ କରିବା ଏବଂ ଛୋଟ ସଂସ୍ଥାକୁ ଉତ୍ସାହିତ କରିବା ପାଇଁ ଚିଠା ପ୍ରସ୍ତାବରେ ଲିଜ୍‌ଧାରୀମାନଙ୍କୁ ପାଇପଲାଇନ ଓ ଅନ୍ୟାନ୍ୟ ସୁବିଧାରେ କମ୍ ବ୍ୟବହାର ହୋଇଥିବା କ୍ଷମତା ଘୋଷଣା କରିବାକୁ କୁହାଯାଇଛି। ଏହାବ୍ୟତୀତ ସରକାରୀ ତଦାରଖ ଅଧୀନରେ ଯୁକ୍ତିଯୁକ୍ତ ସର୍ତ୍ତରେ ତୃତୀୟ ପକ୍ଷଙ୍କୁ ପ୍ରବେଶ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚିଠା ନିୟମରେ ପ୍ରଥମ ଥର ପରିଚାଳକମାନଙ୍କୁ ତୈଳ କ୍ଷେତ୍ର ବ୍ଲକ୍ ମଧ୍ୟରେ ଏକୀକୃତ ଅକ୍ଷୟ ଓ କମ୍ ଅଙ୍ଗାରକାମ୍ଳଯୁକ୍ତ ପ୍ରକଳ୍ପ ଯଥା ସୌର, ପବନ, ହାଇଡ୍ରୋଜେନ ଏବଂ ଭୂ-ତାପ ଉର୍ଜା ଆଦି ବ୍ୟବହାର କରିବା ଲାଗି ଅନୁମତି ଦିଆଯାଇଛି। ପରିବେଶ ପରିଚାଳନାକୁ ସୁଦୃଢ଼ କରିବା ପାଇଁ, ଚିଠା ପିଏନ୍‌ଜି ନିୟମାବଳୀ ଗ୍ରୀନ୍‌ହାଉସ ଗ୍ୟାସ୍ ନିର୍ଗମନ ନିରୀକ୍ଷଣ ଓ ରିପୋର୍ଟ କରିବା ପାଇଁ ବିସ୍ତୃତ ଆବଶ୍ୟକତା ପ୍ରଚଳନ କରାଯାଇଛି। ସେହିପରି କାର୍ବନ କ୍ୟାପ୍‌ଚର ଏବଂ ଷ୍ଟୋରେଜ (ସିସିଏସ୍) ପାଇଁ ଏକ ନିୟାମକ ଢାଞ୍ଚା ସ୍ଥାପନ କରାଯାଇଛି । ବନ୍ଦହେବା ପରେ ଅତି କମ୍‌ରେ ୫ବର୍ଷ ପାଇଁ ନିରୀକ୍ଷଣ ସହ ଏକ ସ୍ଥାନ ପୁନରୁଦ୍ଧାର ପାଣ୍ଠିକୁ ମଧ୍ୟ ଏଥିରେ ବାଧ୍ୟତାମୂଳକ କରାଯାଇଛି । କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଉଦ୍ୟୋଗ ଜଗତର ନେତୃବର୍ଗ, ବିଶେଷଜ୍ଞ, ନାଗରିକଙ୍କଠାରୁ ଆରମ୍ଭ କରି ସବୁ ଅଂଶୀଦାରମାନଙ୍କୁ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ନିୟମର ଚିଠା ପ୍ରସ୍ତାବ, ଏମ୍‌ଆର୍‌ଏସ୍‌ସି ଓ ସଂଶୋଧିତ ପେଟ୍ରୋଲିମ ଲିଜ୍ ଉପରେ ଜୁଲାଇ ୧୭ ସୁଦ୍ଧା ମତାମତ ଓ ପରାମର୍ଶ ଦେଇପାରିବେ। ଅଂଶୀଦାରମାନେ png-rules@dghindia.gov.inରେ ନିଜର ମତାମତ ପଠାଇପାରିବେ। ଏହି ବିଚାରବିମର୍ଶ ପ୍ରକ୍ରିୟା ୧୭ ଜୁଲାଇ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମରେ ଆୟୋଜିତ ଉର୍ଜା ବାର୍ତ୍ତା ୨୦୨୫ରେ ସମାପ୍ତ ହେବ।


ହରଦୀପ ସିଂ ପୁରୀ

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୯।୭

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହେଉଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୭୬ (୧୭୬.୪୩) ପଏଣ୍ଟ ହ୍ରାସ ଘଟି ୮୩,୫୩୬ (୮୩,୫୩୬.୦୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୪୬(୪୬.୪୦) ପଏଣ୍ଟ କମି ୨୫,୪୭୬ (୨୫,୪୭୬.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଦେବୀ ଶବରଙ୍କୁ ବିଓବିର ୧.୧ କୋଟିର ସହାୟତା ରାଶି




ଭୁବନେଶ୍ୱର,୯।୭

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଓବି ପକ୍ଷରୁ ୧.୧ କୋଟି (୧କୋଟି ୧୦ ଲକ୍ଷ ଟଙ୍କା)ର ଏକ ଚେକ୍ ମୃତ ଲୋକନାଥ ଶବରଙ୍କ ସ୍ତ୍ରୀ ଦେବୀ ଶବରଙ୍କୁ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଲୋକନାଥ ଶବର ଓଡ଼ିଶା ଆର୍ମଡ ପୋଲିସ ଫୋର୍ସର କନ୍‌ଷ୍ଟେବଲ ଭାବେ କାର୍ଯ୍ୟରତ ଥିବା ଅବସ୍ଥାରେ ଏକ ସଡକ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଥିଲେ। ଏହି ଚେକ୍ ବିଓବି-ଓଡ଼ିଶା ପୋଲିସ ସାଲାରି ପ୍ୟାକେଜ୍ ଅନ୍ତର୍ଗତ ହିତାଧିକାରୀଙ୍କ ରାଶି ଭାବେ ପ୍ରଦାନ କରାଯାଇଛି। ଏହି ଅବସରରେ ବିଓବି ଭୁବନେଶ୍ୱର ଅଞ୍ଚଳର ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଉକ୍ତ ସହାୟତା ରାଶିର ଚେକ୍‌କୁ ପୋଲିସ ଆୟୁକ୍ତ ଡ. ସୁରେଶ ଦେବଦତ୍ତ ସିଂଙ୍କ ସହାୟତାରେ ହିତାଧିକାରୀଙ୍କ ସ୍ତ୍ରୀ ଦେବୀ ଶବରଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୋଲିସ ଆୟୁକ୍ତ ନରସିଂହ ଭୋଳ, ଉପ-ପୋଲିସ ଆୟୁକ୍ତ (କଟକ) ଖିଲାରି ରିଷିକେଶ ଧ୍ୟାନଦେଓ, ଉପ ପୋଲିସ ଆୟୁକ୍ତ ପ୍ରକାଶ ଚନ୍ଦ୍ର ପାଲ, ବିଓବି ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ଏସ୍‌ପି ନାୟକ, ଉପ-ମହାପ୍ରବନ୍ଧକ ଭିଏମ୍‌ଏନ୍‌ଏସ୍ ସାଇବାବୁଙ୍କ ସମେତ ବିଓବି ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସତ୍ୟରଞ୍ଜନ ମହାପାତ୍ର, ବିଓବି କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପ୍ରଦୀପ କୁମାର ବେହେରା, କଟକ ନୟା/ନୂଆ ବଜାର ଶାଖାର ଶାଖା ମୁଖ୍ୟ ସୁକେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ସିବିଆଇ ସହ ଜେନେରାଲିର ବୁଝାମଣା

ଭୁବନେଶ୍ୱର,୯।୭

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ) ଏବଂ ଜେନେରାଲି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥାକୁ ଦେଶର ଏକ ନୂଆ ଯୁଗ୍ମ ଉଦ୍ୟୋଗ ସହଯୋଗୀ ଭାବେ ଘୋଷଣା କରାଯାଇଛି। ଜେନେରାଲି ଗ୍ରୁପ୍‌ର ଡେପୁଟି ସିଇଓ (ଇନ୍‌ସ୍ୟୁରାନ୍ସ) ଜାଇମେ ଆଞ୍ଚୁଷ୍ଟେଗୁଇ କହିଛନ୍ତି, ସିବିଆଇ ସହ ମିଳିତ ଭାବେ ଭାରତରେ ଆମର ବ୍ୟବସାୟ ପାଇଁ ଏହି ନୂଆ ଅଧ୍ୟାୟ ଘୋଷଣାକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏହି ଭାଗୀଦାରି ଭାରତର ଉଚ୍ଚ ସମ୍ଭାବ୍ୟ ବଜାରରେ ଜେନେରାଲିଙ୍କ ପାଦଚିହ୍ନକୁ ଆହୁରି ବ୍ୟାପକ କରିବାରେ ସହାୟକ ହେବ ବୋଲି ଆମେ ବିଶ୍ୱାସ କରୁଛୁ।

# ଏମ୍‌ଜିଏମ୍ ମିନେରାଲ୍ସକୁ ୫ତାରକା ପୁରସ୍କାର

ଭୁବନେଶ୍ୱର,୯।୭ (ଅଭୟ ଦାଶ)

ରାଜ୍ୟ ପ୍ରମୁଖ ଘରୋଇ ସଂସ୍ଥା ତଥା ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନ ଓ ସ୍ୱୀକୃତି ମିଳିଛି। ବିଶେଷ କରି ଉତ୍କୃଷ୍ଟ ଗୁଣବତ୍ତା ଓ ଅନ୍ତର୍ଜାତୀୟ ମାନକ ପାଳନ କରିବାରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବାରୁ ଏମ୍‌ଜିଏମ୍ ମିନେରାଲ୍ସକୁ ୫ତାରକା ପୁରସ୍କାର ଦିଆଯାଇଛି। ସେହିଭଳି ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ପଟାବେଡା ଲୌହଖଣିକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ଦ୍ୱାରା ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ୫ତାରକା ଖଣି ଭାବେ ମୂଲ୍ୟାଙ୍କନ ସହ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜସ୍ଥାନର ଜୟପୁର ସ୍ଥିତ ରାଜସ୍ଥାନ ଅନ୍ତର୍ଜାତୀୟ କେନ୍ଦ୍ରଠାରେ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, କେନ୍ଦ୍ରମନ୍ତ୍ରୀ ଜି.କିଶନ୍ ରେଡ୍ଡୀ, ଇଣ୍ଡିଆନ ବୁରୋ ଅଫ୍ ମାଇନ୍ସର ମହାନିୟନ୍ତ୍ରକ ପୀୟୁଷ ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍ ପକ୍ଷରୁ ଖଣି ଅଧକ୍ଷ ପଙ୍କଜ ଲୋଚନ ମହାନ୍ତି ଏବଂ ମୁଖ୍ୟ ପ୍ରବନ୍ଧକ ହିମାଂଶୁ ଶେଖର ପଟ୍ଟନାୟକ ଯୋଗଦେଇ ଅତିଥିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଏହା ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ପଟାବେଡା ଲୌହଖଣି (୨୮.୩୯୭ ହେକ୍ଟର) ପରି ଏକ ଛୋଟ ଖଣି ନିମନ୍ତେ ଆନନ୍ଦ ଏବଂ ଗୌରବମୟ ଅନୁଭୂତି ବୋଲି କମ୍ପାନୀ ପକ୍ଷରୁ କୁହାଯାଉଛି।


କେନ୍ଦ୍ରମନ୍ତ୍ରୀ ଜି.କିଶନ୍ ରେଡ୍ଡୀଙ୍କଠାରୁ ଏମ୍‌ଜିଏମ୍ ମିନେରାଲ୍ସର ପଙ୍କଜ ଲୋଚନ ମହାନ୍ତି ଏବଂ ହିମାଂଶୁ ଶେଖର ପଟ୍ଟନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

# ପ୍ରଥମ ତ୍ରୈମାସିକରେ ସର୍ବାଧିକ ବିକ୍ରି ରେକର୍ଡ

ଭୁବନେଶ୍ୱର,୯।୭

କ୍ରମାଗତ ଭାବେ ସୋନାଲିକା ଟ୍ରାକ୍ଟର୍ସର କାରବାର ବୃଦ୍ଧି ପାଉଛି। ଏପରିକି କୃଷକଙ୍କୁ ଉତ୍ତମ ଉତ୍ପାଦକତା ଓ ସମୃଦ୍ଧି ପ୍ରଦାନ କରିବା ପାଇଁ କଷ୍ଟମାଇଜ କରାଯାଇଥିବା ସୋନାଲିକାର ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକ ନୂଆ ବେଞ୍ଚମାର୍କ ସୃଷ୍ଟି କରିପାରିଛି । ଏହି ଆଭିମୁଖ୍ୟ କମ୍ପାନୀକୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ସର୍ବାଧିକ ବିକ୍ରି ସହ ୪୩,୬୦୩ ୟୁନିଟ୍ ଟ୍ରାକ୍ଟର ବିକ୍ରିକରି ଏକ ନୂଆ ରେକର୍ଡ ହାସଲ କରିଛି। ସେହିଭଳି କମ୍ପାନୀର ଏହି ସଫଳତା ବ୍ରାଣ୍ଡର ପ୍ରତ୍ୟେକ କୃଷକଙ୍କ ପାଇଁ ରହିଥିବା 'ଦମ୍ ଆଗେ ବଢ଼ନେ କା' ପ୍ରତିଶ୍ରୁତି ଏବଂ ୨୦-୧୨୦ଏଚ୍‌ପି ଟ୍ରାକ୍ଟର ସେଗ୍‌ମେଣ୍ଟରେ ଏହାର ଅତ୍ୟାଧୁନିକ ନିର୍ମାଣ କ୍ଷମତାର ପ୍ରମାଣ ବୋଲି କୁହାଯାଉଛି। ସେହିପରି ସୋନାଲିକାର ପ୍ରତ୍ୟେକ ହେଭି ଡ୍ୟୁଟି ଟ୍ରାକ୍ଟରକୁ ସର୍ବୋଚ୍ଚ ଗୁଣବତ୍ତା ମାନଦଣ୍ଡ ପୂରଣ କରିବା ପାଇଁ ଷ୍ଟେଟ୍-ଅଫ୍-ଦି-ଆର୍ଟ ରୋବୋଟିକ୍ ଓ ଅଟୋମେଶନ ଟେକ୍ନୋଲୋଜିର ବ୍ୟବହାରକରି ବିକଶିତ କରାଯାଉଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଆମର ହେଭି ଡ୍ୟୁଟି ଟ୍ରାକ୍ଟର ପ୍ରଦାନ କରୁଥିବା 'ଦମ୍ ଆଗେ ବଢ଼ନେ କା' ପ୍ରତିଶ୍ରୁତି ସହ ଆମେ ସବୁବେଳେ ପ୍ରତ୍ୟେକ କୃଷକଙ୍କ ଯାତ୍ରାରେ ସାର୍ଥକ ଯୋଗଦାନ ଦେବା ପାଇଁ ଲକ୍ଷ୍ୟ ରଖିଥାଉ। ଏପରିକି ଏହା ଆମକୁ ପ୍ରଥମ ତ୍ରୈମାସିକରେ ସର୍ବାଧିକ ୪୩,୬୦୩ ୟୁନିଟ୍ ଟ୍ରାକ୍ଟର ବିକ୍ରିକରିବାର ନୂଆ ରେକର୍ଡ ହାସଲ କରିବା ପାଇଁ ସାହାଯ୍ୟ କରିଛି। ମୌସୁମୀ ଋତୁ କୃଷକଙ୍କ ମଧ୍ୟରେ ସକାରାତ୍ମକତା ଆଣିଛି ଏବଂ ରେକର୍ଡ ମାତ୍ରାରେ ଖରିଫ ବୁଣା ଓ ଆଶାବାଦୀ ଫସଲ ଆକଳନ କୃଷକଙ୍କ ପାଇଁ ଆଗକୁ ବଢ଼ିବା ଲାଗି ଅଧିକ ଆୟ ପ୍ରବାହ ସୃଷ୍ଟି କରିବ। ଆମେ କୃଷକଙ୍କ ଜୀବନରେ ଦୀର୍ଘସ୍ଥାୟୀ ଓ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ଉଦ୍ଭାବନ ଓ ଟେକ୍ନୋଲୋଜି ସହିତ ଆମର କୃଷକ-ପ୍ରଥମ ବିଶ୍ୱାସକୁ ସମର୍ଥନ କରିବା ପାଇଁ ଆମର ମୂଲ୍ୟବୋଧ ଓ ଅଭିବୃଦ୍ଧି ମାନସିକତାକୁ ଉପଯୋଗ କରିବା ଜାରି ରଖିବୁ।

# Classified Everyday

**0674-2580101, 9692975378**



REAL ESTATE

**SALE**

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ **5K.M 1500sqft.** କିଣି ଘର କରନ୍ତୁ। **7978947520** D-76283

Resort / Cottage at New Puri 19Lakhs, Sandalwood Project 3Lakhs. 8908113985. D-1225

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391



Positively health benefits SPA expert female therapist homely atmosphere. 8658088274. D-1177

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ ।

## LOST

ମୁଁ ସୁଦେଷ୍ଣା ପ୍ରିୟଦର୍ଶନୀ ମହାପାତ୍ର, ସ୍ୱାମୀ- ଗଡ଼ନାୟକ ଧର୍ମେନ୍ଦ୍ର ରଞ୍ଜନ ରାଉତ, ସା/ପୋ/ଥାନା- ସୋସୋ, ଜି- କେନ୍ଦୁଝର, ପିନ୍- ୭୫୮୦୭୮ ବର୍ତ୍ତମାନର ଠିକଣା- ଆଚାର୍ଯ୍ୟନଗର, ବନ୍ତଛକ, ଜି- ଭଦ୍ରକ, ପିନ୍- ୭୫୬୧୦୧ ଏକ ପଞ୍ଜୀକୃତ ସେଲ୍‌ଡ଼ିଡ୍ (ନଂ- ୧୦୨୩୨୨୦୫୯୦୩ ତା- ୩୦।୧୨।୨୦୨୨) ଜରିଆରେ ଏକ ଜମି କିଣିଥିଲି। ଏହାର ମୂଳ ମଧ୍ୟବର୍ତ୍ତୀ। ସେଲ୍‌ଡ଼ିଡ୍ (ନଂ- ୧୦୨୩୧୧୦୧୯୯୨ ତା- ୨୧।୦୪।୨୦୧୧) ଯାହା ଆମ୍ଭଙ୍କୁ ହସ୍ତାନ୍ତର କରାଯାଇଥିଲା। ମୁଁ ଭଦ୍ରକ ତହସିଲ କାର୍ଯ୍ୟାଳୟରୁ ଫେରୁଥିବାବେଳେ ଉକ୍ତ ଦଲିଲଟି କେଉଁଠି ହଜିଯାଇଛି। ବାରମ୍ବାର ଖୋଜିବା ପରେ ମଧ୍ୟ ଏହା ମିଳିନାହିଁ। ଯଦି ଉକ୍ତ ଦଲିଲ କେହି ପାଆନ୍ତି ଆଡ୍‌ଭୋକେଟ୍ ଯାମିନୀକାନ୍ତ ନାୟକଙ୍କ ମୋବାଇଲ ନଂ- ୮୨୪୯୩୬୦୪୯୧ ରେ ଜଣାଇବାକୁ ଅନୁରୋଧ।
D-1234

## AFFIDAVIT

By virtue of an affidavit No.15AA232130 sworn before Notary Public, Bhubaneswar, dated-05-07-2025. I, Bhanupratap Sahoo, Kundibag, Bhadrak Bypass, Bhadrak, Odisha, PIN-756181 declare that I have changed my name from Bhanu Pratap Sahu to Bhanupratap Sahoo. Henceforth, I shall be known as Bhanupratap Sahoo for all purposes.
Bhanupratap Sahoo
D- 1235

By virtue of an affidavit No.15AA285788 sworn before Notary Public, Bhubaneswar, dated-09-07-2025. I, Nityananda Sahoo, Kundibag, Bhadrak Bypass, Bhadrak, Odisha, PIN–756181 declare that I have changed my name from Nityananda Sahu to Nityananda Sahoo. Henceforth, I shall be known as Nityananda Sahoo for all purposes.
Nityananda Sahoo
D- 1236

I, K. Anivha Dora, D/o- K. Narasingh Dora, resident of Village/ Post/ P.S.- Kabisuryanagar, Dist.- Ganjam, Odisha declare by virtue of this affidavit No.- 3237/22, sworn on dt- 11.03.2022, that from now onwards, I shall be known as Anibha Dora for all purposes D- 73593

By virtue of an affidavit before the Executive Magistrate, Berhampur, Ganjam on dt- 08.07.2025 vide No. A- 1026, I have changed my surname from Latika Mandalo to Latika Bhujabala, W/o- Late Binu Chandra Mandalo, D/o- Bhaskar Bhujabala, resident of At/P.O.- Sikula, P.S.- Purusottampur, Dist.- Ganjam, Odisha-761018. Henceforth, I shall be known as Latika Bhujabala ( new name) for all purpose. D-1230

I, Kartikeswara Dora, S/o Bhagaban Dora, resident of Saila Nivas, Baxi Lane, P.O.- Khordha, P.S./Dist.- Khurda, Odisha- 752055 declare by virtue of this affidavit No.- 1625, sworn on dt- 08.07.2025 that from now onwards I shall be known as Kartikeswar Dora for all purposes.
D-1228

Sworn before Executive Magistrate, Tumudibandha with affidavit No- 226/ 07.07.25, I, Pilat Majhi, S/o- Letenga Majhi, Vill- Ungamaha, P.O.-Kurtamgarh, P.S.- Tumudibandha, Kandhamal changed my name Pilat Majhi to Ayush Majhi. Henceforth, I shall be known as Ayush Majhi for all future purposes. D-1229

I Ramani Ranjan Maharana, S/o- late Kirtan Maharana, At/ P.O.- Banasing, P.S.- Gondia, Dist.- Dhenkanal, Odisha-759014 have changed name of my minor son Priyansh Maharana aged 6years to Riyansh Maharana, dtd- 23.06.2025 before Executive Magistrate, Dhenkanal. D- 1231

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Shikha Tripathy, resident of B/152, Nalconagar, Angul, declare via Affidavit No. 423 (13.05.2025) that my father's name is wrongly mentioned as Saroj Kanta Tripathy in my 10th & +2 certificates. Correct name: Saroja Kanta Tripathy, to be used for all purposes.
D-1233

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



**୰ଯୁଧିଷ୍ଠିର ମହାନ୍ତି**
ବେଲକନ୍ଦା, ଦହିପାଳ, ନାଉଗାଁ, ଜଗତ୍‌ସିଂହପୁର
ଆବିର୍ଭାବ: ୨୧ ଜୁନ ୧୯୪୫
ତିରୋଧାନ: ୩୦ ଜୁନ ୨୦୨୫
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା, ଆଦର୍ଶ, ଆଶୀର୍ବାଦ, ଭଲପାଇବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:- ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ନାତୁଣୀଜ୍ୱାଇଁ ବନ୍ଧୁ ଓ ପରିବାରବର୍ଗ।
ଧ-୧୨୩୭

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**୰ରଙ୍ଗାଧର ନାୟକ**
କେଶରପୁର, ବାଲିବୋ, ଭୁବନ ଢେଙ୍କାନାଳ
ଆବିର୍ଭାବ: ୨୪।୦୧।୧୯୩୬
ତିରୋଧାନ: ୩୦।୦୬।୨୦୨୫
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ଆପଣଙ୍କ ଆତ୍ମୀୟସ୍ୱଜନ ଓ ପ୍ରିୟ ପରିବାରବର୍ଗ।
D-1226

**ଅଷ୍ଟାଦଶ ଶ୍ରାଦ୍ଧ ଦିବସ**



**୰ଅନିରୁଦ୍ଧ ମହାନ୍ତି**
ଗୁରୁପୂର୍ଣ୍ଣିମା ତିଥି ମାଉସୀମା ଛକ,ଭୁବନେଶ୍ୱର
ଆବିର୍ଭାବ: ୧୬।୦୭।୧୯୩୪
ତିରୋଧାନ: ୩୦।୦୭।୨୦୦୭
ବାପା,
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କର ସର୍ବଦା ପାଥେୟ ହେଉ। ତୁମେ ଏ ଦୁନିଆରେ ନ ଥିଲେ ମଧ୍ୟ ଆମମାନଙ୍କ ପାଇଁ ତୁମର ସ୍ମୃତି ସର୍ବଦା ଜୀବିତ ହୋଇ ରହିଅଛି। ପ୍ରଭୁ ରାମେଶ୍ୱର ଓ ଶ୍ରୀମଦ୍ ବାୟା ବାବା ତୁମର ପବିତ୍ର ଆତ୍ମାକୁ ଶାନ୍ତି ଦିଅନ୍ତୁ।
:ଶୋକସନ୍ତପ୍ତ:
ତୁମର ପୁଅ, ବୋହୂ, ଝିଅ-ଜୋଇଁ, ଝିଅ ଓ ନାତୁଣୀମାନେ ଏବଂ ଆତ୍ମୀୟସ୍ୱଜନମାନେ।
D-1226

# ଚିନ୍ତା କରୁଛନ୍ତି ପ୍ରିୟଙ୍କା

ଦିନ ଥିଲା ବଲିଉଡ୍‌ରେ ପ୍ରିୟଙ୍କା ଚୋପ୍ରା ରାଜ୍ କରୁଥିଲେ । କିନ୍ତୁ ହଲିଉଡ୍ ସିନେମାରେ ଏଣ୍ଟ୍ରି ଏବଂ ପରେ ନିକ୍ ଜୋନାସଙ୍କୁ ବିବାହ କରିବା ପରେ ସେ ପ୍ରାୟତଃ ହିନ୍ଦୀ ଫିଲ୍ମ ଠାରୁ ଦୂରେଇ ଯାଇଛନ୍ତି । ଅବଶ୍ୟ କେତେବେଳେ କେମିତି କାଁ ଭାଁ ହିନ୍ଦୀ ଚିତ୍ରରେ ତାଙ୍କୁ ଦେଖିବାକୁ ମିଳୁଛି । ଏବେ ସେ ଏକ ବଲିଉଡ୍ ଅଫରକୁ ନେଇ ଚିନ୍ତାରେ ପଡିଯାଇଛନ୍ତି । ଏହାକୁ ଗ୍ରହଣ କରିବେ ନା ହାତଛଡା କରିବେ ସେ ବିଷୟକୁ ନେଇ ଦୋଛକିରେ ପଡିଛନ୍ତି ପ୍ରିୟଙ୍କା । କଥା କ'ଣ କି, ନିର୍ମାଣାଧୀନ 'ଡନ୍ ୩' ଫିଲ୍ମରେ ଶାହରୁଖ ଖାନ୍ ଏକ କାମିଓ ଭୂମିକାରେ ଅଭିନୟ କରିବେ ବୋଲି ଶୁଣାଯାଉଛି । କଥା କ'ଣ କି ଏହାର ଫିମେଲ ଲିଡ୍‌ରେ କିଆରା ଆଡଭାନୀ ଅଭିନୟ କରିଥାଆନ୍ତେ । ହେଲେ ଯେହେତୁ ସେ ଏବେ ଗର୍ଭବତୀ, ତେଣୁ ସେହି ସ୍ଥାନରେ ପ୍ରିୟଙ୍କାଙ୍କୁ ନେବାକୁ ଯୋଜନା ଚାଲିଛି । ଏ ବିଷୟରେ ସେ କହନ୍ତି, ''ଏକଥା ସତ ଯେ 'ଡନ୍ ୩' ଫିଲ୍ମରେ ଅଭିନୟ କରିବାକୁ ମୋତେ ଅଫର ମିଳିଛି । ହେଲେ ଏହି ସମୟରେ ମୋତେ ଆଉ ଏକ ହଲିଉଡ୍ ସିନେମାରେ ଅଭିନୟ କରିବାର ଯୋଜନା ରହିଛି । ତେଣୁ ଏଥିନେଇ ମୁଁ ଟିକେ ଅଡୁଆରେ ପଡିଯାଇଛି । ତଥାପି ଏ ବିଷୟରେ ଶେଷ ନିଷ୍ପତ୍ତି ନେବାକୁ ସପ୍ତାହେ ସମୟ ନେଇଛି ।'' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଫରହାନ ଅଖତର । ୨୦୨୩ରେ ଏହାର ଟାଇଟଲ ଘୋଷଣା କରାଯାଇଥିଲା । ଏହାର ମୁଖ୍ୟ ଭୂମିକାରେ ରଣବୀର ସିଂ ଅଭିନୟ କରିବେ । ଆସନ୍ତା ବର୍ଷ ଜାନୁଆରୀରେ ଚିତ୍ରଟିର ଶୁଟିଂ ଆରମ୍ଭ ହେବ ଏବଂ ସେହି ବର୍ଷ ଶେଷ ଭାଗରେ ପରଦା ଉପରକୁ ଆସିବ ବୋଲି ଫରହାନ୍ ସୂଚନା ଦେଇଛନ୍ତି । ଯଦି ପ୍ରିୟଙ୍କା ରାଜି ହୁଅନ୍ତି, ତେବେ ରଣବୀରଙ୍କ ସହ ଏହା ହେବ ତାଙ୍କର ଚତୁର୍ଥ ଚଳଚ୍ଚିତ୍ର । ଏହାପୂର୍ବରୁ ରଣବୀର– ପ୍ରିୟଙ୍କା ଯୋଡିକୁ 'ଗୁଣ୍ଡେ', 'ଦିଲ୍ ଧଡକନେ ଦୋ' ଏବଂ 'ବାଜିରାଓ ମସ୍ତାନି' ଫିଲ୍ମରେ ଦେଖିବାକୁ ମିଳିଥିଲା ।


ପ୍ରିୟଙ୍କା

# ଐଶ୍ୱର୍ଯ୍ୟାଙ୍କ ପାଇଁ ଟେନ୍‌ସନ୍

ବଲିଉଡ୍‌ର ବିଶିଷ୍ଟ ନିର୍ଦ୍ଦେଶକ ଜେ.ପି. ଦତ୍ତାଙ୍କ 'ଉମରାଓ ଜାନ୍' ୨୦୦୪ରେ ପରଦା ଉପରକୁ ଆସିଥିଲା । ଏହାର ମୁଖ୍ୟ ଭୂମିକାରେ ଐଶ୍ୱର୍ଯ୍ୟା ରାୟ, ଅଭିଷେକ ବଚ୍ଚନ, ସୁନୀଲ ସେଟ୍ଟୀ ଏବଂ ସବାନା ଆଜମୀ ପ୍ରମୁଖ ଅଭିନୟ କରିଥିଲେ । ଏହି ଫିଲ୍ମରୁ ହିଁ ଅଭିଷେକ– ଐଶ୍ୱର୍ଯ୍ୟା ପ୍ରେମ କାହାଣୀର ଆରମ୍ଭ ହୋଇଥିଲା । ପୁଣି ଦୁହେଁ ପ୍ରେମରେ ଏତେ ମସଗୁଲ୍ ଥିଲେ ଯେ ଶୁଟିଂ ସେଟ୍‌କୁ ଆସିବାକୁ ବିଳମ୍ବ କରୁଥିଲେ । ଏକଦା ଏହାର ଏକ ଗୀତର ଶୁଟିଂ ଆରମ୍ଭ ହେବାକୁ ଥାଏ । ନିର୍ଦ୍ଦେଶକ ଜେ.ପି. ଦତ୍ତା ସକାଳୁ ଆସି ସେଟ୍‌ରେ ପହଞ୍ଚି ଗଲେ । ହେଲେ ଦେଖିଲା ବେଳକୁ ସେଟ୍‌ରେ କେବଳ ଟେକ୍ନିକାଲ ପିଲାମାନେ ହିଁ ଅଛନ୍ତି । ଐଶ୍ୱର୍ଯାଙ୍କୁ ନେଇ ଗୀତ ଶୁଟିଂ ହୋଇଥାଆନ୍ତା । ହେଲେ ତାଙ୍କର ଦେଖାନାହିଁ । ତା'ପରେ ଦତ୍ତା କିଛି ସମୟ ଅପେକ୍ଷା କଲେ । ପୁଣି ତା' ଭିତରେ ଐଶ୍ୱର୍ଯ୍ୟାଙ୍କ ସହ ଯୋଗାଯୋଗ କରାଯାଉଥାଏ । ହେଲେ ସେପଟରୁ କିଛି ଉତ୍ତର ମିଳୁ ନ ଥାଏ । ଶେଷରେ ପରିସ୍ଥିତି ଏପରି ହେଲା ଯେ ନିର୍ଦ୍ଦେଶକ ରାଗରେ ନିଆଁବାଣ ହୋଇଗଲେ । ଏପରିକି ପ୍ରବଳ ରାଗିକରି ସେ କେତୋଟି ଗହଣାକୁ କାଟି ପକାଇଲେ । ପ୍ରାୟ ପାଞ୍ଚ ଘଣ୍ଟା ପରେ ଐଶ୍ୱର୍ଯ୍ୟା ଆସି ଶେଟ୍‌ରେ ପହଞ୍ଚିଲେ ଏବଂ ଶୁଟିଂ ଆରମ୍ଭ ହେଲା ।


ଐଶ୍ୱର୍ଯ୍ୟା


ସାରା ଅର୍ଜୁନ

# ଆଶାବାଦୀ ସାରା ଅର୍ଜୁନ

ସାରା ଅର୍ଜୁନ ଜଣେ ଶିଶୁ କଳାକାର ଭାବରେ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ । ୨୦୧୪ରେ ରିଲିଜ ହୋଇଥିବା ସଲମାନ ଖାନ୍‌ଙ୍କ ଅଭିନୀତ 'ଜୟ ହୋ' ଫିଲ୍ମରେ ସେ ଜଣେ ସ୍କୁଲ ଛାତ୍ରୀ ଭୂମିକାରେ ପରଦା ଉପରକୁ ଆସିଥିଲେ । ତା' ପରେ ତାଙ୍କୁ କେତୋଟି ବିଜ୍ଞାପନରେ ଦେଖିବାକୁ ମିଳିଥିଲା । ଆଉ ମାତ୍ର ୨୦ ବର୍ଷ ବୟସରେ ସେ ପ୍ରସ୍ତୁତ ହେଉଥିବା 'ଧୂରନ୍ଧର' ଫିଲ୍ମରେ ରଣବୀର ସିଂଙ୍କ ନାୟିକା ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି । ଅଭିନେତା ରାଜ ଅର୍ଜୁନଙ୍କ ଏହି କନ୍ୟା ଭୋପାଳରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ଛଅ ବର୍ଷ ବୟସରେ ସେ କେତୋଟି ହିନ୍ଦୀ ଭାଷାରେ ନିର୍ମିତ ପ୍ରାମାଣିକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । 'ଧୂରନ୍ଧର' ଫିଲ୍ମଟିର କାହାଣୀ ରଚନା ଏବଂ ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଉଛନ୍ତି ଆଦିତ୍ୟ ଧର । ଏଥିରେ ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଆର. ମାଧବନ ଏବଂ ଅର୍ଜୁନ ରାମପାଲ ପ୍ରମୁଖ ମଧ୍ୟ ଅଭିନୟ କରିଛନ୍ତି । ଏହି ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୫ ତାରିଖରେ ପରଦା ଉପରକୁ ଆସିବାର ଯୋଜନା ରହିଛି ।

# ମନ୍ତ୍ରମୁଗ୍ଧ

ଚଳିତ ବର୍ଷ ସିନେମା ତାଲିକାରେ ଆଉ ଏକ ଟାଇଟଲ ସାମିଲ ହୋଇଛି । ଖାସ୍ କଥା ହେଲା ଏହି ଫିଲ୍ମର ଶୀର୍ଷକକୁ ନେଇ ଗତ କିଛି ଦିନ ହେବ ବେଶ୍ ହଟଚମଟ ଲାଗି ରହିଥିଲା । କାରଣ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏହାର ଶୀର୍ଷକକୁ ସଂକ୍ଷିପ୍ତରେ 'ଏମଏମ' ବୋଲି ଘୋଷଣା କରାଯାଇଥିଲା । ଶେଷରେ ଏହା ଉପରୁ ପରଦା ହଟାଇଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ତଥା ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ନିଜ ବ୍ୟାନରରେ ସେ ପ୍ରସ୍ତୁତ କରିବାକୁ ଯାଉଛନ୍ତି ନୂଆ ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ' । କେବଳ ସେତିକି ନୁହେଁ, ଚଳିତ ବର୍ଷ ଦୁର୍ଗାପୂଜାରେ ଏହା ରିଲିଜ ହେବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି । ଏହାର କାହାଣୀ ମୁଖ୍ୟତଃ କମେଡି ଉପରେ ପର୍ଯ୍ୟବଶିତ ଏବଂ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବାର ଦମ୍ ରଖିଛି ବୋଲି ନିର୍ଦ୍ଦେଶକ ଅନୁପମ କହିଛନ୍ତି । ତାଙ୍କ ନିର୍ଦ୍ଦେଶିତ 'କର୍ମ' ଗତ ବର୍ଷ ବକ୍ସ ଅଫିସରେ ଆଶାତୀତ ବିଜନେସ କରି ରେକର୍ଡ ସୃଷ୍ଟି କରିଥିଲା । ଏହାର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇବେ ଦୀପକ କୁମାର ଏବଂ ସମ୍ପାଦନା କରିବେ ଚନ୍ଦ୍ରଶେଖର ଶର୍ମା । କାହାଣୀ ଅନୁପମ ଓ ରୋଶନ ବିଶୋଇ ଲେଖିଥିବା ବେଳେ ଚିତ୍ରନାଟ୍ୟ ରଚନା କରିଛନ୍ତି ରୋହିତ ଗେହଲଟ ଓ ଅନୁପମ ପଟ୍ଟନାୟକ । ସଂଳାପ ଲେଖିଛନ୍ତି ପ୍ରଣବ ରଥ । ଫିଲ୍ମର ସଙ୍ଗୀତକୁ ସଜେଇଛନ୍ତି ପାଞ୍ଚ ଜଣ ସଙ୍ଗୀତ ନିର୍ଦ୍ଦେଶକ– ଆଶିଷ ପ୍ରଧାନ,ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ । ଏହି ନୂଆ ସିନେମାର କାଷ୍ଟିଂରେ ସନୋଜ କୁମାର, ମନ୍ମୟ ଦେ' ନବାଗତ ସାର୍ଥକ ଭରଦ୍ୱାଜ, ଦିପନ୍ବିତ ଦାଶମହାପାତ୍ର, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ସୋମା ହୋତା, ଭକ୍ତି ଦାସ , ଟେଲି ଅଭିନେତ୍ରୀ ପିଙ୍କୁ ମହାପାତ୍ର ଓ ଡିଜିଟାଲ କ୍ରିଏଟର ମିଷ୍ଟର ରାଉତ ରହିଛନ୍ତି ।


(ବାମରୁ) ଭୂମିକା– ସୂର୍ଯ୍ୟମୟୀ

# ନାଗାର୍ଜୁନଙ୍କ ରୋଲ୍ ମଡେଲ୍

ତେଲୁଗୁ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ନାଗାର୍ଜୁନ । ହେଲେ ତାଙ୍କର ରୋଲ୍ ମଡେଲ କିଏ ? କାହା ଦ୍ୱାରା ଅନୁପ୍ରାଣିତ ହୋଇ ସେ ଅଭିନୟକୁ କ୍ୟାରିୟର କରିବାକୁ ସ୍ଥିର କରିଥିଲେ ? ଏ ବିଷୟରେ ସେ କହନ୍ତି, ''ମୋର ରୋଲ୍ ମଡେଲ ଆଉ କେହି ନୁହନ୍ତି । ସେ ହେଉଛନ୍ତି ମୋ ପାପା ଆକ୍କିନେନି ନାଗାର୍ଜୁନ । ସେ ଥିଲେ ତେଲୁଗୁ ସିନେମା ଜଗତର ଜଣେ ନାମୀ କଳାକାର । ମୁଁ ଏକଦା ଅଭିନୟ କରିବି ବୋଲି ପାପାଙ୍କୁ କହିଥିଲି । ସେ ମୋ କଥା ଶୁଣି ହସିଦେଇ କହିଲେ, 'ତୁ ଯାହା ଠିକ୍ ଭାବୁଛୁ ସେଇଆ କର ।' ଆଜି ମୁଁ ନିଜକୁ ଯଦି ଜଣେ ସଫଳ ଅଭିନେତା ଭାବରେ ଠିଆ କରିପାରିଛି ତା'ପଛରେ ମୋ ପାପାଙ୍କର ଆର୍ଶୀବାଦ ରହିଛି ।'' ୧୯୬୧ରେ ନିମିତ ତେଲୁଗୁ ସିନେମା 'ଭେଲୁଗୁ ନିଡାଲୁ'ରେ ସେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ । ଅନ୍ୟପକ୍ଷରେ ୧୯୮୯ରେ ନିର୍ମିତ ତଥା ମଣି ରତ୍ନମଙ୍କ ନିର୍ଦ୍ଦେଶିତ 'ଗୀତାଞ୍ଜଳି' ପାଇଁ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାରେ ସକ୍ଷମ ହୋଇଥିଲେ । ୬୫ ବର୍ଷ ବୟସ୍କ ଏହି ଅଭିନେତା ଏକାଧାରରେ ଜଣେ ଅଭିନେତା ଏବଂ ପ୍ରଯୋଜକ । ତା'ସହ ସେ ନିଜକୁ ସମାଜସେବାରେ ମଧ୍ୟ ନିୟୋଜିତ ରଖିଛନ୍ତି । ତାଙ୍କର ପୁଅ ନାଗା ଚୈତନ୍ୟ ଏବେ ନିଜ ଅଭିନୟ କ୍ୟାରିୟର ଜାରି ରଖିଛନ୍ତି ।


ନାଗାର୍ଜୁନ

# ସପନର ଆରପାରି ଗାଁ

ଅନେକ କଳା ପରମ୍ପରା ଦିନକୁ ଦିନ ହଜିଯାଉଛି । ଆଉ ସେଭଳି ଏକ ଲୋକକଳା ହେଲା ବାଉଁଶରାଣୀ ଖେଳ । ନିଜ ଜୀବନକୁ ବାଜି ଲଗାଇ ଏକ ଛୋଟ ଝିଅ ଦୁଇ ପଟରେ ଦୁଇଟି ବାଉଁଶରେ ବନ୍ଧା ହୋଇଥିବା ଏକ ଦଉଡି ଉପରେ ବିନା ସପୋର୍ଟରେ ଚାଲି ଚାଲି ଏପଟରୁ ସେପଟକୁ ଯାଏ । ଏଭଳି ବିଷୟକୁ ସିନେମାର କାହାଣୀରେ ପ୍ରାଥମିକତା ଦିଆଯାଇଛି । ତା'ସହ ଏଥିରେ ରହିଛି ଲଭ୍, ଇମୋଶନ, ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା । ଉକ୍ତ ନୂଆ ଓଡ଼ିଆ ସିନେମାଟି ହେଉଛି 'ସପନର ଆରପାରି ଗାଁ' । ଏ ବିନୋଦିନୀ କ୍ରିଏସନ୍ସ ଡ୍ରିମ୍ସ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ସସ୍ମିତା ପାଢ଼ୀ । ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା କିଏ ଦେବ ତାହା ପରେ ଘୋଷଣା ପରେ କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଏହାର ନାୟକ ସାଜୁଛନ୍ତି ବିଶ୍ୱରୂପ । 'ବିଶ୍ୱରୂପ ବର୍ନ ଟୁ ଫାଇଟ' ଏବଂ ଐତିହାସିକ ସିନେମା 'ଜୟୀ ରାଜଗୁରୁ' ପରେ ଏହି ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ବିଶ୍ୱରୂପ । ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି ଶାନ୍ତନୁ ନାୟକ । ସଂଳାପ ଲେଖିଛନ୍ତି ଜିତେନ୍ଦ୍ର ବରାଳ । ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ,କୁଳଦୀପ ପଟ୍ଟନାୟକ, ଅନ୍ତରା ଚକ୍ରବର୍ତ୍ତୀ ଏବଂ ଶାନ୍ତନୁ ନାୟକ । ବିଭିନ୍ନ ଭୂମିକାରେ ବିଦୁସ୍ମିତା ମନ୍ତ୍ରୀ, ଶୁଭଲକ୍ଷ୍ମୀ, ଉଦିତ ଗୁରୁ, ଚୌଧୁରୀ ଜୟପ୍ରକାଶ ଦାସ ସାଇଶ୍ରୀ ଏବଂ କାଳୀ ପ୍ରମୁଖ ଅଭିନୟ କରିବେ । ଫିଲ୍ମଟିର ଶୁଟିଂ ଚଳିତ ମାସ ତୃତୀୟ ସପ୍ତାହରେ ଆରମ୍ଭ ହେବ ବୋଲି ଯୋଜନା ରହିଛି ।


ବିଶ୍ୱରୂପ

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୦/୨୦୨୫ Bhubaneswar, Thursday, July 10/ 2025

# ସ୍ୱିଟେକ-ବେଙ୍କିକ୍ ସେମିଫାଇନାଲ






କ୍ୱାର୍ଟର ଫାଇନାଲ ମ୍ୟାଚ ଜିତିବାପରେ ବେଲିଣ୍ଡା ବେଙ୍କିକ୍ ଓ ଇଗା ସ୍ୱିଟେକ।

**ଲଣ୍ଡନ, ୯।୭**

ପୋଲାଣ୍ଡର ଇଗା ସ୍ୱିଟେକ ଓ ସ୍ୱିଡେନର ବେଲିଣ୍ଡା ବେଙ୍କିକ୍ ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସ୍ୱିଟେକ ରୁଷିଆର ଲୁଡମିଲା ସାମ୍ସୋନୋଭାଙ୍କୁ ୬-୨, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି। ଦ୍ୱିତୀୟ ସେଟ୍‌ରେ ସାମ୍ସୋନୋଭା ଟକ୍କର ଦେଇଥିଲେ ମଧ୍ୟ ସ୍ୱିଟେକ ନିଜ ଅଭିଜ୍ଞତାର ଉପଯୋଗ କରି ବିଜୟ ହାସଲ କରିଥିଲେ। ପୂର୍ବତନ ନମ୍ବର୍‌ୱାନ ଖେଳାଳି ସ୍ୱିଟେକ ୪ ଥର ଫ୍ରେଞ୍ଚ୍ ଓପନ ଏବଂ ଥରେ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଜିତିଥିଲେ ହେଁ କେବେ ୱିମ୍ବଲଡନ ଟ୍ରଫି ହାସଲ କରିପାରି ନାହାନ୍ତି। ଚଳିତ ବର୍ଷ ସେମିଫାଇନାଲ ପ୍ରବେଶ ୱିମ୍ବଲଡନରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ସେ ୨୦୨୩ରେ ସର୍ବାଧିକ କ୍ୱାର୍ଟର ଫାଇନାଲ ଖେଳି ବିଦାୟ ନେଇଥିଲେ। ଏବେ ସେ

**ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ**

୮ମ ସିଡ୍‌ଭାବେ ୱିମ୍ବଲଡନ ଖେଳୁଛନ୍ତି। ସେହିପରି ବେଙ୍କିକ୍ ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ରୁଷିଆର ମୀରା ଆନ୍ଦ୍ରିଭାଙ୍କୁ ୭-୬(୭/୩) ଓ ୭-୬(୭/୨) ସେଟ୍‌ରେ ହରାଇ ଆଗକୁ ବଢ଼ିଛନ୍ତି। ଆନ୍ଦ୍ରିଭା ଉଭୟ ସେଟ୍‌ରେ କଡ଼ା ଚ୍ୟାଲେଞ୍ଜ ଦେଇ ନିଜପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ମାତ୍ର ଟାଇବ୍ରେକରେ ବେଙ୍କିକ୍ ବାଜି ମାରିଥିଲେ। ସ୍ୱିଟେକଙ୍କ ପରି ବେଙ୍କିକ୍ ମଧ୍ୟ ପ୍ରଥମଥରପାଇଁ ୱିମ୍ବଲଡନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଉଭୟଙ୍କ ମଧ୍ୟରେ ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହେବ।

# ଜାତୀୟ ଜୁନିୟର ରଗ୍‌ବୀ: ଓଡ଼ିଶାକୁ ରୌପ୍ୟ




ରୌପ୍ୟ ପଦକ ବିଜୟୀ ଓଡ଼ିଶା ମହିଳା ରଗ୍‌ବୀ ଦଳ।

**ଭୁବନେଶ୍ୱର, ୯।୭(ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ ଜୁନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ରନରଅପ୍ ହୋଇ ରୌପ୍ୟ ପଦକ ଲାଭ କରିଛି। ସେମିଫାଇନାଲ ପର୍ଯ୍ୟନ୍ତ ଓଡ଼ିଶା ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାରକରି ଖେଳିଥିଲା। ଅଧିକାଂଶ ମ୍ୟାଚ୍‌ରେ ପ୍ରତିପକ୍ଷ ଦଳକୁ ସ୍କୋରିଂ ସୁଯୋଗ ଦେଇ ନ ଥିଲା। ମାତ୍ର ବୁଧବାର ଅନୁଷ୍ଠିତ ଫାଇନାଲରେ ବିହାରଠାରୁ ୫-୧୪ରେ ହାରିଯାଇଛି। ଓଡ଼ିଶା ଖେଳାଳିମାନେ ଚ୍ୟାଲେଞ୍ଜ ଦେଇଥିଲେ ମଧ୍ୟ ବିହାର ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲା। ପ୍ରତିଯୋଗିତାର ଗତ ସଂସ୍କରଣରେ ମଧ୍ୟ ମହିଳା ଦଳ ରୌପ୍ୟ ପଦକ ହାସଲ କରିଥିଲା। ଏଥର ତାହାକୁ ସ୍ୱର୍ଣ୍ଣରେ ପରିଣତ କରିବାର ଅଭିଳାଷ ପୂରଣ ହୋଇପାରିନାହିଁ। ପୂର୍ବରୁ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୩୨-୦ରେ କେରଳକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ମନୀଷା ମାଝି, ଅନିତା ମୁର୍ମୁ, ବାସି ଓରାମ୍, ସନ୍ଧ୍ୟାରାଣୀ ବିଶ୍ୱାଳ ଓ ପମା ମୁର୍ମୁ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ପରେ ସେମିଫାଇନାଲରେ ମହାରାଷ୍ଟ୍ରକୁ ୩୪-୦ରେ ପରାସ୍ତକରି ଫାଇନାଲରେ ପହଞ୍ଚିଥିଲା। ପ୍ରକାଶଯୋଗ୍ୟ, ପୁଲ୍ ପର୍ଯ୍ୟାୟରେ ମଣିପୁରକୁ ୫୩-୦ ଓ ଉତ୍ତର ପ୍ରଦେଶକୁ ୩୮-୫ରେ ହରାଇ ଓଡ଼ିଶା ଗ୍ରୁପ୍ ଟପ୍ପର ହୋଇଥିଲା। ପରେ ପ୍ରି-କ୍ୱାର୍ଟର ଫାଇନାଲରେ ଉତ୍ତରାଖଣ୍ଡକୁ ୪୫-୦ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

# ଫଗନିନିଙ୍କ ଅବସର ଘୋଷଣା

**ଲଣ୍ଡନ,୯।୭(ଏପି)**

ପୂର୍ବତନ ଟପ୍-୧୦ ସିଙ୍ଗଲ୍ସ ଖେଳାଳି ଫାବିଓ ଫଗନିନି ୱିମ୍ବଲଡନ୍‌ରେ ବୁଧବାର ପ୍ରଫେସନାଲ ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି। ସେ ଗତ ସପ୍ତାହରେ ୱିମ୍ବଲଡନ୍‌ର ପ୍ରଥମ ରାଉଣ୍ଡରେ କାର୍ଲୋସ ଅଲ୍‌କାରାଜ୍‌ଙ୍କଠାରୁ ପରାଜିତ ହୋଇଥିଲେ। ଟୁର୍ ସ୍ତରରେ ଏହା ଫଗନିନିଙ୍କ କ୍ରମାଗତ ୧୦ମ ପରାଜୟ ଥିଲା। ଚଳିତ ବର୍ଷ ସେ ଲଗାତର ସପ୍ତମ ଥର ପାଇଁ କୌଣସି ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ। ପୂର୍ବରୁ ସେ ଚଳିତ ସିଜନ ଶେଷରେ ଅବସର ନେବେ ବୋଲି ଘୋଷଣା କରିଥିଲେ। କିନ୍ତୁ ବୁଧବାର ଅଲ୍ ଇଂଲଣ୍ଡ କ୍ଲବରେ ଏକ ଖବରଦାତା ସମ୍ମିଳନୀ ଡକାଇ ତାଙ୍କ ଅବସର ନେଇ ଘୋଷଣା କରିଛନ୍ତି।

'ବିଦାୟ ଜଣାଇବା ପାଇଁ ଏହା ହିଁ ଶ୍ରେଷ୍ଠ ମାଧ୍ୟମ' ବୋଲି ଫଗନିନି କହିଥିଲେ। ଚଳିତ ୱିମ୍ବଲଡନ ଚାମ୍ପିୟନଶିପ୍ ତାଙ୍କ କ୍ୟାରିୟରର ୬୩ତମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଥିଲା। ସେ ୨୦୧୧ ଫ୍ରେଞ୍ଚ୍ ଓପନ୍‌ରେ କ୍ୱାର୍ଟର ଫାଇନାଲ ଖେଳିଥିଲେ, ଯାହା ଥିଲା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସଫଳତା। ସେହି ମ୍ୟାଚ୍‌ରେ ସେ ଇଞ୍ଜୁରି କାରଣରୁ ଖେଳି ନ ଥିଲେ। ଫଗନିନି ହେଉଛନ୍ତି ୨୦୧୫ ୟୁଏସ୍ ଓପନ୍ ଚାମ୍ପିୟନ ଫ୍ଲାଭିଆ ପେନେଟାଙ୍କ ସ୍ୱାମୀ। ସେ କ୍ୟାରିୟରର ୯ଟି ସିଙ୍ଗଲ୍ସ ଟାଇଟଲ ଜିତିଥିଲେ। ୨୦୧୯ରେ ସେ ମଣ୍ଟେ କାର୍ଲୋ ଜିତିଥିଲେ, ଯାହାକି ତାଙ୍କର ଅନ୍ତିମ ଟ୍ରଫି ଥିଲା। ଗତବର୍ଷ ସେ ନଂ.୯ ସ୍ଥାନ ହାସଲ କରିଥିଲେ।




ଫାବିଓ ଫଗନିନି

# ଭାରତ ଏ' ୬-୧ ଗୋଲରେ ଜିତିଲା

**ଆମଷ୍ଟରଡାମ,୯।୭(ପି.ଟି.):** ଭାରତ ଏ' ପୁରୁଷ ହକି ଦଳ ବୁଧବାର ଏକ ବୃହତ୍ ବିଜୟ ସହ ତା'ର ୟୁରୋପିଆନ ଟୁର୍ ଆରମ୍ଭ କରିଛି। ହକି କ୍ଲବ ଅରେଞ୍ଜ୍-ରୁଡ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଏ' ୬-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଆଦିତ୍ୟ ଲାଲାଗେ ଦୁଇଟି ଗୋଲ୍ କରିଥିବାବେଳେ ଉତ୍ତମ ସିଂ, ଅମନ୍ଦୀପ ଲାକ୍ରା, ସେଲଭମ କାର୍ଥି ଓ ବବି ସିଂ ଧାମି ଗୋଟିଏ ଲେଖାଏ ଗୋଲ୍‌ସ୍କୋର କରିଥିଲେ। ମ୍ୟାଚ୍‌ରେ ଭାରତୀୟ ଦଳ ସମସ୍ତ ୪ କ୍ୱାର୍ଟରରେ ପଡ଼ିଆରା ବିସ୍ତାରକରି ଖେଳିଥିଲା। ଉତ୍ତମଙ୍କ ଗୋଲ ବଳରେ ଦଳ ଖାତା ଖୋଲିଥିବାବେଳେ ଅମନ୍ଦୀପଙ୍କ ଗୋଲ ଭାରତର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲା। ଏହାପରେ ଆଦିତ୍ୟ ଲଗାତର ୨ଟି ଗୋଲ କରିଥିଲେ। ତାଙ୍କ ପରେ ସେଲଭମ କାର୍ଥି ଓ ବବି ସିଂ ଧାମି ଗୋଟିଏ ଲେଖାଏ ସ୍କୋର କରିଥିଲେ। ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ପୁଣିଥରେ ଆୟର୍ଲାଣ୍ଡକୁ ଭେଟିବ। ଏହାପରେ ଦଳ ତା'ର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ ଫ୍ରାନ୍ସ, ଇଂଲଣ୍ଡ, ବେଲ୍‌ଜିୟମ ଓ ଆୟୋଜକ ନେଦରଲାଣ୍ଡ୍‌କୁ ମଧ୍ୟ ଭେଟିବ।

# ମୁହଁ ଖୋଲିଲେ ଯଶ୍ ଦୟାଲ

**ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଅଭିଯୋଗ**

**ଲକ୍ଷ୍ନୌ,୯।୭**

ଗାଜିଆବାଦ୍‌ର ଜଣେ ମହିଳା ଆଣିଥିବା ଯୌନ ନିର୍ଯ୍ୟାତନା ଅଭିଯୋଗ ସମ୍ପର୍କରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) ପେସର ଯଶ୍ ଦୟାଲ ବୁଧବାର ପ୍ରଥମଥର ମୁହଁ ଖୋଲିଛନ୍ତି। ଏଥିସହିତ ପ୍ରୟାଗରାଜ ଥାନାରେ ଉକ୍ତ ମହିଳାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଉକ୍ତ ମହିଳା ତାଙ୍କ ଆଇଫୋନ୍ ଓ ଲାପ୍‌ଟପ୍ ଚୋରି କରିଥିବା ଏବଂ ନିଜ ଚିକିତ୍ସା ଏବଂ ପରିବାର ଲୋକଙ୍କ ଚିକିତ୍ସା ଆଳରେ ଲକ୍ଷାଧିକ ଟଙ୍କା ଧାର ନେଇଥିବା ନେଇ ୨୭ ବର୍ଷୀୟ ଫାଷ୍ଟ ବୋଲର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏତଦ୍‌ବ୍ୟତୀତ ସେ ପ୍ରୟାଗରାଜ ପୋଲିସକୁ କହିଛନ୍ତି, ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମ ଜରିଆରେ ଉକ୍ତ ମହିଳାଙ୍କ ସହ ପରିଚିତ ହୋଇଥିଲେ। ଏହାପରେ ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ଶପିଂ ଓ ଚିକିତ୍ସା ଆଳରେ ଉକ୍ତ ମହିଳା ଜଣକ ବାରମ୍ବାର ଟଙ୍କା ଧାର ନେଇଥିବା ଦାବି କରିଥିଲେ। ନିଜ ଦାବିକୁ ପ୍ରମାଣ କରିବା ପାଇଁ ତାଙ୍କ ପାଖରେ ଯଥେଷ୍ଟ ତଥ୍ୟ ରହିଥିବା ସେ କହିଛନ୍ତି। ଉକ୍ତ ମହିଳା ଗାଜିଆବାଦ୍ ଥାନାରେ ଅଭିଯୋଗ କରିଥିବା ନେଇ ଜାଣିବା ପରେ ତାଙ୍କ ବିରୋଧରେ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଥିଲେ। ୩ ପୃଷ୍ଠାବିଶିଷ୍ଟ ଅଭିଯୋଗରେ ଦୟାଲ ଉକ୍ତ ମହିଳା ଓ ତାଙ୍କ ପରିବାରର ଦୁଇ ସଦସ୍ୟଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିବାକୁ ଦାବି କରିଛନ୍ତି। ତେବେ ଗତ ରବିବାର ଉକ୍ତ ମହିଳା ଦୟାଲଙ୍କ ବିରୋଧରେ ଇନ୍ଦିରାପୁରମ୍ ଥାନାରେ ବିଏନ୍‌ଏସ୍ ଦଫା ୬୯(ମିଛ ବିବାହ ପ୍ରତିଶ୍ରୁତି ଦେଇ ଯୌନସମ୍ପର୍କ ରକ୍ଷା କରିବା)ରେ ଏଏକ ମାମଲା ରୁଜୁ କରିଥିଲେ।

# ଅଗଷ୍ଟ ୨୯ରୁ ପ୍ରୋ କବାଡ଼ି ଲିଗ୍-୧୨

**ମୁମ୍ବାଇ,୯।୭(ପି.ଟି.):** ପ୍ରୋ କବାଡ଼ି ଲିଗ୍(ପିକେଏଲ୍)ର ୧୨ଶ ସିଜନ ଆସନ୍ତା ଅଗଷ୍ଟ ୨୯ରୁ ଆରମ୍ଭ ହେବ। ଏ ନେଇ ଆୟୋଜକମାନେ ବୁଧବାର ଘୋଷଣା କରିଛନ୍ତି। ପ୍ରଥମ ଥର ପାଇଁ ଗତବର୍ଷ ଚାମ୍ପିୟନ ହୋଇଥିବା ହରିୟାଣା ଷ୍ଟିଲର୍ସ ତା'ର ଟାଇଟଲ ଡିଫେଣ୍ଡ କରିବ। ନିକଟରେ ଶେଷ ହୋଇଥିବା ଅକ୍ସନରେ ସମସ୍ତ ୧୨ ଫ୍ରାଞ୍ଚାଇଜ୍ ସେମାନଙ୍କ ଦଳକୁ ସଶକ୍ତ କରିଛନ୍ତି। ଏଣୁ ଆଗାମୀ ସିଜନରେ ଅପ୍ରତ୍ୟାଶିତ ପ୍ରତିଦ୍ୱନ୍ଦ୍ୱିତା ଓ ଏଣ୍ଟରଟେନ୍‌ମେଣ୍ଟ ଦେଖିବାକୁ ମିଳିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ତେବେ ଭେନ୍ୟୁ ଓ ଅନ୍ୟାନ୍ୟ ତଥ୍ୟ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ୧୨ଶ ସିଜନ ଲାଗି ଗତ ମେ' ୩୧ ଓ ଜୁନ୍ ୧ରେ ମୁମ୍ବାଇରେ ଏହାର ଅକ୍ସନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦ ଖେଳାଳି ୧ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟରେ ବିକ୍ରି ହୋଇଥିଲେ।

# ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଇନ୍‌ଡୋର ଷ୍ଟାଡିୟମ 'ସଟଲ' ଓ ପୋଖରୀପୁଟସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ୟୁନେକ୍ସ ସନ୍‌ରାଇଜ୍ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ବୁଧବାର ମହିଳା ଓ ପୁରୁଷ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାସୁଦ୍ଧା ମୋଟ ୧୭୦ ଗେମ୍ ସମାପ୍ତ ହୋଇଛି। ଯୋଗ୍ୟତା ପର୍ଯ୍ୟାୟ ପରେ ମୋଟ ୧୧୨ ଖେଳାଳିଙ୍କୁ ନେଇ ମୁଖ୍ୟ ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଏହି ପ୍ରତିଯୋଗିତା ଓସ୍‌ବା ସଭାପତି ରାଜେଶ ପ୍ରଭାକର ପାଟିଲ ଓ ସମ୍ପାଦକ ନିଳିନ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ମୁଖ୍ୟ ରେଫରି ଭାବରେ ବିଡବ୍ଲୁଏଏଫ ମାନ୍ୟତାପ୍ରାପ୍ତ ସି.ଆର. ରାଜିବ, ଅନ୍ତର୍ଜାତୀୟ ରେଫରି ଗୌରବ ଖାନ୍ନା ଏବଂ ସହଯୋଗୀ ରେଫରି ଭାବରେ ବିଜୟ କୁମାର ବାଗ, ମନୋଜ ସାବତପ୍ରମୁଖ ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ସିଙ୍ଗଲ୍ସ, ଡ଼ବଲ୍ସ, ମିକ୍ସଡ଼ ଡ଼ବଲ୍ସ ଆଦି ବର୍ଗରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ଜୁଲାଇ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବୁଧବାର ଜଣେ ପ୍ରତିଯୋଗୀ ଶଟ୍ ଖେଳୁଛନ୍ତି।

# ଲର୍ଡ୍ସରେ ଅଗ୍ରଣୀ ପାଇଁ ଲଢ଼େଇ

**ଲଣ୍ଡନ,୯।୭(ପି.ଟି.)**

ଗୁରୁବାରଠାରୁ 'ହୋମ୍ ଅଫ୍ ଦ କ୍ରିକେଟ୍' ଭାବେ ପରିଚିତ ଲର୍ଡ୍ସରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ଖେଳାଯିବ। ୫ ମ୍ୟାଚ୍‌ବିଶିଷ୍ଟ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ସିରିଜ୍ ଏବେ ୧-୧ ବରାବର ସ୍ଥିତିରେ ରହିଛି। ଏଣୁ ତୃତୀୟ ଟେଷ୍ଟକୁ ଜିତି ଉଭୟ ଦଳ ସିରିଜ୍‌ରେ ଅଗ୍ରଣୀ ହାସଲ କରିବା ଲକ୍ଷ୍ୟରେ ରହିବେ। ତେବେ ଘରୋଇ ଦଳ ଅପେକ୍ଷା ଭ୍ରମଣକାରୀ ଦଳ ଏବେ ଫାଇଦାରେ ରହିଛି। ଭାରତର ପ୍ରାୟ ସମସ୍ତ ବ୍ୟାଟର ଫର୍ମରେ ଥିବା ବେଳେ ନଂ.୧ ଟେଷ୍ଟ ବୋଲର ଯଶ୍‌ପ୍ରୀତ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ଏଥିଯୋଗୁ ଭାରତୀୟ ଦଳ ଖୁବ୍ ଆତ୍ମବିଶ୍ୱାସର ସହ ମ୍ୟାଚ୍‌କୁ ଓହ୍ଲାଇବ।

ଦ୍ୱିତୀୟ ଟେଷ୍ଟରେ ବୁମ୍‌ରାଙ୍କ ଅନୁପସ୍ଥିତିରେ ଭାରତ ୩୩୬ ରନ୍‌ର ବଡ଼ ବ୍ୟବଧାନରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ପ୍ରଥମ ଟେଷ୍ଟରେ ଯଦି ଭାରତୀୟ ଖେଳାଳି କ୍ୟାଚ୍ ଛାଡ଼ି ନ ଥାନ୍ତେ ଓ ଲୋୟର-ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ହୋଇ ନ ଥାନ୍ତା, ତେବେ ଭାରତୀୟ ଦଳ ସିରିଜ୍‌ରେ ୨-୦ରେ ଆଗରେ ରହିଥାନ୍ତା। ରୋହିତ୍ ଶର୍ମା, ବିରାଟ କୋହଲି, ରବିଚନ୍ଦ୍ରନ ଅଶ୍ୱିନଙ୍କ ଭଳି ସିନିୟର ଖେଳାଳିଙ୍କ ଅନୁପସ୍ଥିତିରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଅନଭିଜ୍ଞ ଦଳ ଇଂଲଣ୍ଡରେ ଭଲ ପ୍ରଦର୍ଶନ କରିପାରିବ ନାହିଁ ବୋଲି ଆଶା କରାଯାଉଥିଲା। ହେଲେ ଏହି ଦଳ ଉଭୟ ଟେଷ୍ଟରେ ପ୍ରାୟତଃ ସେସନରେ ଆଗରେ ରହିଥିଲା। ଏହା ଭାରତୀୟ କ୍ରିକେଟ୍‌ରେ ଥିବା ପ୍ରତିଭା ଓ ଗଭୀରତାକୁ ଦର୍ଶାଉଛି। ଯୁବ ଭାରତୀୟ ବ୍ୟାଟର ଖୁବ୍ ସାରା ରନ୍‌କରି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ତାଙ୍କର ଷ୍ଟ୍ରାଟେଜି ବଦଳାଇବାକୁ ବାଧ୍ୟ କରିଛନ୍ତି। ଭାରତୀୟ ବ୍ୟାଟରଙ୍କ ଅପୂର୍ବ ସଫଳତା ଯୋଗୁ ଫ୍ଲାଟ୍ ପିଚ୍ ପ୍ରସ୍ତୁତ କରିବା ଆୟୋଜକ ଇଂଲଣ୍ଡ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି। ଏଣୁ ଲର୍ଡ୍ସରେ ବୋଲରଙ୍କୁ ଅପେକ୍ଷାକୃତ ଅଧିକ ସିମ୍ ମୁଭ୍‌ମେଣ୍ଟ ଓ ବାଉନ୍ସ ମିଳିବ ବୋଲି ଆଶା କରାଯାଉଛି। କିନ୍ତୁ ପେସରଙ୍କୁ ସୁହାଉଥିବା ପିଚ୍‌ରେ ବୁମ୍‌ରା, ମହମ୍ମଦ ସିରାଜ ଓ ଆକାଶ ଦୀପଙ୍କୁ ନେଇ ଗଠିତ ପେସ୍ ଆଟାକ୍‌ର ସମ୍ମୁଖୀନ ହେବା ଇଂଲଣ୍ଡ ବ୍ୟାଟରଙ୍କ ଲାଗି ସହଜ ହେବନାହିଁ। ଭାରତ ପାଇଁ ବୁମ୍‌ରା ଫେରୁଥିବା ବେଳେ ଇଂଲଣ୍ଡ ଦଳକୁ ଫେରିଛନ୍ତି ଜୋଫ୍ରା ଆର୍ଚ୍ଚର। ସେ ପ୍ରାୟ ୪ ବର୍ଷ ପରେ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ଏଣୁ ଉଭୟ ଦଳର ବ୍ୟାଟରଙ୍କୁ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। କରୁନ ନାୟାରଙ୍କ ଫର୍ମକୁ ଛାଡ଼ିଦେଲେ ଭାରତର ବ୍ୟାଟିଂ ବିଭାଗରେ ଅନ୍ୟ କୌଣସି ସମସ୍ୟା ନାହିଁ। ଦ୍ୱିତୀୟ ମ୍ୟାଚ୍ ଖେଳିଥିବା ଭାରତୀୟ ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯିବ ବୋଲି ଆଶା କରାଯାଉଛି। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବାଦ୍ ଦିଆଯାଇ ବୁମ୍‌ରାଙ୍କୁ ସାମିଲ କରାଯିବାର ବିଶେଷ ସମ୍ଭାବନା ରହିଛି। ୧୦ ଉଇକେଟ ସଫଳତା ସହ ଆକାଶ ଇଂଲଣ୍ଡରେ ତାଙ୍କ ପଦାର୍ପଣକୁ ସ୍ମରଣୀୟ କରାଇଥିବା ବେଳେ ସିରାଜ ମଧ୍ୟ ୯ ଉଇକେଟ ନେଇଥିଲେ। ୨୦୨୧ରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସିରାଜ ୮ଟି ଉଇକେଟ ନେଇଥିଲେ। ଭାରତ ଏଜ୍‌ବାଷ୍ଟନଠାରେ ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର ଓ ନୀତିଶ ରେଡ୍ଡୀଙ୍କୁ ୩ ଅଲରାଉଣ୍ଡର ଭାବେ ଖେଳାଇଥିଲା। ଏହି କମ୍ବିନେଶନ ଏବେ ଜାରି ରହିପାରେ।

ଅନ୍ୟପକ୍ଷରେ ଆର୍ଚ୍ଚରଙ୍କୁ ସାମିଲକରି ଇଂଲଣ୍ଡ ତା'ର ବୋଲିଂ ଆଟାକ୍‌କୁ ଆହୁରି ସୁଦୃଢ଼ କରିଛି। ଇଂଲଣ୍ଡ ଓପନର ଜ୍ୟାକ୍ କ୍ରଲିଙ୍କ ଉପରେ ଚାପ ରହିବ। ସେ ଏଜ୍‌ବାଷ୍ଟନର ଉଭୟ ଇନିଂସ୍‌ରେ ବିଫଳ ହୋଇଥିଲେ। ଅଧିନାୟକ ଷ୍ଟୋକ୍ସଙ୍କୁ ମଧ୍ୟ ବ୍ୟାଟିଂ ଦକ୍ଷତା ପ୍ରଦର୍ଶିତ କରିବାକୁ ପଡ଼ିବ।




## ଫେରିଲେ ଜୋଫ୍ରା ଆର୍ଚ୍ଚର

ଭାରତ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍ ଲାଗି ବୁଧବାର ଇଂଲଣ୍ଡ ପକ୍ଷରୁ ଚୂଡ଼ାନ୍ତ ଏକାଦଶ ଦଳ ଘୋଷଣା କରାଯାଇଛି। ଦଳରେ ପେସର ଜୋଫ୍ରା ଆର୍ଚ୍ଚର ସ୍ଥାନ ପାଇଛନ୍ତି। ସେ ଦୀର୍ଘ ୪ ବର୍ଷ ପରେ ଟେଷ୍ଟ ଦଳକୁ ଫେରୁଛନ୍ତି। ଅନ୍ତିମଥର ୨୦୨୧ ଫେବୃଆରୀରେ ସେ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଆର୍ଚ୍ଚରଙ୍କୁ ଜୋଶ୍ ଟଙ୍ଗ୍‌ଙ୍କ ବଦଳରେ ସାମିଲ କରାଯାଇଛି। ଏହା ବ୍ୟତୀତ ଇଂଲଣ୍ଡ ଦଳରେ ଅନ୍ୟ କୌଣସି ପରିବର୍ତ୍ତନ କରାଯାଇନାହିଁ। **ଚୂଡ଼ାନ୍ତ ଇଂଲଣ୍ଡ ଦଳ:** ଜ୍ୟାକ୍ କ୍ରଲି, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ଉଇକେଟ୍‌କିପର), ଜୋଫ୍ରା ଆର୍ଚ୍ଚର, ଶୋଏବ ବସିର, ବ୍ରାଇଡନ କାର୍ସ ଓ କ୍ରିସ୍ ୱୋକ୍ସ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ